ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୬ | ସଂଖ୍ୟା-୫୮ | ବୁଧବାର | ୨୧ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-58 | Wednesday | 21 May 2025 | Bhubaneswar | Pages-8 | Rs. 2.00

## ଜେନେଭାରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସମାବେଶର ଅଧିବେଶନକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

# 'ଆମେ ସବୁଠାରୁ ଦୁର୍ବଳ ଲୋକଙ୍କର କେତେ ଯତ୍ନ ନେଉଛୁ ବିଶ୍ୱର ସ୍ୱାସ୍ଥ୍ୟ ତାହା ଉପରେ ନିର୍ଭର କରେ'

ନୂଆଦିଲ୍ଲୀ, ୨୦।୫ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଜେନେଭାରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସମାବେଶର ୭୮ତମ ଅଧିବେଶନକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି, ସେ ସମସ୍ତ ଉପସ୍ଥିତ ଲୋକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ, ଏହି ବର୍ଷର ବିଷୟବସ୍ତୁ 'ସ୍ୱାସ୍ଥ୍ୟ ପାଇଁ ଗୋଟିଏ ବିଶ୍ୱ' ଉପରେ ଆଲୋକପାତ କରିଥିଲେ ଏବଂ ଏହା ବିଶ୍ୱ ସ୍ୱାସ୍ଥ୍ୟ ପାଇଁ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ୨୦୨୩ ବିଶ୍ୱ ସ୍ୱାସ୍ଥ୍ୟ ସମାବେଶରେ ତାଙ୍କର ଅଭିଭାଷଣକୁ ମନେ ପକାଇଥିଲେ, ଯେଉଁଠାରେ ସେ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ବିଷୟରେ ଉଲ୍ଲେଖ କରିଥିଲେ। ସେ ମତ ଦେଇଥିଲେ ଯେ, ଏକ ସୁସ୍ଥ ବିଶ୍ୱର ଭବିଷ୍ୟତ ଅନ୍ତର୍ଭୁକ୍ତିକରଣ, ଏକ ସମନ୍ୱିତ ଦୃଷ୍ଟିକୋଣ ଏବଂ ସହଯୋଗ ଉପରେ ନିର୍ଭର କରେ। ଭାରତର ସ୍ୱାସ୍ଥ୍ୟ ସଂସ୍କାରର ମୂଳରେ ରହିଥିବା ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦି, ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ବୀମା ଯୋଜନା, ଆୟୁଷ୍ମାନ ଭାରତ ଉପରେ ଆଲୋକପାତ କରିଥିଲେ, ଯାହା ୫୮୦ ନିୟୁତ ଲୋକଙ୍କୁ ପରିସରଭୁକ୍ତ କରେ ଏବଂ ମାଗଣା ଚିକିତ୍ସା ପ୍ରଦାନ କରେ। ଏହି କାର୍ଯ୍ୟକ୍ରମକୁ ସମ୍ପ୍ରତି ୭୦ ବର୍ଷରୁ ଅଧିକ ବୟସର ସମସ୍ତ ଭାରତୀୟଙ୍କୁ ଅନ୍ତର୍ଭୁକ୍ତ କରିବା



ପାଇଁ ବିସ୍ତାର କରାଯାଇଛି। ସେ ଭାରତରେ ହଜାର ହଜାର ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ରର ବ୍ୟାପକ ନେଟୱାର୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ, ଯାହା କର୍କଟ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ରୋଗର ପ୍ରାରମ୍ଭିକ ଯାଞ୍ଚ ଏବଂ ଚିହ୍ନଟକୁ ସହଜ କରିଥାଏ। ସେ ହଜାର ହଜାର ସରକାରୀ ଔଷଧ ଦୋକାନର ଭୂମିକା ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ, ଯାହା ବହୁତ କମ ମୂଲ୍ୟରେ ଉଚ୍ଚମାନର ଔଷଧ ଯୋଗାଇଥାଏ। ସ୍ୱାସ୍ଥ୍ୟ କ୍ଷେତ୍ରର ଫଳାଫଳରେ ଉନ୍ନତି ଆଣିବାରେ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରି ଶ୍ରୀ ମୋଦି ଭାରତର ଡିଜିଟାଲ ପଦକ୍ଷେପ ଯେପରିକି ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ଟୀକାକରଣକୁ ଟ୍ରାକ୍ କରୁଥିବା ଡିଜିଟାଲ ପ୍ଲାଟଫର୍ମ ଏବଂ ସ୍ୱତନ୍ତ୍ର ଡିଜିଟାଲ ସ୍ୱାସ୍ଥ୍ୟ ପରିଚୟ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ମନ୍ତବ୍ୟ ଦେଇଥିଲେ ଯେ, ଟେଲିମେଡିସିନ୍ ସୁବିଧା କାରଣରୁ ଆଉ କେହି ଡାକ୍ତରଙ୍କ ଠାରୁ ବହୁତ ଦୂରରେ ନାହାନ୍ତି। ସେ ଭାରତର ମାଗଣା ଟେଲିମେଡିସିନ୍ ସେବା ଉପରେ ଆଲୋକପାତ କରିଥିଲେ, ଯାହା ୩୪୦ ନିୟୁତରୁ ଅଧିକ ପରାମର୍ଶକୁ ସକ୍ଷମ କରିଛି। ଭାରତର ସ୍ୱାସ୍ଥ୍ୟ ପଦକ୍ଷେପର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରି, ସେ ମୋଟ ସ୍ୱାସ୍ଥ୍ୟ ଖର୍ଚ୍ଚର କିଛି ପ୍ରତିଶତ ଖର୍ଚ୍ଚରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଲକ୍ଷ୍ୟ କରାଯାଇଥିବା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହା ସହିତ, ସେ ଗୁରୁତ୍ୱାରୋପ କରିଥିଲେ ଯେ ସରକାରୀ ସ୍ୱାସ୍ଥ୍ୟ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି। ଆମେ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି କେତେ ଭଲ ଭାବରେ ଯତ୍ନ ନେଉଛୁ ତାହା ଉପରେ ବିଶ୍ୱର ସ୍ୱାସ୍ଥ୍ୟ ନିର୍ଭର କରେ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ, ଦକ୍ଷିଣ ବିଶ୍ୱ ସ୍ୱାସ୍ଥ୍ୟ ଆହ୍ୱାନଗୁଡିକ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେଉଛି ଏବଂ ଭାରତର ଆଭିମୁଖ୍ୟ ଅନୁକରଣୀୟ, ମାପଯୋଗ୍ୟ ଏବଂ ସ୍ଥାୟୀ ମଡେଲ ପ୍ରଦାନ କରେ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଭାରତର ଶିକ୍ଷା ଏବଂ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବିଶ୍ୱ ସହିତ, ବିଶେଷ କରି ଦକ୍ଷିଣ ବିଶ୍ୱ ସହିତ ବାଣ୍ଟିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଜୁନରେ ଅନୁଷ୍ଠିତ ହେବାକୁ ଥିବା ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ବିଶ୍ୱ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲେ। ସେ ଏହି ବର୍ଷର ବିଷୟବସ୍ତୁ 'ଏକ ପୃଥିବୀ ପାଇଁ ଯୋଗ, ଏକ ସ୍ୱାସ୍ଥ୍ୟ' ଉପରେ ଆଲୋକପାତ କରିଥିଲେ ଏବଂ ଯୋଗର • ପୃଷ୍ଠା ୭ ଦେଖନ୍ତୁ...

# ରାଜ୍ୟ କ୍ୟାବିନେଟର ଢାଞ୍ଚା ବଦଳିବ

## ୩ ଦିନ ପୂର୍ବରୁ କ୍ୟାବିନେଟରେ ସମସ୍ତ ପ୍ରସ୍ତାବ ହେବ ଚୂଡ଼ାନ୍ତ

ଭୁବନେଶ୍ୱର, ୨୦।୫ (ଡିକେ ନ୍ୟୁଜ୍): ରାଜ୍ୟ କ୍ୟାବିନେଟର ଢାଞ୍ଚା ବଦଳିବ। ସଚିବଙ୍କ କ୍ଷମତା ଉପରେ ଅଙ୍କୁଶ ଲାଗିବ। ଏ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶନାମା ଜାରି ହୋଇଛି। ସବୁ ବିଭାଗକୁ ସଂସଦୀୟ ବ୍ୟାପାର ସଚିବ ଚିଠି ଦେଇଛନ୍ତି। ଏହି ଚିଠି ଅନୁସାରେ କ୍ୟାବିନେଟ ବସିବାର ୫ ଦିନ ପୂର୍ବରୁ ତାରିଖ ଧାର୍ଯ୍ୟ ହେବ। ୩ ଦିନ ପୂର୍ବରୁ କ୍ୟାବିନେଟରେ ସମସ୍ତ ପ୍ରସ୍ତାବ ଚୂଡ଼ାନ୍ତ ହେବ। ୨ ଦିନ ପୂର୍ବରୁ ମନ୍ତ୍ରୀଙ୍କ ପାଖକୁ ଯିବ କ୍ୟାବିନେଟ ପ୍ରସ୍ତାବ ଫାଇଲ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ବିନା କୌଣସି ପ୍ରସ୍ତାବ ବା ବିଷୟ କ୍ୟାବିନେଟ ଆଲୋଚନା ପାଇଁ ଉପସ୍ଥାପନ କରାଯିବନି। ଏଣିକି କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନେ ଉପସ୍ଥିତ ରହିବେ। ମାତ୍ର ସବୁ ସଚିବ କ୍ୟାବିନେଟ ବୈଠକ ଗୃହକୁ ଯିବେନି। କ୍ୟାବିନେଟରେ • ପୃଷ୍ଠା ୭ ଦେଖନ୍ତୁ...

# ଆଜି ପ୍ରକାଶ ପାଇବ +୨ ପରୀକ୍ଷା ଫଳ

ଭୁବନେଶ୍ୱର, ୨୦।୫ (ଡିକେ ନ୍ୟୁଜ୍): ଓଡ଼ିଶା ଯୁକ୍ତ ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଏକାସହ କଳା, ବାଣିଜ୍ୟ, ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇ କହିଛନ୍ତି ଯେ, ଫଳ ପ୍ରକାଶନ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ଏବଂ ଆଉ କୌଣସି ବିଳମ୍ବ ହେବ ନାହିଁ। ଚଳିତ ବର୍ଷ ଫେବୃଆରୀ ୧୫ରୁ ମାର୍ଚ୍ଚ ୨୦ ମଧ୍ୟରେ ଅନୁଷ୍ଠିତ ଯୁକ୍ତ ୨ ପରୀକ୍ଷାରେ ମୋଟ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ କଳା ବିଭାଗରେ ୨,୪୭,୩୯୧, ବିଜ୍ଞାନରେ ୧,୧୪,୯୮୦, ବାଣିଜ୍ୟରେ ୨୫,୫୨୬ ଏବଂ ଧନ୍ଦାମୂଳକ ବିଷୟରେ ୫,୭୨୧ ଜଣ ପରୀକ୍ଷାର୍ଥୀ ସାମିଲ ହୋଇଥିଲେ। ପରୀକ୍ଷା ୧,୨୭୬ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରଶ୍ନପତ୍ର ମହଜୁଦ ପାଇଁ ୨୦୫ଟି ହବ୍ ବ୍ୟବସ୍ଥା କରାଯାଇଥିଲା। ମନ୍ତ୍ରୀ ଗଣ୍ଡ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀମାନେ ଫଳ ପାଇଁ ବ୍ୟସ୍ତ ନ ହେବାକୁ ଅନୁରୋଧ କରାଯାଇଛି। ଫଳାଫଳ ଅଫିସିଆଲ ୱେବସାଇଟ www.orissaresults.nic.in ଏବଂ www.chseodisha.nic.inରେ ଉପଲବ୍ଧ ହେବ।

## ୫ ଦିନ ଭିତରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦।୫ (ଡିକେ ନ୍ୟୁଜ୍): ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ଛୁଇଁ ସାରିଥିବା ବେଳେ ୪ରୁ ୫ ଦିନ ଭିତରେ କେରଳ ଛୁଇଁପାରେ ବୋଲି ମଙ୍ଗଳବାର ଭାରତ ପାଣିପାଗ ବିଭାଗ ପକ୍ଷରୁ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ପାଗ ଅନୁକୂଳ ଥିବାରୁ ମୌସୁମୀ ସଅଳ କେରଳ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ମେ' ୨୭ରେ କେରଳ ଛୁଇଁବ। ସାଧାରଣତଃ ମୌସୁମୀ ବାୟୁ ଜୁନରେ କେରଳ ପହଞ୍ଚିଥାଏ। କିନ୍ତୁ ଚଳିତ ଥର ମୌସୁମୀ ଶୀଘ୍ର କେରଳ ପହଞ୍ଚିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଯଦି ମୌସୁମୀବାୟୁ ୨୭ ପୂର୍ବରୁ କେରଳରେ ପହଞ୍ଚିଯାଏ, ତେବେ ଏହା ୨୦୦୯ ପରଠାରୁ ଏହା ପ୍ରଥମ ଥର ହେବ। ୨୦୦୯ରେ ମୌସୁମୀ ୨୩ ମେ'ରେ କେରଳରେ ପହଞ୍ଚି ଥିଲା। ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ ୧ରେ କେରଳରେ ପହଞ୍ଚିବା ପରେ ସାରା ଭାରତରେ ବର୍ଷା ହୋଇଯାଇଥାଏ। ସେପ୍ଟେମ୍ବରରେ ମୌସୁମୀ ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରୁ ହଟି ଯାଇଥାଏ। ଅକ୍ଟୋବରରେ ସମ୍ପୂର୍ଣ୍ଣ ଭାବେ ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରୁ ମୌସୁମୀ ଫେରିଯାଇ ବୋଲି ଆକଳନ ରହିଛି।

# କଡ଼ ଲେଉଟାଇଲାଣି କରୋନା

## ମୁମ୍ବାଇରେ ୫୩ ପିଜିଟିଭି, ୨ ମୃତ



ମୁମ୍ବାଇ, ୨୦।୫ (ହି.ସ): ଚିନ୍ତା ବଢାଇଲାଣି କରୋନାର ନୂଆ ଭାରିଆଣ୍ଟ। ପୁଣି ଜୀବନ ନେଲା କରୋନା ଭାଇରସ୍। ମୁମ୍ବାଇରେ କରୋନା ଆତଙ୍କ ଦେଖିବାକୁ ମିଳିଛି। ୫୩ଜଣ ପଜିଟିଭ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୁମ୍ବାଇର କେଇଏମ୍ ହସ୍ପିଟାଲରେ ଦୁଇ କରୋନା ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିଲା। ଜଣେ ମୁଖ କର୍କଟ ଓ ଅନ୍ୟଜଣେ ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପୀଡ଼ିତ ଥିଲେ। ମୁମ୍ବାଇରେ କରୋନା ପିଜିଟିଭି କେସ୍ ବଢିବାରୁ ସ୍ୱାସ୍ଥ୍ୟ ବିଭାଗ ଆଲର୍ଟରେ ରହିଛି। ମହାରାଷ୍ଟ୍ରରେ କରୋନା ଭାଇରସ୍ ମାମଲା ବଢିବା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇଛି। ମୁମ୍ବାଇ ମହାନଗରପାଳିକା କ୍ଷେତ୍ରରେ ଏବେ ସୁଦ୍ଧା ୫୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଦୁଇ କୋଭିଡ଼ ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। ଦୁଇଜଣଙ୍କର ସ୍ୱାସ୍ଥ୍ୟବସ୍ଥା ପୂର୍ବରୁ ଗୁରୁତର ରହିଥିଲା। ପଜିଟିଭି ମାମଲା ବଢିବାରୁ ସ୍ୱାସ୍ଥ୍ୟ ବିଭାଗ ସମେତ ହସ୍ପିଟାଲଗୁଡ଼ିକ ଆଲର୍ଟରେ ରହିଛନ୍ତି। ଡାକ୍ତରଖାନାରେ କୋଭିଡ ସଂକ୍ରମିତଙ୍କ ପାଇଁ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ରହିଛି। ସେବନ ହିଲ୍ସ ହସ୍ପିଟାଲରେ ଏମଆଇସିୟୁର ବ୍ୟବସ୍ଥା ହୋଇଛି। ମହାରାଷ୍ଟ୍ର ସମେତ କେରଳରେ ୬୯ କୋଭିଡ ପଜିଟିଭ ରହିଥିବା ବେଳେ ତାମିଲନାଡୁରେ ୩୪ଜଣ ନୂଆ ସଂକ୍ରମିତ ରହିଛନ୍ତି। ଦେଶର ବର୍ତ୍ତମାନ ୨୫୭ ସକ୍ରିୟ ମାମଲା ରହିଛି। ୫ ବର୍ଷ ପର ପୁଣି ଚିନ୍ତା ବଢ଼ାଇଲାଣି କରୋନାର ନୂଆ ଭାରିଆଣ୍ଟ। ସିଙ୍ଗାପୁର, ହଂକଂ, ଚୀନ ଓ ଥାଇଲାଣ୍ଡରେ ନୂଆ ଭାରିଆଣ୍ଟ • ପୃଷ୍ଠା ୭ ଦେଖନ୍ତୁ...

# ୨୨ରେ ପ୍ରଧାନମନ୍ତ୍ରୀଙ୍କ ରାଜସ୍ଥାନ ଗସ୍ତ

## ଅମୃତ ଷ୍ଟେସନ ଅଧୀନରେ ଦେଶରେ ୧୦୩ଟି ରେଳ ଷ୍ଟେସନର ପୁନଃବିକାଶକୁ ଉଦଘାଟନ କରିବେ

ନୂଆଦିଲ୍ଲୀ, ୨୦।୫ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୨ ମଇରେ ରାଜସ୍ଥାନ ଗସ୍ତ କରୁଛନ୍ତି। ସେ ସକାଳ ପ୍ରାୟ ୧୧ ଘଟିକାରେ ବିକାନେର ଯିବେ ଏବଂ ଦେଶନୋକରେ କରଣୀ ମାତା ମନ୍ଦିର ପରିଦର୍ଶନ କରିବେ। ଏହା ବ୍ୟତୀତ, ପ୍ରାୟ ୧୧:୩୦ ସମୟରେ, ପ୍ରଧାନମନ୍ତ୍ରୀ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପୁନଃବିକଶିତ ଦେଶନୋକ ଷ୍ଟେସନର ଉଦଘାଟନ କରିବେ ଏବଂ ବିକାନେର-ମୁମ୍ବାଇ ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହା ପରେ, ପ୍ରଧାନମନ୍ତ୍ରୀ ୨୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ। ସେଗୁଡ଼ିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ପଲାନାରେ ଏକ ସାଧାରଣ କାର୍ଯ୍ୟକ୍ରମରେ ମଧ୍ୟ ଉଦବୋଧନ ଦେବେ। ଦେଶରେ ରେଳ ଭିତ୍ତିଭୂମିର ନିରନ୍ତର ଉନ୍ନତି ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୬ଟି ଜିଲ୍ଲାରେ ୧୧୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ୧୦୩ଟି ପୁନଃବିକଶିତ ଅମୃତ ଷ୍ଟେସନର ଉଦଘାଟନ କରିବେ। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ, ଆଞ୍ଚଳିକ ସ୍ଥାପତ୍ୟକୁ ପ୍ରତିଫଳିତ କରିବା ଏବଂ ଯାତ୍ରୀ ସୁବିଧାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍



କରାଯାଇଥିବା ଆଧୁନିକ ସୁବିଧା ସହିତ ୧,୩୦୦ରୁ ଅଧିକ ଷ୍ଟେସନକୁ ପୁନଃବିକଶିତ କରାଯାଉଛି। କରଣୀ ମାତା ମନ୍ଦିର ପରିଦର୍ଶନରେ ଆସୁଥିବା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ସେବା ଯୋଗାଇ ଦେଉଥିବା ଦେଶନୋକ ରେଳ ଷ୍ଟେସନ ମନ୍ଦିର ସ୍ଥାପତ୍ୟ, ତୋରଣ ଏବଂ ସ୍ତମ୍ଭ ଥିମ୍ ଦ୍ୱାରା ଅନୁପ୍ରାଣିତ। ତେଲେଙ୍ଗାନାର ବେଗମପେଟ୍ ରେଳ ଷ୍ଟେସନ୍ କାକତିୟ ସାମ୍ରାଜ୍ୟର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ। ବିହାରର ଥାୱେ ଷ୍ଟେସନରେ ୫୨ ଶକ୍ତିପୀଠ ମଧ୍ୟରୁ ଗୋଟିଏ ମା' ଥାୱେୱାଲିଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ କାନ୍ଥଚିତ୍ର ଏବଂ କଳାକୃତି ରହିଛି ଏବଂ ମଧୁବାଣି ଚିତ୍ରକଳା ମଧ୍ୟ ଦର୍ଶାଯାଇଛି। ଗୁଜୁରାଟର ଡାକୋର ଷ୍ଟେସନ ରାଞ୍ଛୋଡ୍ରାଇ ଜୀ ମହାରାଜଙ୍କ ଦ୍ୱାରା ଅନୁପ୍ରାଣିତ ଦେଶବ୍ୟାପୀ ପୁନଃବିକଶିତ ଅମୃତ ଷ୍ଟେସନଗୁଡ଼ିକ ଆଧୁନିକ ଭିତ୍ତିଭୂମିକୁ ସାଂସ୍କୃତିକ ଐତିହ୍ୟ, ଦିବ୍ୟାଙ୍ଗଜନଙ୍କ ପାଇଁ ଯାତ୍ରୀ-କୈନ୍ଦ୍ରିକ ସୁବିଧା ଏବଂ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ସ୍ଥାୟୀ ଅଭ୍ୟାସ ସହିତ ସମନ୍ୱିତ କରିଛି। ଭାରତୀୟ ରେଳବାଇ ଏହାର ନେଟୱାର୍କର ୧୦୦ ପ୍ରତିଶତ ବିଦ୍ୟୁତୀକରଣ ଦିଗରେ ଅଗ୍ରସର ହେଉଛି, ଯାହା ରେଳ ପରିଚାଳନାକୁ ଅଧିକ ଦକ୍ଷ ଏବଂ ପରିବେଶ ଅନୁକୂଳ କରିଥାଏ। ସମାନ କ୍ରମରେ, ପ୍ରଧାନମନ୍ତ୍ରୀ ଚୁରୁ-ସଦରପୁର ରେଳ ଲାଇନ (୫୮ କିଲୋମିଟର) ଏବଂ ସୁରତଗଡ଼-ଫାଲୋଡି (୩୩୬ କିଲୋମିଟର)ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ, ଫୁଲେରା-ଡେଗାନା (୧୦୯ କିମି), ଉଦୟପୁର-ହିମ୍ମତନଗର (୨୧୦ କିମି), ଫାଲୋଡି-ଜୈସଲମେର (୧୫୭ କିଲୋମିଟର) ଏବଂ ସମଦାରୀ-ବାଡ଼ମେର (୧୨୯ କିଲୋମିଟର) ରେଳ ଲାଇନର ବିଦ୍ୟୁତୀକରଣକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ରାଜସ୍ଥାନରେ ସଡ଼କ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ, ପ୍ରଧାନମନ୍ତ୍ରୀ ୩ଟି ଯାନବାହନ ଅଣ୍ଡରପାସ୍ ନିର୍ମାଣ, ଜାତୀୟ ରାଜପଥର ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେ ରାଜସ୍ଥାନରେ ୭ଟି ସଡ଼କ ପ୍ରକଳ୍ପ ମଧ୍ୟ ଲୋକାର୍ପଣ କରିବେ। ୪୮୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏହି ରାସ୍ତା ପ୍ରକଳ୍ପଗୁଡ଼ିକ ସାମଗ୍ରୀ ଏବଂ ଲୋକଙ୍କ ସୁଗମ ପରିବହନକୁ ସହଜ କରିବ। ଏହି ରାଜପଥଗୁଡ଼ିକ ଭାରତ-ପାକ୍ ସୀମା ପର୍ଯ୍ୟନ୍ତ ବ୍ୟାପ୍ତ, ସୁରକ୍ଷା ବାହିନୀ ପାଇଁ ଗତି ସହଜ କରିବା ଏବଂ ଭାରତର ପ୍ରତିରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା। ସମସ୍ତଙ୍କୁ ବିଦ୍ୟୁତ ଏବଂ ସବୁଜ ଏବଂ ସ୍ୱଚ୍ଛ ଶକ୍ତି ଯୋଗାଇବାର ଦୃଷ୍ଟିକୋଣକୁ ଆଗକୁ ନେଇ, ପ୍ରଧାନମନ୍ତ୍ରୀ ବିକାନେର • ପୃଷ୍ଠା ୭ ଦେଖନ୍ତୁ...

# ଲଗାଣ ବର୍ଷାରେ ଆଣ୍ଠେଇଲା ବେଙ୍ଗାଲୁରୁ: ୩ ମୃତ, ଶହ ଶହ ଲୋକ ଜଳବନ୍ଦୀ

ବେଙ୍ଗାଲୁରୁ, ୨୦।୫ (ହି.ସ): ଦେଶର ଆଇଟି ସହର ବେଙ୍ଗାଲୁରୁ ସ୍ଥିତି ଏବେ ବେହାଲ। ଲଗାଣ ବର୍ଷାରେ ଆଣ୍ଠେଇଛି ବେଙ୍ଗାଲୁରୁ ସହର। ରବିବାର ସନ୍ଧ୍ୟାରୁ ସୋମବାର ଭୋର ଅର୍ଥାତ ୧୨ ଘଣ୍ଟାରେ ୧୩୦ ମିମି ବର୍ଷା ଯୋଗୁ ବେଙ୍ଗାଲୁରୁରେ ସୃଷ୍ଟି ହୋଇଛି ଜଳବନ୍ଦୀ ସମସ୍ୟା। ସହରରେ ଲଗାଣ ବର୍ଷା ସୃଷ୍ଟି କରିଛି ବନ୍ୟା। ଏଥିଯୋଗୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦୦ ଘର ଜଳବନ୍ଦୀ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ୨୦ରୁ ଅଧିକ ହ୍ରଦ ଓଭରଫ୍ଲୋ ସ୍ଥିତିରେ ଓ ରାସ୍ତାଘାଟ ଜଳମଗ୍ନ। ଅଣ୍ଡରପାସ ଓ ଫ୍ଲାଏଓଭରରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଟ୍ରାଫିକ ସମସ୍ୟା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଘଣ୍ଟାଘଣ୍ଟା ଧରି ଲୋକମାନେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ଅପେକ୍ଷା କରି ରହିବାକୁ ବାଧ୍ୟ ହେଉଛନ୍ତି। ସାଧାରଣ ବସ୍ ସେବା ମଧ୍ୟ ବେଙ୍ଗାଲୁରୁର ବିଭିନ୍ନ ଅଞ୍ଚଳରେ ଏକପ୍ରକାରର ଠପ ହୋଇଯାଇଛି। ଦୁଇଟି ଘୂର୍ଣ୍ଣିବଳୟ ଓ ଭୟଙ୍କର କାଳବୈଶାଖୀ ଯୋଗୁ ଦକ୍ଷିଣ, ଉତ୍ତର ଓ ପୂର୍ବ ବେଙ୍ଗାଲୁରୁ ସ୍ଥିତି ବେହାଲ ହୋଇଛି। ଜଳବନ୍ଦୀ ହୋଇ ରହିଥିବା ବେଙ୍ଗାଲୁରୁ ପାଇଁ ଆହୁରି ଚିନ୍ତା ବଢିବା ଭଳି ଖବର ଦେଇଛି ଭାରତୀୟ



ପାଣିପାଗ ବିଭାଗ। ଆସନ୍ତା ୫ ଦିନ ପାଇଁ ବେଙ୍ଗାଲୁରୁରେ ପ୍ରବଳ ବର୍ଷାର ଆଶଙ୍କା ଥିବା ପାଣିପାଗ ବିଭାଗ ଆକଳନ କରିଛି। ବର୍ଷା ଯୋଗୁ ବେଙ୍ଗାଲୁରୁବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିବିଏମପି ମୁଖ୍ୟ କମିଶନର ମହେଶ୍ୱର ରାଓ କହିଛନ୍ତି ଯେ ଗୋଟିଏ ଦଶନ୍ଧି ମଧ୍ୟରେ ସହରରେ ଦ୍ୱିତୀୟ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ତାଙ୍କ କହିବା କଥା ଯେ ବେଳେବେଳେ କିଛି ଜିନିଷ ନିଜ ହାତରେ ନଥାଏ। ଆମେ ଏହା ଉପରେ ଏବେ କାମ କରୁଛି। ସୋମବାର ସନ୍ଧ୍ୟା ପ୍ରାୟ ୬.୧୫ରେ ୬୩ ବର୍ଷୀୟ ମନମୋହନ କାମାତ ଓ ୧୨ ବର୍ଷୀୟ ଦୀନେଶ ମଧୁବନ ଆପାର୍ଟମେଣ୍ଟରୁ ବର୍ଷା ଜଳ କାଢୁଥିବା ବେଳେ କରେଣ୍ଟ ଝଟକାରେ ପ୍ରାଣ ହରାଇଛନ୍ତି। ଦକ୍ଷିଣ ବେଙ୍ଗାଲୁରୁ ଏହି ଆପାର୍ଟମେଣ୍ଟ ରହିଛି। ଆପାର୍ଟମେଣ୍ଟର ପ୍ରଥମ ମହଲାରେ ମନମୋହନ ରହୁଥିଲେ। ଆପାର୍ଟମେଣ୍ଟରେ ବର୍ଷା ଜଳ ପ୍ରବେଶ କରିଥିବାରୁ ସେ ଗୋଟିଏ ପମ୍ପ ଆଣି ଏହାକୁ କାଢିବାକୁ ଚେଷ୍ଟା କରିଥିଲେ। ସମାନ ସମୟରେ ଆପାର୍ଟମେଣ୍ଟର ସିକ୍ୟୁରିଟୀ ଗାର୍ଡ ଭରତଙ୍କ ୧୨ ବର୍ଷୀୟ ପୁଅ ଦୀନେଶ ତାଙ୍କୁ ପାଣି କାଢିବାରେ ସହଯୋଗ କରିବାକୁ ଆସିଥିଲେ। କିନ୍ତୁ ପମ୍ପର ସୁଇଚ ଅନ୍ କରିବା କ୍ଷଣି ଉଭୟଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ୩ ମାସ ତଳେ ଦୀନେଶ ନେପାଳରୁ ପରିବାର ଲୋକଙ୍କ ସହ ବେଙ୍ଗାଲୁରୁ ଆସିଥିଲେ। ସେହିପରି କାନ୍ଥ ପଡ଼ି ୩୨ ବର୍ଷୀୟ ଶଶିକଳା ନାମକ ଜଣେ ମହିଳାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ମୃତକଙ୍କ ପରିବାର ବର୍ଗଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। କେଙ୍ଗେରି ଠାରେ ଥିବା କୋଟେ ଲେଆଉଟରେ ୧୦୦ଟି ଘର ଭିତରେ ପାଣି ପଶି ଯାଇଛି। ଆରଆର ନଗରର ବର୍ଷାବବିତା ଭ୍ୟାଲି ଜଳବନ୍ଦୀ ସମସ୍ୟା ଯୋଗୁ ୫ ପଶୁଙ୍କ ମୃତ୍ୟୁ ହୋଇଛି। ରାସ୍ତାରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ୪୪ଟି କାର ଓ ୯୩ଟି ବାଇକ ବୁଡ଼ି ଯାଇଛି। ଲଗାଣ ବର୍ଷାରେ ୨୭ଟି ଘର ଉପୁଡ଼ି ପଡ଼ିଥିବା ବେଳେ ୪୩ରୁ ଅଧିକ ସ୍ଥାନରେ ଡାଳ ଭାଙ୍ଗି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଶହଶହ ଲୋକ ଜଳବନ୍ଦୀ ହୋଇ ରହିଥିବାରୁ ଏସଡିଆରଏଫ ଯବାନମାନେ ଡଙ୍ଗା ଦ୍ୱାରା ସେମାନଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ଲାଗି ପଡ଼ିଛନ୍ତି। • ପୃଷ୍ଠା ୭ ଦେଖନ୍ତୁ...



# ପିରାମଲ ଫାଇନାନ୍ସ ଓଡ଼ିଶାରେ ନିଜ ପହଞ୍ଚ ପରିବ୍ୟାପ୍ତ କଲା

## ୪୧୩୩ ଗ୍ରାହକଙ୍କ ପାଇଁ ଆର୍ଥିକ ସେବା ସୁଯୋଗ ପରିବର୍ଦ୍ଧିତ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** କ୍ଷୁଦ୍ର ବ୍ୟବସାୟ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ ଋଣ ଯୋଗାଇ ଦେଉଥିବା ଏକ ଅଗ୍ରଣୀ ଉପର ସ୍ତରର ଏନବିଏଫସି ପିରାମଲ ଫାଇନାନ୍ସ ଲିମିଟେଡ ଓଡ଼ିଶାରେ ସବ୍‌କେ ଇମ୍ପାକ୍ଟ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡର ୧୧ଟି ମାଇକ୍ରୋଫାଇନାନ୍ସ ଶାଖା ଅଧିଗ୍ରହଣ ଜରିଆରେ ନିଜର ଉପସ୍ଥିତିକୁ ପରିବ୍ୟାପ୍ତ କରିଛି। ଏହି ଅଧିଗ୍ରହଣ ସହିତ ପୂର୍ବରୁ ସମ୍‌କେ ଇମ୍ପାକ୍ଟ ସଲ୍ୟୁସନ୍ସ ଦ୍ୱାରା ସେବା ପାଇଆସୁଥିବା ଗ୍ରାହକମାନେ ଏଣିକି ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଋଣ ଓ ଆର୍ଥିକ ଉତ୍ପାଦଗୁଡିକ ସମେତ ପରିବ୍ୟାପ୍ତ ସେବାଗୁଡିକରୁ ଫାଇଦା ଉଠାଇ ପାରିବେ। ଏହି ପ୍ରୟାସ ପ୍ରାୟ ୪୧୩୩ ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କୁ ପିରାମଲ ଫାଇନାନ୍ସ ପରିସରକୁ ଆଣିବା ସହିତ କମ୍ପାନୀର ମାଇକ୍ରୋଫାଇନାନ୍ସ ବର୍ଗକୁ ମଜଭୁତ କରିଛି ଏବଂ ନିର୍ଦ୍ଦିଷ୍ଟ ଆବଶ୍ୟକତା ଭିତ୍ତିକ ସମାଧାନଗୁଡିକ ସହିତ ନିମ୍ନ ଆୟକାରୀ ପରିବାରଗୁଡ଼ିକୁ ସେବା ଯୋଗାଇଦେବାକୁ ନିଜର ସାମର୍ଥ୍ୟରେ ବୃଦ୍ଧି ଘଟାଇଛି। ଏହି ଅଧିଗ୍ରହଣ ସମଗ୍ର ଭାରତରେ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳଗୁଡିକରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଆଗେଇନେବା ନିମନ୍ତେ ପିରାମଲର ଦୀର୍ଘସୂତ୍ରୀ ଲକ୍ଷ୍ୟ ସହିତ ମେଳ ଖାଉଛି। ସମ୍ପ୍ରତି ଗ୍ରାହକମାନେ ଋଣ ଏବଂ ନମନୀୟ ପରିଶୋଧ ବିକଳ୍ପ ସମେତ ସେମାନଙ୍କର ଅନନ୍ୟ ଆବଶ୍ୟକତା ନିମନ୍ତେ ଡିଜାଇନ କରାଯାଇଥିବା ପରିବ୍ୟାପ୍ତ ବ୍ୟକ୍ତିଗତ ସମାଧାନଗୁଡିକରୁ ଫାଇଦା ଉଠାଇ ପାରିବେ। ଆର୍ଥିକ ଦୃଷ୍ଟିରୁ ବାଦ୍ ପଡିଥିବା ବର୍ଗ ଏବଂ ଆନୁଷ୍ଠାନିକ ଆର୍ଥିକ ସଂସ୍ଥାନଗୁଡିକ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନ ପୂରଣ ଦିଗରେ ପିରାମଲ ଫାଇନାନ୍ସର ପ୍ରଚଳିତ ପ୍ରୟାସର ଏହି ସମ୍ପ୍ରସାରଣ ଅଂଶବିଶେଷ ହୋଇଛି। ଆନୁଷ୍ଠାନିକ ଆର୍ଥିକ ସେବାସମୂହ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳଗୁଡିକରେ ଏହି ସେବା ପହଞ୍ଚରେ ଉନ୍ନତି ଆଣିବା ଉପରେ କମ୍ପାନୀର ନିରନ୍ତର ଦୃଷ୍ଟିନିବଦ୍ଧକୁ ଏହା ପ୍ରତିଫଳିତ କରୁଛି। ଜୟରାମ ଶ୍ରୀଧରନ, ମ୍ୟାନେଜିଂ ଡାଇରେକ୍ଟର, ପିରାମଲ ଫାଇନାନ୍ସ ଲିମିଟେଡ କହିଥିଲେ, "ଓଡ଼ିଶାରେ ସବ୍‌କେ ଇମ୍ପାକ୍ଟ



ସଲ୍ୟୁସନ୍ସର ଶାଖାଗୁଡିକ ଅଧିଗ୍ରହଣ ସମଗ୍ର ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଅଧିକ ଗଭୀର କରିବା ନିମନ୍ତେ ଆମର ଲକ୍ଷ୍ୟରେ ଏକ ପ୍ରମୁଖ ପଦକ୍ଷେପ ହୋଇଛି। ଆମ ପାଇଁ ଓଡ଼ିଶା ଏକ ଅଗ୍ରାଧିକାର ବଜାର ହୋଇଛି ଏବଂ ଏହି ନୂତନ ଶାଖାଗୁଡିକ ସହିତ ଏବଂ ସ୍ଥାପିତ ହେବାକୁ ଥିବା ଶାଖାଗୁଡିକ ଜରିଆରେ ଆମେ ଚଳିତ ବର୍ଷ ଶେଷସୁଦ୍ଧା ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ଲକ୍ଷ୍ୟ ରଖିଛୁ। ଏହା ଆମର ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ଉପସ୍ଥିତିକୁ ସୁଦୃଢ କରୁଛି ଏବଂ ବିଶ୍ୱସନୀୟ, ସହଜ ଆର୍ଥିକ ସମାଧାନଗୁଡିକ ଯୋଗାଇଦେବାରେ ସମର୍ଥ କରାଉଛି। ସ୍ଥାନୀୟ ଅନ୍ତର୍ଦୃଷ୍ଟି ଏବଂ ଡିଜିଟାଲ ସାମର୍ଥ୍ୟଗୁଡିକ ସମର୍ଥନରେ ଆମେ ଗୋଷ୍ଠୀଗୁଡିକୁ ସଶକ୍ତ କରିବା ଏବଂ ଅର୍ଥନୈତିକ ପ୍ରଗତିକୁ ସମର୍ଥନ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛୁ।" ପିରାମଲ ଫାଇନାନ୍ସ କ୍ଷୁଦ୍ର ବ୍ୟବସାୟ ସଂସ୍ଥା, ଲଘୁ ଉଦ୍ୟୋଗୀ ଏବଂ ମୂଲ୍ୟ ଦ୍ୱାରା ପରିଚାଳିତ ଗ୍ରାହକମାନଙ୍କୁ ସହଜ, ପ୍ରଯୁକ୍ତି ସମର୍ଥିତ ଆର୍ଥିକ ସେବାଗୁଡିକ ଜରିଆରେ ସଶକ୍ତ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ସାବଲୀଳ, ବ୍ୟାଘାତ-ଶୂନ୍ୟ କାରବାର ସୁନିଶ୍ଚିତ କରିବା ନିମନ୍ତେ ନୂଆ ଶାଖାଗୁଡିକୁ ସାମିଲ କରାଯିବା ପ୍ରକ୍ରିୟା ଉତ୍ସର୍ଗୀକୃତ ସହାୟକ ଟିମ୍‌ଗୁଡିକ ଦ୍ୱାରା ପରିଚାଳିତ ହେଉଛି। ଏହି ରଣକୌଶଳାତ୍ମକ ପଦକ୍ଷେପ ବିଶ୍ୱସନୀୟ ଆର୍ଥିକ ଉତ୍ପାଦସମୂହର ସୁଯୋଗକୁ ପରିବ୍ୟାପ୍ତ କରିବା ଦିଗରେ ପିରାମଲ ଫାଇନାନ୍ସର ପ୍ରତିବଦ୍ଧତାକୁ ପୁନଃଦୃଢୀକରଣ କରୁଛି ଏବଂ ବ୍ୟକ୍ତିବିଶେଷ ଓ ଗୋଷ୍ଠୀଗୁଡିକୁ ଅଭିବୃଦ୍ଧି ତଥା ପ୍ରଗତି କରିବାରେ ସହାୟକ ହେଉଛି।

# ସାମୁଦ୍ରିକ ଖାଦ୍ୟ ରପ୍ତାନୀରେ ଭାରତ ଚତୁର୍ଥ ସ୍ଥାନରେ



**ନୂଆଦିଲ୍ଲୀ,(ହି.ସ):** ସାମୁଦ୍ରିକ ଖାଦ୍ୟ ରପ୍ତାନୀରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ୨୦୧୪-୧୪ରେ ଭାରତରୁ ବିଶ୍ୱର ୧୦୫ଟି ଦେଶ ସାମୁଦ୍ରିକ ଖାଦ୍ୟ ଓ ଉତ୍ପାଦ ଆମଦାନୀ କରୁଥିବାବେଳେ ୨୦୨୪-୨୫ରେ ଏହି ସଂଖ୍ୟା ୧୩୦ରେ ପହଞ୍ଚିଛି। ୨୦୨୪-୨୫ରେ ଭାରତ ୧୬.୫୮ ଲକ୍ଷ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି। ୨୦୧୪-୧୫ରେ ଏହା ୧୦.୫୧ ଲକ୍ଷ ଟନ୍ ରହିଥିଲା। ମାଛ ଚାଷରେ ହୋଇଥିବା ଅଗ୍ରଗତି, ଉତ୍ତମ ଶୀତଳ ଭଣ୍ଡାର ଭିତ୍ତିଭୂମି, ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ଗୁଣବତ୍ତା ବଜାୟ ରଖିବା ଯୋଗୁ ଦେଶର ସାମୁଦ୍ରିକା ଖାଦ୍ୟ ରପ୍ତାନି ୨୦୨୪-୨୫ରେ ୭.୨ ବିଲିଅନ ଡଲାରକୁ ବୃଦ୍ଧି ପାଇଛି। ୨୦୧୪-୧୫ରେ ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ୫.୪ ବିଲିଅନ ଡଲାରରେ ରହିଥିଲା। ଗୋଟିଏ ପଟେ ଭାରତର ସାମୁଦ୍ରିକ ଖାଦ୍ୟ ପ୍ରତି ବିଶ୍ୱ ବଜାରରେ ଚାହିଦା ବୃଦ୍ଧି ସହିତ ଅନ୍ୟପଟେ ଭାରତୀୟ ରପ୍ତାନିକାରୀ ଉଚ୍ଚମୂଲ୍ୟର ବଜାର ଅନ୍ୱେଷଣ କରୁଛନ୍ତି। ଏସବୁ କାରଣ ପାଇଁ ଭାରତକୁ ଏଭଳି ସଫଳତା ମିଳିଛି ବୋଲି ଜଣେ ଅଧିକାରୀ କହିଛନ୍ତି। ସାମୁଦ୍ରିକ ଖାଦ୍ୟ ରପ୍ତାନି ବିଶ୍ୱର ଅଧିକରୁ ଅଧିକ ସ୍ଥାନକୁ କରାଯିବା ଫଳରେ ବଜାରଜନିତ ବିପଦ ହ୍ରାସ ପାଇବା ସହିତ ନୂଆ ସୁଯୋଗ ସୃଷ୍ଟି କରିଛି।

# ପାକିସ୍ତାନ ବିରୋଧରେ କଠୋର ହେଲା ଆଇଏମ୍‌ଏଫ୍

**ନୂଆଦିଲ୍ଲୀ,(ହି.ସ):** ଆର୍ଥିକ ସଂକଟରୁ ପାକିସ୍ତାନକୁ ମୁକୁଳାଇବା ପାଇଁ ପାଣ୍ଠି ଦେବା ନିମନ୍ତେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) କଠୋର ହୋଇଛି। ଏଥିପାଇଁ ଆଇଏମ୍‌ଏଫ୍ ୧୧ଟି ନୂଆ ସର୍ତ୍ତ ଲଗାଇଛି। ଫଳରେ ପାକିସ୍ତାନ ବିରୋଧରେ ସର୍ତ୍ତ ସଂଖ୍ୟା ୫୦କୁ ବୃଦ୍ଧି ପାଇଛି। ଆଇଏମ୍‌ଏଫ୍ ସତର୍କ କରାଇ ଦେଇଛି ଯେ ଭାରତ ସହିତ ଉତ୍ତେଜନା ବୃଦ୍ଧି ପାକିସ୍ତାନର ବିତ୍ତୀୟ ଓ ସଂସ୍କାର ଲକ୍ଷ୍ୟକୁ ବିପଦରେ ପକାଇପାରେ। ପାକିସ୍ତାନର ଯେଉଁସବୁ କାର୍ଯ୍ୟକ୍ରମ ପାଇଁ ଆଇଏମ୍‌ଏଫ୍ ପାଣ୍ଠି ପ୍ରଦାନ କରୁଛି ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ସେଗୁଡ଼ିକୁ ପ୍ରଭାବିତ କରିପାରେ ବୋଲି ଚିନ୍ତାପ୍ରକଟ କରାଯାଇଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦେଖା ଦେଇଥିବା ଉତ୍ତେଜନା ଯଦି ଲାଗି ରହେ କିମ୍ବା ଅଧିକ ଖରାପ ହୁଏ ତାହେଲେ ପାକିସ୍ତାନର ବିତ୍ତୀୟ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରଭାବିତ ହୋଇପାରେ। ପାକିସ୍ତାନ ଉପରେ ଆଇଏମ୍‌ଏଫ୍ ଯେଉଁ ୧୧ଟି ନୂଆ ସର୍ତ୍ତ ଲଗାଇଛି ସେଗୁଡ଼ିକ ହେଲା- ଟାର୍ଗେଟ ଅନୁଯାୟୀ, ଚଳିତବର୍ଷ ଜୁନ ସୁଦ୍ଧା ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପାକିସ୍ତାନକୁ ନୂଆ ବଜେଟ୍ ଗୃହୀତ କରିବାକୁ ହେବ। ପ୍ରାଦେଶିକ ସ୍ତରରେ କୃଷି ଆୟ ଟିକସରେ ସଂସ୍କାର ଆଣିବାକୁ ହେବ। ଏଥିରେ ପାକିସ୍ତାନର ୪ଟି ପ୍ରଦେଶରେ ଜୁନ ସୁଦ୍ଧା ନୂଆ ଆଇନ କାର୍ଯ୍ୟକାରୀ ହେବ। ଏଥିରେ ଟିକସଦାତା ଚିହ୍ନଟ ଓ ପଞ୍ଜୀକରଣ, ସୁଧାର ଯୋଜନାକୁ ମାନିବା, ଯୋଗାଯୋଗ ଅଭିଯାନ ଏବଂ ରିଟର୍ଣ୍ଣ ପ୍ରୋସେସିଂ ପ୍ଲାଟଫର୍ମକୁ କାର୍ଯ୍ୟକାରୀ କରାଯିବା ରହିଛି। ଆଇଏମ୍‌ଏଫ୍‌ର ଗଭର୍ଣ୍ଣାନ୍ସ ଡାଇଗ୍ନୋଷ୍ଟିକ୍ ଆସେସମେଣ୍ଟ ଅନୁଯାୟୀ, ପାକିସ୍ତାନ ସରକାର ଗଭର୍ଣ୍ଣାନ୍ସ ସଂସ୍କାର ରଣନୀତି ପ୍ରକାଶ କରିବ। ୨୦୨୭ ପରବର୍ତ୍ତୀ ସମୟ ପାଇଁ ସଂସ୍ଥାଗତ ଓ ନିୟାମକ ଲକ୍ଷ୍ୟ ହାସଲକୁ ନିର୍ଦ୍ଧାରଣ କରି ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରାଯିବ। ବାର୍ଷିକ ବିଦ୍ୟୁତ୍ ଶୁଳ୍କ ସଂକ୍ରାନ୍ତ ବିଜ୍ଞପ୍ତି ଜୁଲାଇ ସୁଦ୍ଧା ଜାରି କରାଯିବ। ଏଥିରେ ବିଦ୍ୟୁତ୍ ଉତ୍ପାଦନ ବାବଦ ଖର୍ଚ୍ଚ ଯେଭଳି ହାସଲ ହେବ ତାହାକୁ ଦୃଷ୍ଟିରେ ରଖି ଶୁଳ୍କ ଧାର୍ଯ୍ୟ କରାଯିବ। ସେହିଭଳି ଗ୍ୟାସ ମୂଲ୍ୟ ନିର୍ଦ୍ଧାରଣ ୨୦୨୬ ଫେବୃଆରି ସୁଦ୍ଧା କରାଯିବ ଯାହାଦ୍ୱାରା ଉତ୍ପାଦନ ଖର୍ଚ୍ଚ ଉଠିପାରିବ। କ୍ୟାପ୍‌ଟିଭ ପାୱାର ଲେଭି ଅଧ୍ୟାଦେଶକୁ ମେ ଶେଷ ସୁଦ୍ଧା ସଂସଦ ସ୍ଥାୟୀ ରୂପ ପ୍ରଦାନ କରିବ। ଏଥିସହିତ ଶିଳ୍ପ ସଂକ୍ରାନ୍ତ ବିଦ୍ୟୁତ୍ ବ୍ୟବହାରକୁ ନ୍ୟାସନାଲ ଗ୍ରିଡ୍‌କୁ ସ୍ଥାନାନ୍ତର କରାଯିବ। ଋଣ ପରିଶୋଧ ବାବଦ ସରଚାର୍ଜ ଉପରେ ଲଗାଯାଇଥିବା ସର୍ବୋଚ୍ଚ ସୀମା ୟୁନିଟ୍ ପିଛା ୩ ଟଙ୍କା ୨୧କୁ ଆଇନ ଦ୍ୱାରା ଉଠାଇ ଦିଆଯିବ। ସ୍ୱତନ୍ତ୍ର ଟେକ୍ନୋଲୋଜି ଜୋନ୍ ଏବଂ ଅନ୍ୟ ଶିଳ୍ପ ପାର୍କ ବା ଜୋନକୁ ପ୍ରଦାନ କରାଯାଉଥିବା ବିତ୍ତୀୟ ପ୍ରୋତ୍ସାହନକୁ ୨୦୩୫ ସୁଦ୍ଧା ଶେଷ କରିବା ପାଇଁ ଦେଶ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ ହେବ। ୟୁଜଡ଼ କାରର ବାଣିଜ୍ୟିକ ଆମଦାନୀ ଉପରେ ଲଗାଯାଇଥିବା ସଂଖ୍ୟା କଟକଣାକୁ ଉଠାଇବା ପାଇଁ ଜୁଲାଇ ଶେଷ ସୁଦ୍ଧା ସଂସଦରେ ଆଇନ ପ୍ରଣୟନ ହେବ। ୧୭.୬ ଟ୍ରିଲିଅନ ଟଙ୍କାର ବଜେଟ୍ ରାଶି ମଧ୍ୟରୁ ୧.୦୭ ଟ୍ରିଲିଅନ ଟଙ୍କା ବିକାଶମୂଳକ ବ୍ୟୟ ପାଇଁ ରଖାଯିବ।

# ଏଜିଆର୍ ରିହାତି ମାମଲା: ଟେଲିକମ୍ କମ୍ପାନୀଙ୍କୁ ସୁପ୍ରିମକୋର୍ଟଙ୍କ ଝଟ୍‌କା

**ନୂଆଦିଲ୍ଲୀ,(ଡିକେ ନ୍ୟୁଜ୍):** ଏଜିଆର୍ (ଆଡଜଷ୍ଟେଡ୍ ଗ୍ରସ ରେଭିନ୍ୟୁ) ରିହାତି ମାମଲାରେ ୩ ଘରୋଇ ଟେଲିକମ୍ କମ୍ପାନୀଙ୍କୁ ସୁପ୍ରିମକୋର୍ଟରୁ ଆଜି ବଡ଼ ଝଟ୍‌କା ଲାଗିଛି। ଏଜିଆର୍‌ରେ ରିହାତି ପାଇବା ପାଇଁ ଭୋଡାଫୋନ ଆଇଡିଆ ଓ ଏୟାରଟେଲ କରିଥିବା ଆବେଦନ ଏବଂ ଏଥିରେ ପକ୍ଷଭୁକ୍ତ ହେବାପାଇଁ ଟାଟା ଟେଲିସର୍ଭିସେସ୍ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବିଚାରପତି ଜେବି ପାର୍ଦ୍ଦିୱାଲା ଏବଂ ବିଚାରପତି ଆର୍ ମହାଦେବନ ଏହି ଆବେଦନ ଠିକ୍ ନୁହେଁ ବୋଲି କହିଛନ୍ତି। ଉପରୋକ୍ତ ୩ଟି କମ୍ପାନୀ ସପକ୍ଷରେ ଯଦି ସୁପ୍ରିମକୋର୍ଟ ରାୟ ଦେଇଥାନ୍ତେ ତାହେଲେ ଏଜିଆରର ଜରିମାନା, ସୁଧ ଏବଂ ଜରିମାନା ଉପରେ ସୁଧ ଛାଡ଼ ବାବଦରେ ୮୦ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥରାଶି ଛାଡ଼ ପାଇଥାନ୍ତେ। ଏଜିଆର୍ ବାବଦରେ ଭୋଡାଫୋନ ଆଇଡିଆ ଉପରେ ୮୩,୪୦୦ କୋଟି ଟଙ୍କା ଆଦାୟ କରାଯିବାକୁ ଅଛି। ଏହି କମ୍ପାନୀ ପ୍ରାୟ ୪୫ ହଜାର କୋଟି ଟଙ୍କାର ଛାଡ଼ ପାଇଁ ଆବେଦନ କରିଥିଲା। ସେହିଭଳି ଭାରତୀ ଏୟାରଟେଲ ଓ ଏହାର ଶାଖା କମ୍ପାନୀ ଉପରେ ମୋଟ ୪୩୯୮୦ କୋଟି ଟଙ୍କାର ଏଜିଆର ଦେୟ ଆଦାୟ ହେବାକୁ ଥିବାବେଳେ ଏମାନେ



୩୪,୭୪୫ କୋଟି ଟଙ୍କା ଛାଡ଼ ପାଇଁ ଆବେଦନ କରିଥିଲେ। ଟାଟା ଟେଲିସର୍ଭିସେସ୍କୁ ଏହି ମାମଲାରେ ଏକ ପକ୍ଷ କରିବା ପାଇଁ ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦତ୍ତର ଆବେଦନ କରିଥିଲେ ମଧ୍ୟ ସୁପ୍ରିମକୋର୍ଟ ଆଜି ଏହାକୁ ଖାରଜ କରିଦେଇଛନ୍ତି। ଆମ ନିକଟକୁ ଆସିଥିବା ଏହି ପିଟିସନ ଆମକୁ ବସ୍ତୁତଃ ଚକିତ କରିଛି। ଏକ ବହୁଦେଶୀୟ କମ୍ପାନିଠାରୁ ଏହା ଆଶା କରାଯାଏନି। ଆମେ ଏହାକୁ ପ୍ରତ୍ୟାଖ୍ୟାନ କରିବୁ ବୋଲି ଭୋଡାଫୋନ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀଙ୍କୁ ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭୋଡାଫୋନ ପ୍ରାୟ ୩୦ ହଜାର କୋଟି ଟଙ୍କାର ରିହାତି ପାଇବା ପାଇଁ ଆବଦେନ କରିଥିଲା। ଏଜିଆର୍ ବାବଦରେ ସୁଧ, ଜରିମାନା ଏବଂ ଜରିମାନା ଉପରେ ଲଗାଯାଇଥିବା ସୁଧକୁ ଛାଡ଼ କରିବା ପାଇଁ କମ୍ପାନୀ ଆବେଦନ କରିଥିଲା। ପୂର୍ବରୁ ଶ୍ରୀ ରୋହତଗୀ କହିଥିଲେ ଯେ ଟେଲିକମ୍ ଶିଳ୍ପରେ ପ୍ରତିଯୋଗିତା ଜାରି ରଖିବାକୁ ହେଲେ ତାଙ୍କ କମ୍ପାନୀ ତିଷ୍ଠି ରହିବା ଆବଶ୍ୟକ। ତେବେ ବିଚାରପତି ପାର୍ଦ୍ଦିୱାଲା କହିଥିଲେ ଯଦି ସରକାର ତୁମମାନଙ୍କୁ ସାହାଯ୍ୟ କରିବେ ତେବେ ସୁପ୍ରିମକୋର୍ଟ ଏଥିରେ ବାଧା ସୃଷ୍ଟି କରିବେ ନାହିଁ। ଏଜିଆର୍ ମାମଲାରେ ସୁପ୍ରିମକୋର୍ଟ ୨୦୧୯ ମସିହାରେ ଯେଉଁ ରାୟ ଦେଇଥିଲେ ତାହାର ସମୀକ୍ଷା ପାଇଁ କମ୍ପାନୀଗୁଡ଼ିକ କରିଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଗତବର୍ଷ ସେପ୍ଟେମ୍ବରରେ ଖାରଜ କରିଦେଇଥିଲେ।

# ମ୍ୟୁଚୁଆଲ୍ ଫଣ୍ଡ୍ ନିବେଶ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ରାଜ୍ୟରେ ମ୍ୟୁଚୁଆଲ୍ ଫଣ୍ଡ୍ ନିବେଶ ସମ୍ପତ୍ତି ସୃଷ୍ଟିର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଏସ୍‌ଆଇପି ଜରିଆରେ ରାଜ୍ୟର କୋଣ ଅନୁକୋଣରୁ ଲୋକମାନେ ଏଥିରେ ନିବେଶ କରୁଛନ୍ତି। ଏଭଳି ଏକ ସମୟରେ ଆର୍ଥିକ ସଚେତନତାର ଆବଶ୍ୟକତା ପୂର୍ବାପେକ୍ଷା ବେଶ୍ ଜରୁରୀ ହୋଇପଡ଼ିଛି। ନିବେଶ ପୂର୍ବରୁ ଯେଉଁ ସବୁ ବିଷୟଗୁଡ଼ିକ ନିହାତି ଜାଣିବା ଜରୁରୀ, ସେ ବିଷୟରେ ଅଧିକାଂଶ ଲୋକ ଭଲ ଭାବେ ଅବଗତ ନାହାନ୍ତି। ସେଥିପାଇଁ ଅନେକ ସମୟରେ ସେମାନେ ଭୁଲ୍ ଫଣ୍ଡ୍‌ରେ ନିବେଶ କରିଥାନ୍ତି। ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ୍ ଇନ୍ ଇଣ୍ଡିଆ (ଆମ୍ଫି)ର ମିଳିତ ସହଯୋଗରେ ଚଳିତମାସ ୨୧ ତାରିଖରେ ଭୁବନେଶ୍ୱରର ଗୀତ ଗୋବିନ୍ଦ ସଦନ (ଜୟଦେବ ଭବନ ପରିସର)ରେ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଯଦି ଆପଣମାନେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିଛନ୍ତି କିମ୍ବା ନିବେଶ କରିବା ବିଷୟରେ ବିଚାର କରୁଛନ୍ତି, ତେବେ ଏହା ହେଉଛି ଆପଣମାନଙ୍କ କାର୍ଯ୍ୟକ୍ରମ। ଏଥିରେ ଯୋଡ଼ି ହୋଇ ଆପଣମାନେ ମ୍ୟୁଚୁଆଲ୍ ଫଣ୍ଡ୍‌ର ପ୍ରତିଟି ବିଷୟକୁ ଭଲ ଭାବେ ବୁଝିପାରିବେ ଏବଂ ସେହି ଆଧାରରେ ନିଷ୍ପତ୍ତି ନେବାରେ ସକ୍ଷମ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ମ୍ୟୁଚୁଆଲ୍ ଫଣ୍ଡ୍ ମାଧ୍ୟମରେ ନିବେଶଜନିତ ବିପଦ, ରିଟର୍ଣ୍ଣ ତଥା ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଲାଭ ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଅତି ସରଳ ଭାଷାରେ ପ୍ରଦାନ କରାଯିବ। ପରିବର୍ତ୍ତନ ଲର୍ଣ୍ଣିଂ ସଲ୍ୟୁସନ୍ସର ବିଶିଷ୍ଟ ସିନିୟର୍ କର୍ପୋରେଟ୍ ଟ୍ରେନର୍ ଏବଂ ଲର୍ଣ୍ଣିଂ ଓ ଡେଭଲପମେଣ୍ଟ ପ୍ରଫେସନାଲ୍ ରଘୁନନ୍ଦନ ପଟ୍ଟନାୟକ ଏହି ଅଧିବେଶନରେ ନିବେଶକଙ୍କୁ ସଚେତନ କରିବେ। ଆର୍ଥିକ କ୍ଷେତ୍ରରେ ତାଲିମ ଏବଂ ମାର୍ଗଦର୍ଶନରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଅନୁସାରେ ମ୍ୟୁଚୁଆଲ୍ ଫଣ୍ଡ୍‌ର ବିଭିନ୍ନ ବିଷୟଗୁଡ଼ିକୁ ସେ ସରଳ ଭାଷାରେ ବୁଝାଇବେ। ଏହି ଉଦ୍ୟମ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର 'ଏକ ସୂଚିତ ନିବେଶକ ଏକ ସୁରକ୍ଷିତ ନିବେଶକ' ମିସନ୍ ସହିତ ଭଲ ଭାବେ ସମନ୍ୱିତ ରହିଛି। ଏହି କାର୍ଯ୍ୟକ୍ରମ ସମସ୍ତ ନିବଶେକଙ୍କ ପାଇଁ ଖୋଲା ରହିଛି। ଏଥିରେ ଭାଗ ନେଇ ଆପଣମାନେ ଶିଳ୍ପ ବିଶେଷଜ୍ଞଙ୍କୁ ସିଧାସଳଖ ପ୍ରଶ୍ନ ପଚାରି ପାରିବେ ଏବଂ ନିଜ ମନରେ ଥିବା ସନ୍ଦେହ ଦୂର କରିବା ପାଇଁ ଏକ ଉତ୍ତମ ସୁଯୋଗ ପାଇ ପାରିବେ।



# ଝାରଖଣ୍ଡରେ ଟ୍ରାଇବାଲ୍ ଆଡଭାଇଜରୀ କାଉନସିଲ ବୈଠକକୁ ବହିଷ୍କାର କଲା ବିଜେପି

**ରାଞ୍ଚି,(ହି.ସ):** ଝାରଖଣ୍ଡରେ ଟ୍ରାଇବାଲ୍ ଆଡଭାଇଜରୀ କାଉନସିଲ ବୈଠକକୁ ବହିଷ୍କାର କଲା ବିଜେପି । ଏନେଇ ବିରୋଧୀ ଦଳ ନେତା ବାବୁ ଲାଲା ମାରାଣ୍ଡି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଟ୍ରାଇବାଲ୍ ଆଡଭାଇଜରୀ କାଉନସିଲ (ଟି.ଏ.ସି.) ର ବୈଠକକୁ ଭାରତୀୟ ଜନତା ପାର୍ଟୀ ବହିଷ୍କାର କରୁଛି। ଗତ ସାଢ଼େ ୫ ବର୍ଷରେ ଝାରଖଣ୍ଡରେ ଆଦିବାସୀ ସମାଜ ପରିବର୍ତ୍ତନଶୀଳ ଭାବେ ଅତ୍ୟାଚାର ସହିତ ସମ୍ମୁଖୀନ ହେଉଛି। ବାଂଲାଦେଶୀ ଅନୁପ୍ରବେଶକାରୀ ସେମାନଙ୍କର ହକ୍ ଓ ଅଧିକାରକୁ ଅତିକ୍ରମଣ କରୁଛନ୍ତି, ଖଣିଜ ମାଫିଆ ପାଣି-ଜଙ୍ଗଲ-ଜମିର ଅପବ୍ୟବହାର କରୁଛନ୍ତି, କିନ୍ତୁ ମୁଖ୍ୟମନ୍ତ୍ରୀ କେବେ ଏହି ବିଷୟରେ କୌଣସି ପଦକ୍ଷେପ ନେଇନାହାନ୍ତି । ପରିସ୍ଥିତି ଏତେ ଖରାପ ହୋଇଛି ଯେ, ଆଦିବାସୀ ମହିଳାଙ୍କ ସହିତ ଦୁଷ୍କର୍ମ ଉଦ୍ୟମ କରିବାକୁ ଚେଷ୍ଟା କରିଥିବା ବ୍ୟକ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କ୍ଷତିପୂରଣ ଦିଆଯାଉଛି। ଯେତେବେଳେ ସରକାର ଆଦିବାସୀମାନଙ୍କର ଉତ୍ପୀଡନକୁ ପ୍ରୋତ୍ସାହିତ ଓ ପୁରସ୍କୃତ କରୁଛି, ସେତେବେଳେ ଏହି ପରିସ୍ଥିତିରେ ଟି.ଏ.ସି. ର ବୈଠକରେ ସାମିଲ ହେବାର କୌଣସି ଆବଶ୍ୟକତା ନାହିଁ। ଭାରତୀୟ ଜନତା ପାର୍ଟୀ, ଆଦିବାସୀ ସମାଜର ଅସ୍ମିତା ଓ ସେମାନଙ୍କର ଅସ୍ତିତ୍ୱକୁ ସୁରକ୍ଷିତ କରିବା ପାଇଁ ସଙ୍କଳ୍ପିତ ରହିଛି । ସଡକରୁ ସଦନ ଯାଏ ଆମର ସଂଘର୍ଷ ଜାରି ରହିବ ବୋଲି ସେ କହିଛନ୍ତି ।

# ପ୍ରଧାନମନ୍ତ୍ରୀ ୨୯ ମଇରେ ସିକିମ ରାଜ୍ୟ ଦିବସ ସମାରୋହରେ ଯୋଗଦେବେ

**ନୂଆଦିଲ୍ଲୀ,(ହି.ସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ ୨୯ ତାରିଖରେ ସିକିମର ରାଜ୍ୟ ଦିବସ ସମାରୋହରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ସିକିମ ଗସ୍ତ ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ହେବ। ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏହି ଅବସରରେ ନିମନ୍ତ୍ରଣ କରିଥିଲେ।ସିକିମ ଯିବା ପାଇଁ ପ୍ରଧାନମନ୍ତ୍ରୀ ନିମନ୍ତ୍ରଣ ଗ୍ରହଣ କରିଛନ୍ତି ଏବଂ ଏହି ଐତିହାସିକ କାର୍ଯ୍ୟକ୍ରମରେ ସିକ୍କିମର ଲୋକଙ୍କ ସହ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ପୋଷ୍ଟରେ କହିଛି। ଏହି ସମୟରେ, ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଏକ ବିବୃତିରେ କହିଛନ୍ତି ଯେ ସିକିମର ଲୋକଙ୍କ ପକ୍ଷରୁ, ବର୍ଷବ୍ୟାପୀ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆନୁଷ୍ଠାନିକ ନିମନ୍ତ୍ରଣ କରିବାର ଗୌରବ ତାଙ୍କୁ ମିଳିଛି। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନିମନ୍ତ୍ରଣକୁ ସଦୟତାର ସହ ଗ୍ରହଣ କରିଛନ୍ତି ଏବଂ ୨୯ ମଇରେ ଆମର ସୁନ୍ଦର ହିମାଳୟ ରାଜ୍ୟ ଗସ୍ତ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି। ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀ ଅପରେସନ ସିନ୍ଦୂରର ସଫଳତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅପରେସନ ଆତଙ୍କବାଦ ବିରୋଧରେ ଲଢ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ



ସଫଳତା ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଛି। ତମାଙ୍ଗ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ତାଙ୍କ ସରକାର ରାଜ୍ୟର ବିକାଶ ପାଇଁ ପ୍ରତିବଦ୍ଧ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଆମ ରାଜ୍ୟ ଗସ୍ତରେ ଆସୁଥିବାରୁ ଆମେ ଖୁସି ଏବଂ ଆମେ ଆଶା କରୁଛୁ ଯେ ଏହି ଗସ୍ତ ରାଜ୍ୟର ବିକାଶକୁ ଏକ ନୂତନ ଦିଗଦର୍ଶନ ଦେବ।

# ମଣିପୁର ହିଂସାର ତଦନ୍ତ ପାଇଁ ଗଠିତ କମିଶନଙ୍କୁ ମିଳିଲା ଆହୁରି ଛଅ ମାସ ସମୟ

**ନୂଆଦିଲ୍ଲୀ,(ହି.ସ):** ମଣିପୁର ହିଂସାର ତଦନ୍ତ ପାଇଁ ଗଠିତ କମିଶନକୁ ଆହୁରି ଛଅ ମାସ ସମୟ ଦିଆଯାଇଛି। ଏବେ କମିଶନ ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଉପୁଜିଥିବା ଜାତିଗତ ସଂଘର୍ଷ ଉପରେ ନଭେମ୍ବର ୨୦ ସୁଦ୍ଧା ତାଙ୍କର ରିପୋର୍ଟ ଦାଖଲ କରିପାରିବେ। ଏହା ପୂର୍ବରୁ ମଧ୍ୟ ନଭେମ୍ବର ମାସରେ କମିଶନଙ୍କୁ ଛଅ ମାସ ସମୟ ଦିଆଯାଇଥିଲା।ଗୃହ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ, ମଣିପୁର ହିଂସାର ତଦନ୍ତ ପାଇଁ ଗଠିତ ତଦନ୍ତ କମିଶନଙ୍କ ରିପୋର୍ଟ ଦାଖଲ କରିବାର ଶେଷ ତାରିଖ ଜୁନ୍ ୪, ୨୦୨୩କୁ ବୃଦ୍ଧି କରାଯାଇଛି। ହିଂସାର ତଦନ୍ତ ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ କମିଶନ ଗଠନ କରାଯାଇଥିଲା। ଏହି କମିଶନର ନେତୃତ୍ୱ ଗୌହାଟି ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅଜୟ ଲାମ୍ବା ନେଇଛନ୍ତି। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ହିମାଂଶୁ ଶେଖର ଦାସ ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଆଲୋକ ପ୍ରଭାକର ଅନ୍ୟ ଦୁଇ ସଦସ୍ୟ। ଉଲ୍ଲେଖନୀୟ ଯେ ମଣିପୁର ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୩ ମଇ ୨୦୨୩ରେ ହିଂସା ଘଟିଥିଲା। କୋର୍ଟଙ୍କ ନିଷ୍ପତିରେ ମୈତେଇଙ୍କୁ ଅନୁସୂଚିତ ଜନଜାତିର ମାନ୍ୟତା ପ୍ରଦାନ କରିବାକୁ ସୁପାରିଶ କରାଯାଇଥିଲା। ଏହି ଜାତିଗତ ହିଂସାରେ ନଭେମ୍ବର ୨୦୨୪ ସୁଦ୍ଧା ୨୫୮ ଜଣ ପ୍ରାଣ ହରାଇଥିଲେ ଏବଂ ୬୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ।

## ୫ ମାସରେ ପାକିସ୍ତାନରୁ ଆସିଥିବା ଶହେ ଡ୍ରୋନ୍‌କୁ ଧରିଛି ବିଏସ୍‌ଏଫ୍

**ଚଣ୍ଡୀଗଡ଼,(ହି.ସ):** ପଞ୍ଜାବରେ ଭାରତ-ପାକିସ୍ତାନ ସୀମାରେ ମୁତୟନ ସୀମା ସୁରକ୍ଷା ବଳ (ବିଏସଏଫ) ଚଳିତ ବର୍ଷ ଏପର୍ଯ୍ୟନ୍ତ ସୀମା ପାର୍ ରୁ ଅନୁପ୍ରବେଶ ନିମନ୍ତେ ଆସିଥିବା ଶହେ ଡ୍ରୋନ୍ କୁ ଧରିଛି । ଏଥି ସହିତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋଟକ ଜବତ କରାଯାଇଛି । ବିଏସଏଫ ପକ୍ଷରୁ ଦିଆଯାଇଥିବା ସୂଚନାରେ ଏହା କୁହାଯାଇଛି। ବିଏସଏଫ ମୁଖପାତ୍ର କହିଛନ୍ତି ଯେ, ଚଳିତ ବର୍ଷ ମଇ ୧୮ ତାରିଖ ସୁଦ୍ଧା ଭାରତୀୟ କ୍ଷେତ୍ରରେ ପ୍ରବେଶ କରିଥିବା ୧୦୦ ପାକିସ୍ତାନୀ ଡ୍ରୋନ୍ କୁ ଜବତ କରାଯାଇଛି।

ଡୁମାଣୀ ଖବର
ଟ୍ୱିନ୍‌ସିଟି
ବୁଧବାର, ୨୧ ମଇ, ୨୦୨୫


# ଓବିସି ସଂରକ୍ଷଣ ଉପରେ କହିବା ପାଇଁ ବିଜେଡି ଓ କଂଗ୍ରେସର ନୈତିକତା ନାହିଁ : ମନମୋହନ ସାମଲ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଓବିସି ସଂରକ୍ଷଣ ପ୍ରସଙ୍ଗରେ ବିଜେଡ଼ି ଓ କଂଗ୍ରେସର ଆନ୍ଦୋଳନ ପୂର୍ବରୁ ବର୍ଷିଲେ ମନମୋହନ ସାମଲ। ଓବିସି ସଂରକ୍ଷଣ ଉପରେ କହିବା ଲାଗି ସେମାନଙ୍କର ନୈତିକତା ନାହିଁ ବୋଲି ସେ କହିଛନ୍ତି। ଇତିହାସକୁ ପଢନ୍ତୁ ବିରୋଧୀ। ସେମାନଙ୍କ ଆନ୍ଦୋଳନକୁ ଲୋକ ଗ୍ରହଣ କରିବେ ନାହିଁ। ମନମୋହନ ସାମଲ କହିଛନ୍ତି ଯେ, ବିଧାନସଭାରେ କିଛି ତଥାକଥିତ ନେତା ବିରୋଧ ପାଇଁ ବିରୋଧ କରୁଥିଲେ। ସେମାନେ ଆଇନାରେ ନିଜ ମୁହଁ ଦେଖିବା ଉଚିତ। ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେବା କ୍ଷେତ୍ରରେ ତାଙ୍କର ଭୂମିକା କଣ ଥିଲା। ମଣ୍ଡଳ କମିଶନ ବିରୋଧରେ ପଛୁଆ ବର୍ଗଙ୍କୁ ବଞ୍ଚିତ କରିବା ପାଇଁ ବିଜୁ ବାବୁ ସୁପ୍ରିମକୋର୍ଟ ଯାଇଥିଲେ। ପରେ କେବଳ ସମର୍ଥନ କରିବାର ଡିଣ୍ଡିମ ପିଟିଥିଲେ। ମନମୋହନ ସାମଲ କହିଛନ୍ତି ଯେ, କିନ୍ତୁ କଂଗ୍ରେସ ଓ ବିଜେଡ଼ି ଲମ୍ବା ସମୟ ଧରି ସରକାରରେ ରହି ମଧ ଲାଗୁ କରିପାରିଲେ ନାହିଁ। ଯେଉଁମାନେ ବିଧାନସଭାରେ ବିରୋଧ କରୁଥଲେ, ସେମାନଙ୍କୁ ଲୋକ ଜାଣିଛନ୍ତି। ୧୧.୨୫ ଲାଗୁ କରିବାରେ ଅସୁବିଧା କଣ ଥିଲା, କାହିଁକି କରୁନଥିଲେ? ସେମାନେ ସାମାଜିକ ଅପରାଧ କରିଛନ୍ତି, ସେମାନଙ୍କୁ ଉପେକ୍ଷା କରିଛନ୍ତି। କେବଳ କୁମ୍ଭୀର କାନ୍ଦଣା କରିଛନ୍ତି। କିଛି କରିନାହାନ୍ତି କହି ବର୍ଷିଛନ୍ତି ମନମୋହନ ସାମଲ। ପଛୁଆ ବର୍ଗ କେତେ ଅଛନ୍ତି, ତାହା ଘୋଷଣା ବି କଲେ ନାହିଁ। କଂଗ୍ରେସ ଓ ବିଜେଡି ଲମ୍ବା ସରକାରରେ ରହିଲେ ତଥାପି କଲେ ନାହିଁ। କରିବାର ଆଗ୍ରହ ନଥିଲା, ଇଚ୍ଛା ଶକ୍ତି ନଥିଲା। ୨୭ ପ୍ରତିଶତ ନହେଲେ ଲାଗୁ କରିପାରିବୁ ନାହିଁ ବୋଲି ବିଧାନସଭାରେ କହୁଥିଲେ। ଯେଉଁମାନେ ବିରୋଧ କରୁଥଲେ, ସେମାନେ ବର୍ତ୍ତମାନ ବିଭିନ୍ନ ଟୀକାଟିପ୍ପଣୀ କରି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଆଜି ଯାଏଁ ସଂରକ୍ଷଣ କରିପାରିଲେ ନାହିଁ। ଲୋକ ଲମ୍ବା ସମୟ ଧରି କଂଗ୍ରେସ ଓ ବିଜେଡ଼ିକୁ ସରକାରରେ ରଖିଲେ, କିନ୍ତୁ କଲେ ନାହିଁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମନମୋହନ ସାମଲ। ସଂକଳ୍ପ ପତ୍ରକୁ କାର୍ଯ୍ୟକାରୀ କରିଛନ୍ତି। ଆଗକୁ ମଧ ସବୁ ସଂକଳ୍ପ ପାଳନ ହେବ ବୋଲି ସେ କହିଛନ୍ତି। କଂଗ୍ରେସ ବେଳେ ରାଜୀବ ଗାନ୍ଧୀ ସାଂସଦରେ ଦିକ୍ଷାନ୍ତ ଭାଷଣ କରିଥିଲେ। ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେବାର କିଛି କାରଣ ନାହିଁ ବୋଲି ଗୃହକୁ ବିଭ୍ରାନ୍ତ କରିଥିଲେ ରାଜୀବ ଗାନ୍ଧୀ। ବିରୋଧୀ ନିଜ ଇତିହାସକୁ ପଢ଼ିବାର ସମୟ ଆସିଛି। ଆନ୍ଦୋଳନ କରିବେ ବୋଲି ଲୋକଙ୍କୁ କହି ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କୁ ସ୍ୱଷ୍ଟ ଭାବେ କହିବାକୁ ଚାହେଁ, ଯାହା ସଂକଳ୍ପ ପତ୍ରର କହିଥିଲୁ, ସବୁ ପୂରଣ କରିବୁ। ଯେଉଁ ଓକିଲ ଦିଆଯାଇଥିଲା କୋର୍ଟରେ, ତାଙ୍କ ନାଁ ବି କହିପାରିବେ ନାହିଁ। ୧୮ରୁ ୩୫ ବର୍ଷ ୭୦ ଭାଗ ଯୁବକଙ୍କ ପ୍ରତି ଚିନ୍ତା ନଥିଲା। ମୁଷ୍ଟିମେୟ ଲୋକଙ୍କ ପାଇଁ ଚିନ୍ତା ଥିଲା। ଆଜି ଯାହା କହୁଛି, ଆତ୍ମବିଶ୍ୱାସ ଓ ନୈତିକ ସାହସ ସହ କହୁଛି। ପ୍ରତାରଣା ରାଜନୀତି କରୁଛନ୍ତି ବିରୋଧୀ। ରାଜନୀତିରେ ସ୍ୱଷ୍ଟତା ରହିବା ଦରକାର। ଦୃଢ ରହିବା ଉଚିତ୍ ନୁହେଁ। ଗୋଟେ ବର୍ଷ ପୁରିନି ହେଲେ ୨୧ରୁ ୧୧ ସଂକଳ୍ପ ପୂରଣ ହେଲାଣି। ଦେଢ଼ ବର୍ଷ ଭିତରେ ୨୧ରୁ ୨୧ ସଂକଳ୍ପ ପୂରଣ ହେବ ବୋଲି ମନମୋହନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ବିରୋଧୀ ବିଜେପି ସରକାରର ପ୍ରତିଶ୍ରୁତି ପୂରଣକୁ ହଜମ କରିପରନାହନ୍ତି। କେମିତି କ୍ଷମତାରୁ ଚାଲିଗଲେ କଂଗ୍ରେସ ସେ ହ୍ୟାଙ୍ଗ ଓଭରରୁ ବାହାରି ପାରୁନି । ସେମାନେ ଦୁର୍ନୀତିକୁ ସାଧନ ବୋଲି ଭାବୁଥିଲେ। ସେମାନଙ୍କୁ ଲୋକ ପ୍ରତ୍ୟାଖ୍ୟାନ କଲେ। ସେମାନେ ଆତ୍ମ ସମୀକ୍ଷା କରିବା ଦରକାର। ବିଜେଡ଼ି ନ୍ୟାରେଟିଭ କରୁଥିଲା, ସେମାନଙ୍କ ପାଖରୁ କେହି କ୍ଷମତା ଛଡ଼ାଇ ନେଇପାରିବେ ନାହିଁ। ଏବେ କିନ୍ତୁ ବିଜେଡିକୁ ନିଦ ନାହିଁ। କେମିତି କ୍ଷମତାରୁ ଚାଲିଗଲୁ। ବିଜେଡ଼ି ବିଫଳ ହେବ, ଯାହା କହୁଛି। ସେ କହିଛନ୍ତି ଯେ, ଦାୟିତ୍ୱବାନ ସରକାରୀ ଦଳ ଭାବେ ଲୋକ ବିଜେପିକୁ ଦେଖୁଛନ୍ତି। ଯାହା ବିଭ୍ରାନ୍ତି ସେମାନେ ସୃଷ୍ଟି କରୁଛନ୍ତି, ସେଥିରେ ସ୍ୱଷ୍ଟୀକରଣ ଦିଅନ୍ତୁ। ସରକାରଙ୍କ ପାଖରେ ସ୍ୱଷ୍ଟତା ଅଛି, ନିଶ୍ଚିତ ସବୁ କାମ କରିବ। ସବୁ ପ୍ରତିଶ୍ରୁତି ପୂରଣ ହେବ। ଯେତେ ବିରୋଧ ହେଲେ ବି ସବୁ କାମ କରିବୁ ବୋଲି ଦୃଢୋକ୍ତି କଲେ ମନମୋହନ। ସଂକଳ୍ପ ପତ୍ର ବାହାରେ ବି ଅନେକ କାମ କରାଯିବ। ସ୍ୱପ୍ନ ଦେଖିବୁ, ସଂଶୋଧନ କରିବୁ , କ୍ରିୟାନ୍ୱାୟନ କରିବୁ। ରାଜୀବ ଗାନ୍ଧୀ କାହିଁକି ଏଭଳି କରିଥିଲେ, ବିଜୁ ବାବୁ କାହିଁକି ସୁପ୍ରିମକୋର୍ଟ ଯାଇଥିଲେ। ବିରୋଧୀ ଆତ୍ମ ସମୀକ୍ଷା କରନ୍ତୁ। ସେମାନଙ୍କ ଆନ୍ଦୋଳନକୁ ଲୋକ ଗ୍ରହଣ କରିବେ ନାହିଁ। ମେଡିକାଲ ଓ ଟେକ୍ନିକାଲ ଶିକ୍ଷା, ସ୍କୁଲ ଶିକ୍ଷା କ୍ଷେତ୍ରରେ ୧୧.୨୫ ପାଇଁ ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ସବୁ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କୁ ସଂରକ୍ଷଣ ମିଳିବ। ଦଳ ଓ ସରକାର ମଧରେ ଏ ବାବଦରେ ଆଲୋଚନା ହୋଇଛି। ସଂକଳ୍ପ ପତ୍ର ଅନୁଯାୟୀ କାର୍ଯ୍ୟକାରୀ କରି ପୂର୍ଣ୍ଣାଙ୍ଗ କରାଯିବ ବୋଲି ସେ କହିଛନ୍ତି। ୨୦୨୪ ସଂକଳ୍ପ ପତ୍ରର ବିଜେପି ଯାହା କହିଥିଲେ, ସେ ପ୍ରକ୍ରିୟା ଆରମ୍ଭ ହୋଇଛି । ସରକାର ହେବାର ୧ ବର୍ଷ ପୂର୍ବରୁ ଐତିହାସିକ ନିଷ୍ପତି ନେଇଛନ୍ତି। ଓଡ଼ିଶାରେ ପଛୁଆ ବର୍ଗ ଲୋକଙ୍କ ସଂଖ୍ୟା ୫୪ ପ୍ରତିଶତ। ସୁପ୍ରିମକୋର୍ଟର କଟକଣା ଯୋଗୁଁ ୧୧.୨୫ ଓବସିଙ୍କୁ ସଂରକ୍ଷଣ ଦିଆଯାଇଛି । ପ୍ରଧାନମନ୍ତ୍ରୀ ୨୦୧୮ ମସିହାରେ ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ମର୍ଯ୍ୟାଦା ଦେଇଥିଲେ। ଓବିସି କମିଶନ ଆଗରୁ ଥିଲା, କିନ୍ତୁ କ୍ଷମତା ନଥିଲା। ଯାହାକୁ ମୋଦି ପୂର୍ଣ୍ଣ ସାମ୍ବିଧାନିକ କ୍ଷମତା ଦେଇଥିଲେ। ସମାଜର ତଳ ସ୍ତରରେ ଥିବା ଲୋନଙ୍କୁ ସମାନ ସ୍ତର ଦେବା ଲାଗି ଯାହା କୁହାଯାଇଥିଲା, ତାହା କରାଗଲା। ପଛୁଆ ବର୍ଗଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଖୁବଶୀଘ୍ର ଜାତିଭିତ୍ତିକ ଜନଗଣନା ଆରମ୍ଭ ହେବ। ଏଭଳି ଐତିହାସିକ ନିଷ୍ପତି ନେଇଛନ୍ତି କେନ୍ଦ୍ର ସରକାର। ଓଡ଼ିଶାରେ ମଧ ସରକାର ନିଷ୍ପତ୍ତି ନେଇଛନ୍ତି ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ମିଳିବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

# ସିୟୁଟିଏମ୍ ପରିଦର୍ଶନ କଲେ ରାଜ୍ୟପାଳ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାର ଜଟଣୀ ନିକଟସ୍ଥ ରାମଚନ୍ଦ୍ରପୁରସ୍ଥିତ ସି.ୟୁ.ଟି.ଏମ୍. (ସେଞ୍ଚୁରିଅନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ) ପରିଦର୍ଶନ କରି ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟପାଳଙ୍କ ଏହି ପରିଦର୍ଶନ ସମୟରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ ଉପସ୍ଥିତ ଥିଲେ। ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ପଲିନେଟର୍ସ ପାରାଡାଇଜ୍, ଟ୍ରାନ୍ସଫର୍ମର୍ ଲ୍ୟାବସ୍, ୱେଷ୍ଟ୍ ଟୁ ୱେଲଥ୍ ଲ୍ୟାବ୍, ୱେଲ୍ ଉଡ୍ ଇଞ୍ଜିନିଅରିଂ ଲ୍ୟାବ୍, ଆପାରେଲ୍ ଆଣ୍ଡ୍ ଟେକ୍ସଟାଇଲସ ଇଞ୍ଜିନିଅରିଂ ଲ୍ୟାବ୍, ପ୍ଲମ୍ବିଙ୍ଗ୍ ଆଣ୍ଡ୍ ପାଇପ୍ ଲାଇନ୍ ଇଞ୍ଜିନିଅରିଂ ଲ୍ୟାବସ୍, ମାରିଟାଇମ୍ ସ୍କୁଲ ସିମୁଲେସନ୍ ଆଣ୍ଡ୍ ଆପ୍ଲାଏଡ଼ ଲର୍ଣ୍ଣିଙ୍ଗ୍ ଲ୍ୟାବ୍, ଇଲେକ୍ଟ୍ରିକାଲ ଆଣ୍ଡ୍ ଅଟୋମେଟିଭ ଲ୍ୟାବ୍, ଆଲାଏଡ ହେଲଥ୍ ସ୍କୁଲ ଲ୍ୟାବସ୍ ଇତ୍ୟାଦି ପ୍ରୟୋଗଶାଳା ପରିଦର୍ଶନ କରି କାର୍ଯ୍ୟଧାରା ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଇଲେକ୍ଟ୍ରିକ୍ ଭେହିକଲ୍ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ନେଉଥିବା ଜିମ୍ବାୱେର ମିଡ୍ - କ୍ୟାରିଅର ସରକାରୀ ଅଧିକାରୀଙ୍କ ସହ ରାଜ୍ୟପାଳ ବାର୍ତାଳାପ କରିଥିଲେ। ପରେ ପରେ ରାଜ୍ୟପାଳ ଅଧ୍ୟାପକ ଏବଂ ବିଶ୍ୱବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପାରମ୍ପରିକ ଶିକ୍ଷା ଢାଞ୍ଚା ସହିତ ଦକ୍ଷତା ବିକାଶ ଆଧାରିତ ଶିକ୍ଷାକୁ ସମନ୍ୱିତ କରିବା ଦିଗରେ ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ରାଜ୍ୟପାଳ ଆଲୋକପାତ କାରି ଜାତୀୟ ଶିକ୍ଷାନୀତିରେ ଶିକ୍ଷା ଏବଂ ଦକ୍ଷତା ବିକାଶ ମଧରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ଏତଦବ୍ୟତୀତ, ରାଜ୍ୟପାଳ ନିକଟ ଅତୀତରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନକୁ ଗସ୍ତ ସମୟର ଅନୁଭବ ଓ ଉପଲବ୍ଧି ଉପରେ ଅବତାରଣା କରିଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଏକ ସହଯୋଗୀ ମଡେଲ ସୃଷ୍ଟି କରିବାର ଆବଶ୍ୟକତା ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରି ଯେଉଁ ପ୍ରତିଷ୍ଠାନ ଗୁଡିକରେ ଇନ୍ ହାଉସ୍ ଦକ୍ଷତା ବିକାଶ ତାଲିମ ସୁବିଧା ନାହିଁ ସେମାନଙ୍କୁ ତାଲିମ ସୁବିଧା ଥିବା କେନ୍ଦ୍ରରେ ତାଲିମ ନେବାର ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ରୁତ ଗତିରେ ବିକଶିତ ହେଉଥିବା ବିଶ୍ୱରେ ବିଭିନ୍ନ ଆହ୍ୱାନର ମୁକାବଲା କରିବା ପାଇଁ ଯୁବପୀଢିଙ୍କୁ ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟପାଳ କହିବା ସହିତ ସିୟୁଟିଏମ୍‌ର ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ।

# ପିଜିଟି ଶିକ୍ଷକଙ୍କ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା : ଭାଗ ନେଲେ ୩୦୦ ପ୍ରଶିକ୍ଷାର୍ଥୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା କୃଷି ଭବନସ୍ଥିତ ଅଡ଼ିଟୋରିୟମଠାରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ୧୭ ଟି ସ୍ୱତନ୍ତ୍ର ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରାୟ ୩୦୦ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧମିକ ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଯୋଗ ଦେଇ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ନିର୍ଦ୍ଦେଶକ, ଉଚ୍ଚ ମାଧମିକ ନିର୍ଦ୍ଦେଶାଳୟ ରଘୁରାମ୍ ଆର୍ ଆୟର, ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମ ନିର୍ଦ୍ଦେଶକ ବନ୍ଦନା ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ, ଉଚ୍ଚ ମାଧମିକ ନିର୍ଦ୍ଦେଶାଳୟ ଶ୍ରୀ ବିଶ୍ୱଜିତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଚ୍ଚ ମାଧମିକ ପରିଷଦର ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି, ଶିକ୍ଷା ଓ ପ୍ରଶିକ୍ଷଣ ପରସ୍ପର ସହ ଜଡ଼ିତ । ସମୟାନୁସାରେ ପ୍ରଶିକ୍ଷଣ ନେବାର ଆବଶ୍ୟକତା ରହିଛି। ଶିକ୍ଷାକୁ କେବଳ ଜ୍ଞାନ ଆହରଣ ଭାବରେ ନୁହେଁ ବରଂ ଏହାର ବ୍ୟବହାରିକ ଦିଗ ପ୍ରତି ମଧ ଧ୍ୟାନ ଦେବାକୁ ହେବ। ଏଥିସହ ଶିକ୍ଷାର ବିଭିନ୍ନ ବ୍ୟବହାରତ୍ମକ ଦିଗ ପ୍ରତି ଯତ୍ନଶୀଳ ହେବା ଏବଂ ଏହାକୁ ପ୍ରୋତ୍ସାହିତ କରିବା ନେଇ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ। ସେହିପରି ନିର୍ଦ୍ଦେଶକ, ଉଚ୍ଚ ମାଧମିକ ନିର୍ଦ୍ଦେଶାଳୟ ଶ୍ରୀ ଆୟର୍ କର୍ମଶାଳା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବିଦ୍ୟାଳୟ ଗୁଡିକରେ ଥିବା ବିଭିନ୍ନ ପ୍ରଶାସନିକ କାର୍ଯ୍ୟ, ନାମଲେଖା ପ୍ରକ୍ରିୟା, ଛାତ୍ରଛାତ୍ରୀଙ୍କୁ ଉତମ ଶିକ୍ଷାଦାନ, ଆପାର୍ ଆଇଡ଼ି ଓ ୟୁଡାଇସ୍ ପୋର୍ଟାଲ ପରିଚାଳନା ଆଦି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ କର୍ମଶାଳାର ଆୟୋଜନ କରାଯାଇଛି । ଆଞ୍ଚଳିକ ନିର୍ଦ୍ଦେଶକ, ସମ୍ବଲପୁର ଶ୍ରୀ ତରାଇ ପିଜିଟି ପ୍ରଶିକ୍ଷକଙ୍କୁ ସମନ୍ୱୟ ଓ ଉତରଦାୟିତ୍ୱ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଶିକ୍ଷକତା ଏକ ଚାକିରୀ ନୁହେଁ ବରଂ ଏହା ଏକ ବୃତି । ଏଥିସହ ଆସନ୍ତାକାଲି ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ଉପଦେଶ ଦେଇଛନ୍ତି । ସେହିପରି ଆଞ୍ଚଳିକ ନିର୍ଦ୍ଦେଶକ, ବ୍ରହ୍ମପୁର ଶ୍ରୀମତୀ ବନ୍ଦନା ମହାପାତ୍ର ରେକର୍ଡ କିପିଂ ଉପରେ ଧ୍ୟାନ ଦେଇଥିଲେ। ଉଭୟ ପ୍ରଶାସନିକ ଓ ଶିକ୍ଷା କ୍ଷେତ୍ରରେ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାରଙ୍ଗମ ହେବା ନେଇ ଗୁରୁତ୍ୱାରୋପ କରିଥିଲେ। ସୂଚନାନୁସାରେ, ଏହି ଦୁଇ ଦିନିଆ କର୍ମଶାଳାରେ ବିଦ୍ୟାଳୟର କାର୍ଯ୍ୟାଳୟ ପ୍ରତିଷ୍ଠାନ ପରିଚାଳନା, ପରୀକ୍ଷା ପରିଚାଳନା, ଅନଲାଇନ୍ ଏକାଡେମିକ୍ ସପୋର୍ଟ ପ୍ରୋଗାମ୍, ଏଚଆରଏମଏସ, ଆଇଏଫଏମଏସ ଆଦି ସମ୍ପର୍କରେ ପ୍ରଶିକ୍ଷଣ, ଇ-ଆଡମିଶନ, ଛାତ୍ରବୃତି, ଡିଜିଟାଲ୍ କ୍ଲାସ୍ ରୁମ୍ ବ୍ୟବହାର ଆଦି ସମ୍ପର୍କରେ ତାଲିମ୍ ଦିଆଯିବ ।

# ପାନୀୟ ଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଖରା ଯୋଗୁଁ ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ଷ ପୂର୍ତି ପୂର୍ବରୁ କିଛି ମେଗା ପ୍ରକଳ୍ପ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି। ନୂଆପଡାରେ ୧୦୦ ପ୍ରତିଶତ କାମ ସରିଛି । ଏବେ ସୁଦ୍ଧା ୨୨ ଟି ପ୍ରକଳ୍ପ ସରିଲାଣି। ୨୪ ହଜାର ୭୦୦ ଟ୍ୟୁବୱେଲରୁ ୧୭୦୦ ଖୋଳା ସରିଲାଣି। ଆମ ରାଜ୍ୟରେ ଖୋଳିବାକୁ ପର୍ଯ୍ୟାପ୍ତ ମେସିନ ନଥିବାରୁ ଆନ୍ଧ୍ରରୁ ଅଧିକ ମେସିନ ଆଣିବାକୁ ଯୋଗାଯୋଗ କରାଯାଉଛି। ୪ ତାରିଖ ସୁଦ୍ଧା ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥିତି ନେଇ ରିପୋର୍ଟ ଦେବାକୁ ସବୁ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଥିରେ ଯାହା ଅସୁବିଧା ଅଛି ରିପୋର୍ଟ ଦେବାକୁ କୁହାଯାଇଛି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ନୂଆ ମନିଟରିଂ ସିଷ୍ଟମ ରାଜ୍ୟ ସରକାର ହାତକୁ ନେଇଛନ୍ତି। କାହାର କେତେ ପାଣି ଆବଶ୍ୟକ କିଏ ଅଧିକ ନେଉଛି ସେ ନେଇ ରାଜ୍ୟ ସ୍ତରରେ ମନିଟରିଙ୍ଗ ହେବ। ମେଗା ପାନୀୟ ଜଳ ପ୍ରକଳ୍ପରେ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ସମ୍ପର୍କିତ ଅସୁବିଧା ଦେଖାଦେଉଥିଲା। ତାକୁ ଷ୍ଟ୍ରିମ ଲାଇନ କରାଯାଇଥିବା ବୈଠକରେ ମତ ପ୍ରକାଶ ପାଇଛି।

# ଆଗରୁ କ୍ୟାବିନେଟରେ ବ୍ୟବସ୍ଥାର ଉଲ୍ଲଙ୍ଘନ ହେଉଥିଲା : ସୁରେଶ ପୂଜାରୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** କ୍ୟାବିନେଟ ବ୍ୟବସ୍ଥାକୁ ପୁନଃ ସ୍ଥାପିତ କରାଯାଇଛି। ତାହା କ୍ୟାବିନେଟର ମର୍ଯ୍ୟାଦା ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମୋଦନରେ କ୍ୟାବିନେଟରେ କିଛି ସ୍ଥାନ ପାଏ ନାହିଁ। କ୍ୟାବିନେଟ୍ ର ପ୍ରସ୍ତାବ ୭୨ ଘଣ୍ଟା ପୂର୍ବରୁ ଅଧୟନ ପାଇଁ ମନ୍ତ୍ରୀଙ୍କୁ ଦିଆଯିବ। ଯାହାଦ୍ୱାରା ଗୁଣାତ୍ମକ ଆଲୋଚନା ଓ ନିଷ୍ପତ୍ତି ହୋଇପାରିବ। ଏବେ ଯେଉଁଟା ପ୍ରସ୍ତାବ ତାର ବିଷୟ ବିନ୍ଦୁ ଓ ପୃଷ୍ଠଭୂମି ମନ୍ତ୍ରୀଙ୍କୁ ଜଣାଯିବ। ଆଗରୁ କ୍ୟାବିନେଟରେ ବ୍ୟବସ୍ଥାର ଉଲ୍ଲଙ୍ଘନ ହେଉଥିଲା। ଯେଉଁ ବିଭାଗର ପ୍ରସ୍ତାବ ରହୁଥିଲା ସେହି ବିଭାଗର ସମସ୍ତ ଅଧିକାରୀ ରହୁଥିଲେ। ଏବେ ସେଥିରେ ପରିବର୍ତନ ହୋଇଛି। ବିଗତ ଦିନରେ ପୂର୍ବ ସରକାରରେ କ୍ୟାବିନେଟ ଆଲୋଚନା ବିଭାଗୀୟ ସଚିବ ଉପସ୍ଥାପନ କରୁଥିଲେ। ଏବେ ବିଭାଗୀୟ ମନ୍ତ୍ରୀ ଉପସ୍ଥାପନ କରିବେ। ପୂର୍ବ ସରକାରରେ ଗଣତନ୍ତ୍ର ରାଜନୀତିକ ନେତୃତ୍ୱର ଭୂମିକାକୁ ଗୌଣ କରାଯାଇଥିଲା।

# ଏମ.ଆର ଶ୍ରୀନିବାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭାରତର ପରମାଣୁ ଶକ୍ତି କ୍ଷେତ୍ରର ସ୍ତମ୍ଭ ଓ ଏହି କ୍ଷେତ୍ରର ପ୍ରମୁଖ ନିର୍ମାତା ଏମ. ଆର. ଶ୍ରୀନିବାସନଙ୍କର ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।ସୋସିଆଲ ମିଡିଆରେ ସେୟାର କରାଯାଇଥିବା ତାଙ୍କର ଶ୍ରଦ୍ଧାଞ୍ଜଳି ବାର୍ତ୍ତାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀନିବାସନଙ୍କୁ ଜଣେ 'ସତ୍ୟ ଦୂରଦର୍ଶୀ' ଭାବରେ ସ୍ମରଣ କରି ଲେଖିଛନ୍ତି ଯେ, ତାଙ୍କର ଅଗ୍ରଣୀ ଭୂମିକା ଓ ସମର୍ପଣ ଭାରତର ପରମାଣୁ ପ୍ରଯୁକ୍ତିର ଭିତ୍ତି ସ୍ଥାପନ କରିଥିଲା ଓ ଦେଶକୁ ବୈଜ୍ଞାନିକ ଓ ପ୍ରଯୁକ୍ତିଗତ ଦୃଷ୍ଟିରୁ ଆତ୍ମନିର୍ଭର କରିବାରେ ଏକ ନିର୍ଣ୍ଣାୟକ ଅବଦାନ ଦେଇଥିଲେ। ଶ୍ରୀ କେଭି ସିଂହଦେଓ କହିଛନ୍ତି, 'ଭାରତ ଏମ. ଆର. ଶ୍ରୀନିବାସନଙ୍କ ଭାବେ ଏକ ସତ୍ୟ ଦୂରଦର୍ଶୀକୁ ହରାଇଛି। ସେ ଆମର ପରମାଣୁ ଶକ୍ତି କାର୍ଯ୍ୟକ୍ରମର ପ୍ରମୁଖ ଶିଳ୍ପୀ ଥିଲେ। ତାଙ୍କର ନେତୃତ୍ୱ କ୍ଷମତା ଓ ପ୍ରତିବଦ୍ଧତା ଭାରତର ପରମାଣୁ କ୍ଷମତାକୁ ଆକାର ଦେଇଥିଲା ଓ ଦେଶର ଶକ୍ତି ଭବିଷ୍ୟତକୁ ପରିଭାଷିତ କରୁଥିବା ବୈଜ୍ଞାନିକ ଉଦ୍ଭାବନକୁ ଆଗକୁ ବଢାଇଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀନିବାସନ ଭାରତର ପ୍ରଥମ ପରମାଣୁ ଗବେଷଣା ରିଆକ୍ଟରର ନିର୍ମାଣରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ଓ ପରମାଣୁ ଶକ୍ତି ଆୟୋଗର ଅଧକ୍ଷ ଭାବରେ ତାଙ୍କର କାର୍ଯ୍ୟକାଳ ସମୟରେ ଦେଶ ଶକ୍ତି ଆତ୍ମନିର୍ଭରତାର ଦିଗରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି କରିଥିଲା। ସେ ଆଗକୁ କହିଛନ୍ତି ଯେ, 'ତାଙ୍କର ଏହି ଉତ୍ତରାଧିକାର ଆଗାମୀ ପିଢ଼ିର ବୈଜ୍ଞାନିକ ଓ ନୀତି-ନିର୍ମାତାମାନଙ୍କୁ ଭାରତର ଶକ୍ତି ସୁରକ୍ଷା ଓ ଆତ୍ମନିର୍ଭରତାକୁ ଆଗକୁ ବଢାଇବା ପାଇଁ ପ୍ରେରିତ କରିବ। ଏହି ଅପୂରଣୀୟ କ୍ଷତି ପାଇଁ ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ପରିବାର ଓ ବୈଜ୍ଞାନିକଙ୍କ ପ୍ରତି ମୁଁ ଗଭୀର ସମବେଦନା ଜଣାଉଛି।

# ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ଅବଧି ବଢିଲା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ରାଜ୍ୟରେ ଥିବା ସମସ୍ତ କଲେଜରେ ଯୁକ୍ତ ୩ରେ ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ରେ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ +୨ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ରହିଥିବା କମନ୍ ଆପ୍ଲିକେସନ୍ ଫର୍ମ ପୂରଣ ପ୍ରକିୟାର ଅବଧିକୁ ବୃଦ୍ଧି କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ସାମସ୍ ପୋର୍ଟାଲ୍ ରେ ଅନଲାଇନ୍ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ଏଥିସହିତ +୨ ପରୀକ୍ଷାରେ ରଖିଥିବା ନିଜର ମାର୍କକୁ ମଧ ଜୁନ୍ ୧ ତାରିଖ ସୁଦ୍ଧା ଅପଲୋଡ଼ କରିପାରିବେ। ଉଲ୍ଲେଖନୀୟ ଯେ ଯୁକ୍ତ ୩ ନାମଲେଖା ପାଇଁ ଆବେଦନର ଅବଧି ଆଜି ଶେଷ ହେବାର ଥିଲା। ତେବେ ଯୁକ୍ତ ୨ ରେଜଲ୍ଟ ପ୍ରକାଶ ପାଇନଥିବାରୁ ଛାତ୍ରଛାତ୍ରୀମାନେ ଦ୍ୱନ୍ଦରେ ଥିଲେ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ସହ ଆଲୋଚନା ହେବ ଏବଂ ଆବେଦନ ସମୟ ସୀମା ବୃଦ୍ଧି ହେବ ବୋଲି କହିଥିଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

# ରାଜ୍ୟରେ ଦୁର୍ନୀତି ମାମଲାରେ ପୂର୍ବତନ ଜୁନିୟର ଆକାଉଣ୍ଟାଣ୍ଟ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଅନୁଯାୟୀ, ବଲାଙ୍ଗୀର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ପୂର୍ବତନ ଜୁନିୟର ଆକାଉଣ୍ଟାଣ୍ଟ-ସହ-ଲିଜ୍ କ୍ଲର୍କ କଳାନ୍ଦୀ ଚରଣ ଭୁୟାଁ, ବଲାଙ୍ଗିର ଡିଏଫଓ କାର୍ଯ୍ୟାଳୟରେ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ମାମଲା ଓଡ଼ିଶା ଭିଜିଲାନ୍ସ ବିଭାଗ ଦ୍ୱାରା ରୁଜୁ ଓ ତଦନ୍ତ କରାଯାଇଥିଲା। ଶ୍ରୀ ଭୁୟାଁ, ଯିଏକି ବର୍ତ୍ତମାନ ସେବାନିବୃତ୍ତ ତାଙ୍କ ବିରୁଦ୍ଧରେ ୨୭.୦୬.୨୦୧୯ ରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନଂ ୧୬ ଅନ୍ତର୍ଗତ ଦାୟର କରାଯାଇଥିଲା ଓ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ସେ ଜଣେ ଅଭିଯୋଗକାରୀଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ମାଗିବା ଓ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ଲାଞ୍ଚ ଟଙ୍କା କିଛି ଚାଷୀଙ୍କ ରେକର୍ଡ ହୋଇଥିବା ଜମିରେ ଥିବା ଅପବର୍ଜିତ ଗଛକୁ କାଟିବା ଓ କଟା ଗଛକୁ କାଠ ମିଲ୍ ପର୍ଯ୍ୟନ୍ତ ନେଇଯିବା ପାଇଁ ଅନୁମତି ଦେବା ବଦଳରେ ମାଗିଥିଲେ। ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଓ ଦୃଢ ସାକ୍ଷ୍ୟାଙ୍କ ଆଧାରରେ କୋର୍ଟ ଶ୍ରୀ ଭୁୟାଁଙ୍କୁ ତିନି ବର୍ଷର ସଶ୍ରମ କାରାଦଣ୍ଡ ଓ ୧୦,୦୦୦ଟଙ୍କା ଜରିମାନା ଦଣ୍ଡ ଦେଇଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ବିକାଶ ବର୍ଗ ଆରମ୍ଭ

**କଟକ/ଭୁବନେଶ୍ୱର,(ଡିକେ ନ୍ୟୁଜ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ପୂର୍ବକ୍ଷେତ୍ରର କାର୍ଯ୍ୟକର୍ତ୍ତା ବିକାଶ ବର୍ଗ-୧ ସାମାନ୍ୟ କଟକ ଗତିରାଉତ ପାଟଣା ସ୍ଥିତ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହେଉଛି । ଗତ ମେ ୧୧ ତାରିଖ ଦିନ ଏହି ବର୍ଗ ଉଦ୍‌ଘାଟିତ ହୋଇଥିଲା । ୨୦ ଦିବସୀୟ ପ୍ରଶିକ୍ଷଣ ବର୍ଗରେ ସିକିମ, ଆଣ୍ଡାମାନ, ପଶ୍ଚିମବଙ୍ଗ ଓ ଓଡିଶାରୁ ୨୨୧ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଛନ୍ତି । ବର୍ଗର ସର୍ବାଧିକାରୀ ଭାବେ ସଂଘର କଟକ ବିଭାଗ ସଂଘଚାଳକ ଗୌତମ ମହାରଣା, ସମ୍ବଲପୁର ବିଭାଗ ସଂଘଚାଳକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବର୍ଗକାର୍ଯ୍ୟବାହ ଏବଂ କେଦାର ମେହେର ବର୍ଗ ମୁଖ୍ୟ ଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସଂଘର ସରସଂଘଚାଳକ ଡ. ମୋହନ ଭାଗବତ ମେ ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ବର୍ଗରେ ଉପସ୍ଥିତ ରହି ମାର୍ଗ ଦର୍ଶନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବର ସଂଘଶିକ୍ଷା ବର୍ଗ (ସାମାନ୍ୟ) ୧୫ ଦିବସୀୟ ପ୍ରଶିକ୍ଷଣ ବର୍ଗ ଏହି ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହେଉଛି । ଏହି ପ୍ରଶିକ୍ଷଣ ବର୍ଗରେ ଓଡ଼ିଶାର ୧୮ଟି ଜିଲ୍ଲା ଓ ୧ଟି ମହାନଗରରୁ ୪୪୬ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଛନ୍ତି । ବର୍ଗର ସର୍ବାଧିକାରୀ ଭାବେ ମୟୁରଭଞ୍ଜ ବିଭାଗ ସଂଘଚାଳକ ରତିକାନ୍ତ ବୈଦ୍ୟ, ମୟୁରଭଞ୍ଜ ଜିଲ୍ଲା ସହ ବିଭାଗ କାର୍ଯ୍ୟବାହ ଚୈତନ୍ୟ ପ୍ରସାଦ ବାରିକ ବର୍ଗକାର୍ଯ୍ୟବାହ, କଟକ ଜିଲ୍ଲା ସହକାର୍ଯ୍ୟବାହ ରାଜେଶ କୁମାର ଜେନା ବର୍ଗ ମୁଖ୍ୟଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ବର୍ଗର ଉଦ୍‌ଘାଟନ ମେ ୧୫ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏହି ଦୁଇଟି ବର୍ଗ ଜୁନ ୧ ତାରିଖ ଦିନ ସମାରୋପ ହେବ। ମେ ୧୬ ତାରିଖରୁ ସଂଘଶିକ୍ଷା ବର୍ଗ ବିଶେଷ ବିକାଶ ଆବାସିକ ବିଦ୍ୟାଳୟ, ଜୁନାଗଡ ରୋଡ, ଭବାନୀପାଟଣାରେ ଅନୁଷ୍ଠିତ ହେଉଅଛି। ଏହି ବର୍ଗ ଜୁନ ୧ତାରିଖରେ ସମାରୋପ ହେବ । ଏହି ବର୍ଗରେ ଓଡିଶା ପୂର୍ବରୁ ୯୨ ଏବଂ ଓଡିଶା ପଶ୍ଚିମରୁ ୩୨ ଜଣ, ମୋଟ ୧୨୪ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଛନ୍ତି । ଏଠାରେ ଗଜପତି ଜିଲ୍ଲା ସଂଘଚାଳକ ଗୌରାଙ୍ଗ ପାଣିଗ୍ରାହୀ ବର୍ଗ ସର୍ବାଧିକାରୀ, ରାୟଗଡା ଜିଲ୍ଲା ସେବା ପ୍ରମୁଖ ରାମଚନ୍ଦ୍ର ସାହୁ ବର୍ଗ କାର୍ଯ୍ୟବାହ ଏବଂ ରାଉରକେଲା ବିଭାଗ ଶାରିରୀକ ପ୍ରମୁଖ ସୁରେନ୍ଦ୍ର ଶତପଥି ମୁଖ୍ୟ ଶିକ୍ଷକ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପଶ୍ଚିମର ସଂଘଶିକ୍ଷା ବର୍ଗ (ସାମାନ୍ୟ) ୧୫ ଦିବସୀୟ ପ୍ରଶିକ୍ଷଣ ବର୍ଗ ସମ୍ବଲପୁର ଠାରେ ଅନୁଷ୍ଠିତ ହେଉଛି । ଏଠାରେ ରାଉରକେଲା ବିଭାଗ ସଂଘଚାଳକ ଅନାଦୀ ଚରଣ ମହାନ୍ତି ବର୍ଗ ସର୍ବାଧିକାରୀ,କୋରାପୁଟ ବିଭାଗ ବୌଦ୍ଧିକ ପ୍ରମୁଖ ଅଶୋକ ସାହୁ ବର୍ଗ କାର୍ଯ୍ୟବାହ,ସହ ଜିଲ୍ଲା କାର୍ଯ୍ୟବାହ ସାନୁ କୋଡେ ମୁଖ୍ୟ ଶିକ୍ଷକ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏଠାରେ ୨୭୦ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଛନ୍ତି।

# ମହିଳା ସମନ୍ୱୟ, ଓଡ଼ିଶା ପୂର୍ବପ୍ରାନ୍ତ ଦ୍ୱାରା ଶୌର୍ଯ୍ୟ ଯାତ୍ରା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ୨୨ ଏପ୍ରିଲ ୨୦୨୫ରେ ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ଏକ ବର୍ବରଚିତ୍ତ ଆକ୍ରମଣ ହୋଇଥିଲା ଯେଉଁଥିରେ ନିରୀହ ସାଧାରଣ ନାଗରିକଙ୍କ ଜୀବନ ଯାଇଥିଲା। ଭାରତୀୟ ସେନା 'ଅପରେସନ୍ ସିନ୍ଦୂର' ରୂପରେ ଏହି ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦେଇଛି। ଭାରତୀୟ ସେନାର ଏହି ବୀରତ୍ୱ ପ୍ରତ୍ୟେକ ଭାରତୀୟଙ୍କ ମନରେ ସ୍ୱାଭିମାନ ସୃଷ୍ଟି କରେ। 'ଅପରେସନ୍ ସିନ୍ଦୂର' ନାମ ଏବଂ ଏହା ଅନ୍ତର୍ଗତ ଦେଖାଯାଇଥିବା ଶୌର୍ଯ୍ୟ ଆମ ଭାରତୀୟ ମହିଳାଙ୍କ ପ୍ରତି ବିଶେଷ ସମ୍ବେଦନଶୀଳତାକୁ ଦର୍ଶାଉଛି। ଦେଶର ଏହି ବୀରତ୍ୱପୂର୍ଣ୍ଣ ପଦକ୍ଷେପକୁ ସମର୍ଥନ କରି ଅପରେସନ ସିନ୍ଦୁରର ସଫଳତାକୁ ନେଇ ମହିଳା ସମନ୍ୱୟ, ଓଡ଼ିଶା ପୂର୍ବପ୍ରାନ୍ତ ଦ୍ୱାରା 'ଶୌର୍ଯ୍ୟ ଯାତ୍ରା' ଅନୁଷ୍ଠିତ ହୋଇ ଯାଇଛି। ଏହି ଶୌର୍ଯ୍ୟ ଯାତ୍ରା ଭୁବନେଶ୍ୱରର ରାଜମହଲ ଛକରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଆସିଥିଲା । ମାଷ୍ଟରକ୍ୟାଂଟିନ ଛକରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ସୁଶ୍ରୀ ଦୀପ୍ତିମୟୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସେନା ବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଏଏସିସି ଓଡିଶାର ଉପସଭାପତି ଶ୍ରୀମତୀ ସୁସ୍ମିତା ମହାପାତ୍ର ମୁଖ୍ୟ ଅତିଥି, ଦୁର୍ଗାବାହିନୀର ରାଷ୍ଟ୍ରୀୟ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ମାହାଲା ମୁଖ୍ୟବକ୍ତା ରୂପେ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ପ୍ରଜ୍ଞା ଆଚାର୍ଯ୍ୟ ଅତିଥି ପରିଚୟ କରିଥିବା ବେଳେ ପ୍ରିୟଙ୍କା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂପାଦକୀୟ

# ‘ଏକ ଏ ବଳଭଦ୍ର ଶ୍ରୀଜଗନ୍ନାଥ, ଏକ ଏ ଦେବଦେବୀ କହୁଛି ସତ’

ଗଙ୍ଗା ନଦୀ ଠାରୁ ଗୋଦାବରୀ ଯାଏଁ ବିଶାଳ ଓଡ଼ିଶା ସାମ୍ରାଜ୍ୟର ଇତିହାସ କେବଳ ନୁହେଁ, ଓଡ଼ିଶାର ପ୍ରକୃତି, ଲୋକସାଧାରଣ, ଚାଲିଚଳଣ, ଏବଂ ସେମାନଙ୍କ ଧର୍ମ ଧାରଣା ଯେପରି ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିଫଳିତ ତାହାର ବିଶ୍ଳେଷଣ, ବିଚାର ଦରକାର। ଜୈନ, ବୌଦ୍ଧ, ତନ୍ତ୍ର, ଶାକ୍ତ, ଶୈବ, ବୈଷ୍ଣବ ଧର୍ମଧାରା ପୂଜା ପଦ୍ଧତି ସବୁ ଓଡ଼ିଶା ମାଟିରେ ପ୍ଲାବିତ ହୋଇଥିଲା, ଯେପରି ଭାରତରେ ହୋଇଅଛି। ବିଭିନ୍ନ ସମ୍ପ୍ରଦାୟ ବିଭିନ୍ନ ଧର୍ମ ଧାରାର ପୃଷ୍ଠପୋଷକ ଥିଲେ ଏ ବେ ବି ଅଛନ୍ତି। ଓଡ଼ିଶା ଲୋକ ସଂଖ୍ୟାର ଶତକଡ଼ା ଶହେ ପ୍ରାୟ ଆଦି ଭାରତୀୟ। ହରିଜନ, ଆଦିବାସୀ ମାନଙ୍କ ସହ ହାଟୁଆ ଶ୍ରେଣୀ, କରଣ ଏବଂ ଚାଷୀ ଖଣ୍ଡାୟତ ମାନଙ୍କୁ ମିଶାଇ ଦେଲେ ସହଜରେ ବୁଝାପଡ଼ିବ ଯେ ଓଡ଼ିଶା ଆଦି ଭାରତୀୟ ମାନଙ୍କ ଭୂମି। ବ୍ରାହ୍ମଣମାନଙ୍କ ମଧ୍ୟରୁ କେତେକ ପରିବାର ବା ସମ୍ପ୍ରଦାୟ ଓଡ଼ିଶାବାହାରୁ ଆସିଥିବା ସମ୍ଭବପର। ମାତ୍ର ଉତ୍ତର ଭାରତରୁ ଆସିଲେ ଯେ ବ୍ରାହ୍ମଣମାନେ ଆର୍ଯ୍ୟଗୋଷ୍ଠୀର ହୋଇଯିବେ, ଏହା ମଧ୍ୟ ବିଚାରିବା ଠିକ ହେବନାହିଁ। ମାତ୍ର ବ୍ରାହ୍ମଣମାନେ ଆର୍ଯ୍ୟମାନଙ୍କ ବେଦ ବିଚାର, ପୂଜା ପଦ୍ଧତି, କର୍ମକାଣ୍ଡ ଗ୍ରହଣ କରି ନେଇଛନ୍ତି, ଯେପରି ଭାରତରେ ଅନ୍ୟମାନେ ଗ୍ରହଣ କରିଅଛନ୍ତି। ଏହିସବୁ ପୂଜା ପଦ୍ଧତି ବିଶ୍ଳେଷଣ କଲେ ତହିଁରୁ କେତେ ଆର୍ଯ୍ୟ ପଦ୍ଧତି, କେତେ ଆଦିଭାରତୀୟଙ୍କ ପୂଜା ପଦ୍ଧତି ଏହା ସ୍ଥିର କରିବା ମୁସ୍କିଲ। ଆର୍ଯ୍ୟ ଓ ଆଦି ଭାରତୀୟ ମାନଙ୍କ ନାନା ପଦ୍ଧତି ମିଶ୍ରଣ ହୋଇଅଛି।

ଓଡ଼ିଶା ଗ୍ରାମ ମାନଙ୍କରେ ଦେବତା ସୃଷ୍ଟିର ଏକ ଚିତ୍ତାକର୍ଷକ ଇତିବୃତ୍ତ ମିଳେ। ସୀମାହୀନ ପଥର ଗଛ ଦେହରେ ସିନ୍ଦୁର ବୋଳିଯାଇ ଦେବତା ସୃଷ୍ଟି ହୋଇଥାଏ। ଚଣ୍ଡୀଖୋଲରେ ଏବେ ଶବର ମାନଙ୍କ ଗ୍ରାମଦେବତୀ ଏକ ମନ୍ଦିରରେ ଚଣ୍ଡୀ। ଗ୍ରାମଦେବତା ଗାଁ ମୁଣ୍ଡରେ ଯାହା ରହିଥାଏ, ତାହା ଏହିପରି ହୋଇଯାଏ। ମାତ୍ର ଦେବତା ପଥରେ ନଥାନ୍ତି, ମଣିଷ ମନରେ ଥାନ୍ତି। ତହୁଁ ମଣିଷର ମନ ହେଲେ ଦେବତା ସୃଷ୍ଟି ହୋଇଯିବା କଠିନ କଥା ନୁହେଁ। ଶ୍ରୀଜଗନ୍ନାଥ ହୁଏତ ପ୍ରଥମେ ସେପରି ସୃଷ୍ଟି ହୋଇଥିବେ, ଏଥିରେ ସନ୍ଦେହ ନାହିଁ। ଅନେକ ମନେକରନ୍ତି ସିନ୍ଦୂର ରକ୍ତର ସ୍ମାରକ। ପ୍ରାଚୀନ ଯୁଗରେ ଦେବୀଙ୍କ ନିକଟରେ ବଳି ଦେବା ବା ରକ୍ତ ଦେବା ଏକ ଜଣାଶୁଣା ଚଳଣିରେ ପରିଣତ ହୋଇଥିଲା। ଗାଁରେ ଧନ, ଧାନ୍ୟ ବଢ଼ିବା ସଙ୍ଗେ ସଙ୍ଗେ ଏହି ପୂଜା, ପାର୍ବଣ ସଂଖ୍ୟା ମଧ୍ୟ ବଢ଼ିଯାଏ। ଏବେ ଦେଖାଯିବ ଯେ ସପ୍ତାହରେ ସାତ ଦିନ ଯାକ କୌଣସି ନା କୌଣସି ଦେବଦେବୀଙ୍କ ପୂଜା ଆରାଧନା ପାଇଁ ଅଭିପ୍ରେତ। ଏପରିକି ଶୁକ୍ରବାରଦିନ ବି ଏବେ ସନ୍ତୋଷୀ ମାଆ ପୂଜା ଆରମ୍ଭ ହୋଇଗଲାଣି। ରବି ସୂର୍ଯ୍ୟପୂଜା, ସୋମ ଶିବପୂଜା, ମଙ୍ଗଳ, ବୁଧ, ମଙ୍ଗଳା ଓ ବୁଧେଇ ଓଷା ପୂଜା, ଗୁରୁବାର ଲକ୍ଷ୍ମୀଦେବୀଙ୍କ ପୂଜା, ଶୁକ୍ରବାର ସନ୍ତୋଷୀମାଙ୍କ ପୂଜା ଓ ଶନିବାର ଶନି ଦେବତାଙ୍କ ପୂଜା। ଚେତନଶୂନ୍ୟ ଜଡ଼ରୁ ଜଡ଼ ସିନା ସୃଷ୍ଟି ହୋଇପାରେ, ମାତ୍ର ଚେତନ ଜଡ଼ ମଧ୍ୟରୁ କିପରି ଆସେ ? ଶ୍ରୀଜଗନ୍ନାଥ ଜଡ଼ ଦେବତା ନୁହଁନ୍ତି। ସେ ଏକ ମହାଚେତନ ଶକ୍ତିର ପରିପ୍ରକାଶ ଓ ପ୍ରତୀକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆତ୍ମ ସମର୍ପଣ ପୂର୍ବକ ନିଜ ଭାଷାରେ ଦୁଇଧାଡ଼ି ଲେଖୁଛି – ‘ଏକ ଏ ବଳଭଦ୍ର ଶ୍ରୀଜଗନ୍ନାଥ, ଏକ ଏ ଦେବଦେବୀ କହୁଛି ସତ।’

**ପୁଷ୍ପମିତ୍ର ମହାପାତ୍ର**
**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,**
**E-mail : niityou001@gmail.com**

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଇଷ୍ଟଦେବ : ମହାପ୍ରଭୁ ଶ୍ରୀଜଗନ୍ନାଥ


ପ୍ରଫେସର ଡାକ୍ତର ସମ୍ରାଟ କର

ଆମେ ପ୍ରତ୍ୟେକ କୌଣସି ଦେବାଦେବୀ, ସାଧୁସନ୍ଥ, ଇଷ୍ଟ, ଧର୍ମ ପ୍ରଚାରକ ବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ଶରଣାପନ୍ନ ହୋଇଥାଉ। ମାନସିକ ସ୍ତରରେ ଏହି ଗୁରୁ ବା ଦେବାଦେବୀ ବା ଇଷ୍ଟଦେବ ଆମ୍ଭ ମାନଙ୍କୁ ସାମାଜିକ ଜୀବନରେ ମାନବୀୟ ଚେତନାକୁ ଆଗେଇ ନେବା ପାଇଁ ରାସ୍ତା ଦେଖାଇଥାନ୍ତି। ପ୍ରତ୍ୟେକଙ୍କ ଜୀବନରେ ଆବଶ୍ୟକ ହୋଇଥାଏ ଏହି ଗୁରୁ ମାନଙ୍କର ମର୍ମବାଣୀ ବା ଶିକ୍ଷଣୀୟ ସମ୍ଭାଷଣ। ବିଶେଷକରି ମାନସିକ କ୍ଷେତ୍ରରେ ଯନ୍ତ୍ରଣା, ଆଘାତ ବା ଅବସାଦଗ୍ରସ୍ତ ଅନେକ ନିଜ ନିଜ ଇଷ୍ଟଦେବଙ୍କ ଶରଣାପନ୍ନ ହୋଇଥାନ୍ତି। ସେମାନଙ୍କର ସତ ଚିନ୍ତନର କଥା ଗୁଡ଼ିକ ମାନସିକ ଭାବରେ ପୀଡ଼ିତ ଜଣଙ୍କୁ ସଞ୍ଜିବନୀ ସଦୃଶ ଉପଶମର ମଲମ ଲଗାଇଥାଏ। ଜଣେ ଚିକିତ୍ସାରେ ଜାରି ରହି ମଧ୍ୟ ନିଜ ନିଜ ଇଷ୍ଟ ବା ଗୁରୁଙ୍କ ଆଶୀଷ ବାଣୀ ଦ୍ୱାରା ଜୀବନ ପ୍ରବାହକୁ ତ୍ୱରାନ୍ୱିତ କରିଥାଏ। ସେହିପରି ଗୋଟିଏ ଧାଡ଼ିରେ କହିବାକୁଗଲେ ପୁଣ୍ୟବ୍ରହ୍ମ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡ଼ିଆଙ୍କର ଇଷ୍ଟଦେବ। ପ୍ରତ୍ୟେକ ମଣିଷଙ୍କର କୌଣସି ନା କୌଣସି ଇଷ୍ଟ ଦେବତା ଅଛନ୍ତି। ସେହି ଇଷ୍ଟ ଦେବତାଙ୍କୁ ପୂଜା ଅର୍ଚ୍ଚନା କରିବାର ଗୋଟିଏ ନିର୍ଦ୍ଦିଷ୍ଟ ଶୈଳୀ ଅବଲମ୍ବନ କରାଯାଏ। ମଣିଷ ଇଷ୍ଟ ଦେବତାଙ୍କୁ ନିଜ ଗୃହ ମଧ୍ୟରେ ଆପଣା ଆବାସରେ ପୂଜା କରେ। ପୁଣି ଇଷ୍ଟ ଦେବତାଙ୍କ ପାଇଁ ମନ୍ଦିର ତୋଳି ସେଠାରେ ସର୍ବସାଧାରଣଙ୍କ ମେଳିରେ ମଧ୍ୟ ପୂଜା କରେ। ଘରୋଇ ପୂଜା ଓ ମନ୍ଦିରରେ ପୂଜା ଏକ ପ୍ରକାର ହୋଇପାରେ କିମ୍ବା ଭିନ୍ନ ପ୍ରକାର ହୋଇପାରେ କିନ୍ତୁ ମାନସିକତା ସମାନ ନୁହେଁ। ନିଜ ଆବାସିକ ଗୃହ ମଧ୍ୟରେ ଯେତେବେଳେ ଇଷ୍ଟ ଦେବତାଙ୍କୁ ପୂଜା କରାଯାଏ, ସେତେବେଳେ ଇଷ୍ଟ ଦେବତା ହେଉଛି ଅତିଥି। ପୂଜକ ତାଙ୍କର ସତ୍କାର କରିବା ଉଦ୍ଦେଶ୍ୟରେ ପୂଜା କରିଥାଏ।

ଅତିଥିଙ୍କ ପ୍ରତିଯେଉଁଳି ମନୋଭାବ ପୋଷଣ କରିବା କଥା ଘରୋଇ ପରିବେଶରେ ଇଷ୍ଟ ଦେବତାଙ୍କ ପ୍ରତି ସେହିପରି ମନୋଭାବ ପୋଷଣ କରିବା ଦରକାର। ଏଠାରେ ମନେ ରଖିବାକୁ ହେବ, ଯେ ଅତିଥି ଜଣେ ସଂପୂର୍ଣ୍ଣ ମାନସିକତାର ଲୋକ। ତାଙ୍କ ମନ ମଧ୍ୟରେ କିଛି ଅଭାବ ନାହିଁ। ସେ କାହାକୁ କିଛି ମାଗନ୍ତି ନାହିଁ। ତାଙ୍କୁ କଣଟାଏ ଦେଲେ ତାଙ୍କର କିଛି ମଙ୍ଗଳ ହୁଏନାହିଁ ବରଂ ଯେ ଦିଏ ତାର ମଙ୍ଗଳ ହୁଏ। ଅତିଥିଙ୍କୁ ସତ୍କାର କରିବା ଦ୍ୱାରା ତାଙ୍କ ମନ ମଧ୍ୟରେ ଯେଉଁ ସନ୍ତୋଷ ଜାତ ହୁଏ, ଯେଉଁ ଅନୁକୂଳ ଭାବନା ସୃଷ୍ଟି ହୁଏ ତାହା ହିଁ ଦାତାର ମଙ୍ଗଳ ଘଟାଇଥାଏ। ଏହି ସ୍ଥଳରେ ଅତିଥିଙ୍କର ମାନ୍ୟତା ଅଧିକ କିନ୍ତୁ ଦାତାଙ୍କର ମାନ୍ୟତା ଲଘୁ। ଗରିବ କାଙ୍ଗାଳ ଲୋକଙ୍କୁ ଭୋଜନ ଦେବା ଠାରୁ ଅତିଥିଙ୍କୁ ଭୋଜନ ଦେବାରେ ମାନସ ପଟଳରେ ପାର୍ଥକ୍ୟ ପରିଲକ୍ଷିତ ହୁଏ। କାରଣ କାଙ୍ଗାଳଙ୍କୁ ଭୋଜନ ଦେଲେ କାଙ୍ଗାଳଟିର ମଙ୍ଗଳ ହୁଏ। ତାର ଅଭାବ ଅଛି ଖାଦ୍ୟାଭାବ। ତାକୁ ଖାଇବାକୁ ଦେବା ଦ୍ୱାରା ଦାତାର ମଙ୍ଗଳ ହେବା ଅପେକ୍ଷା କାଙ୍ଗାଳଟିର ମଙ୍ଗଳ ହେବା ସ୍ପଷ୍ଟ ବାରି ହୋଇଯାଏ। ଏଥିଯୋଗୁଁ ଭୋଜନଦାତା ଏଠାରେ ମାନ୍ୟତାରେ ବଡ଼ ଭୋଜନକର୍ତ୍ତା। କାଙ୍ଗାଳଟିର ମାନ୍ୟତା ଲଘୁ। ତେଣୁ ଏଠାରେ ଭୋକ୍ତା କାଙ୍ଗାଳକୁ ଦୟା କରାଯାଏ। ସେ ଅତିଥି ନୁହେଁ। ତେଣୁ ଭୋକ୍ତା କାଙ୍ଗାଳଟି ଭୋଜନ କରି ସାରିବା ପରେ ଦାତା ପ୍ରତି ନିଜର ଅଧମର୍ଣ୍ଣତା ପ୍ରକାଶ କରେ। କୌଣସି କ୍ଷେତ୍ରରେ ମୁଣ୍ଡିଆଟିଏ ମାରେ। କିନ୍ତୁ ଅତିଥି କ୍ଷେତ୍ରରେ ପୁରାପୁରି ଓଲଟା। ଅତିଥିଙ୍କୁ ସତ୍କାର କରିବା ଉଦ୍ଦେଶ୍ୟରେ ଭୋଜନ ପ୍ରଭୃତି ଦେଇ ଦାତା ଅତିଥିଙ୍କ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରନ୍ତି, ପ୍ରଣାମ କରି ଭକ୍ତି ନିବେଦନ କରନ୍ତି। ଏଠାରେ ଅତିଥିଙ୍କର ମାନସ ମଣ୍ଡଳରେ କିଛି ଅଭାବ ନଥାଏ। ତେଣୁ ଦାତାଙ୍କ ପ୍ରତି ତାଙ୍କର କଲ୍ୟାଣ ଝରିଆସେ। କାଙ୍ଗାଳ ଭୋଜନ ଓ ଅତିଥି ଭୋଜନ ମଧ୍ୟରେ ଏହି ଫରକ ଅଛି। ନିଜର ଆବାସିକ ଗୃହରେ ପୂଜା ପାଉଥିବା ନିଜର ଇଷ୍ଟ ଦେବତା ନିଜର ଅତିଥି। ତାଙ୍କୁ ପୂଜା କରିବାର ଅର୍ଥ ତାଙ୍କ ପ୍ରତି ଆତିଥ୍ୟ ପ୍ରଦାନ କରିବା। ତା ବିନିମୟରେ ତାଙ୍କ ଠାରୁ ଆଶୀର୍ବାଦ ଲାଭ କରିବା ଉଦ୍ଦେଶ୍ୟରେ ପ୍ରଣତି ନିବେଦନ କରାଯାଏ। ଶେଷରେ ପୁଷ୍ପାଞ୍ଜଳି ଅର୍ପଣ କରି ସ୍ତୁତି ସ୍ତବ ପାଠ ଦ୍ୱାରା ତାଙ୍କର ଗୁଣ କୀର୍ତ୍ତନ କରାଯାଏ। ସୁତରାଂ ଶ୍ରୀ ଜଗନ୍ନାଥଙ୍କୁ ନିଜର ଆବାସ ଗୃହରେ ପୂଜା କରିବାବେଳେ ତାଙ୍କୁ ଇଷ୍ଟ ଦେବତା ଭାବରେ ଗ୍ରହଣ କରି ସେହି ମାନସିକତାରେ ତାଙ୍କ ସହିତ ସଂପୃକ୍ତ ହେବାକୁ ପଡ଼େ।

ମନ୍ଦିର ତୋଳି ତନ୍ମଧ୍ୟରେ ଇଷ୍ଟ ଦେବତାଙ୍କୁ ପୂଜା କରିବାର ଯେପରି ସ୍ୱତନ୍ତ୍ରତା ଅଛି ସେହିପରି ସ୍ୱତନ୍ତ୍ର ମାନସିକତା ଅଛି। ମନ୍ଦିରରେ ଉପାସ୍ୟ ଇଷ୍ଟ ଦେବତାଙ୍କର ଅଧିଷ୍ଠାନ କ୍ଷେତ୍ର ହେଉଛି ସିଂହାସନ। ଉଭୟ ରାଜା ଏବଂ ଦେବତା ସିଂହାସନରେ ଉପବେଶନ କରନ୍ତି। ତେଣୁ ମନ୍ଦିରରେ ଉପାସ୍ୟ ଦେବତାଙ୍କୁ ପୂଜା ଅର୍ଚ୍ଚନା କରିବା ସମୟରେ ଦେବତାଙ୍କୁ ରାଜମର୍ଯ୍ୟାଦାରେ ମର୍ଯ୍ୟାଦିତ କରାଇ ସ୍ୱୟଂ ଉପାସକ ପୂଜକ ଭାବରେ ନିଜର ମାନସିକତା ରକ୍ଷା କରିବା କଥା। ତେବେ ଏହି ମାନସିକତାରେ ପୂର୍ବ ଆତିଥ୍ୟ ପ୍ରଦାନକାଳୀନ ମାନସିକତା ଅପେକ୍ଷା କିଞ୍ଚିତ ଭିନ୍ନତା ଥାଏ। ଉପାସକ ଯେତେବେଳେ ଉପାସ୍ୟଙ୍କୁ ପୂଜା କରନ୍ତି ସେଠାରେ ତାଙ୍କରି ପ୍ରଜାର ମାନସିକତା ଥାଏ। ସେହି ମାନସିକତାରେ ଥାଏ ଆନୁଗତ୍ୟ। ପ୍ରଜାମାନଙ୍କର ରାଜାଙ୍କ ପ୍ରତି ଆନୁଗତ୍ୟ ହେଉଛି ସବୁଠାରୁ ବଡ଼ ଗୁଣ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମନ୍ଦିର ମଧ୍ୟରେ ଅଧିଷ୍ଠିତ କରାଇ ତାଙ୍କର ପୂଜା ଅର୍ଚ୍ଚନା କରିବାରେ କେତେକ ବୈଶିଷ୍ଟ୍ୟ ଅଛି ଯାହାକି ଅନ୍ୟାନ୍ୟ ଦେବ ଦେବୀଙ୍କ ମନ୍ଦିର ମାନଙ୍କରେ ପରିଲକ୍ଷିତ ହୁଏନାହିଁ। ମନ୍ଦିରରେ ଅଧିଷ୍ଠିତ ଦେବତାଙ୍କ ପ୍ରତି ରାଜମର୍ଯ୍ୟାଦାରେ ଆନୁଗତ୍ୟ ପ୍ରଦର୍ଶନ କରିବା ହେଉଛି ଏକ ସାର୍ବଜନୀନ ଶିଷ୍ଟାଚାର; କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ମନ୍ଦିର ମଧ୍ୟରେ ଉପାସନା କରିବା ବେଳେ ଏହି ଆନୁଗତ୍ୟଭିତ୍ତିକ ଶିଷ୍ଟାଚାର ସହ କାତରତା ସଂଶ୍ଳିଷ୍ଟ। କାତରତା ଗୋଟିଏ ଭକ୍ତି ଯାହାକି ଶ୍ରୀମଦଭାଗବତ ପ୍ରତିପାଦିତ ନବଧା ଭକ୍ତିଠାରୁ ପୃଥକ।

ଓଡ଼ିଶାର ଧର୍ମ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସର୍ବଜନ ସ୍ୱୀକୃତ। ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଧର୍ମ ଓ ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତିକୁ ହିଁ ବୁଝାଇ ଥାଏ। ଭକ୍ତ ତାଙ୍କୁ ଯେତେବେଳେ ଯେଉଁପରି ଭାବରେ ଡାକିଛି, ଜଗନ୍ନାଥ ତାକୁ ସେତେବେଳେ ସେହି ଭାବରେ ଦର୍ଶନ ଦେଇଛନ୍ତି। କେତେବେଳେ ସେ ଶୂନ୍ୟ ପୁରୁଷ, ଦାରୁବ୍ରହ୍ମ ତ ଆଉ କେତେବେଳେ ରାମ-କୃଷ୍ଣ-ବୁଦ୍ଧ। ଏହିପରି ଭାବରେ ଆଲୋଚନା କଲେ ଜଣାଯାଏ, ଶ୍ରୀଜଗନ୍ନାଥ ଅନନ୍ତ ଚେତନାର ଆଧାର ଓ ଅମୀତ ଭାବର ଭଣ୍ଡାର। ସବୁଧର୍ମ, ସବୁ ସଂସ୍କୃତିର ଉତ୍ସରୂପେ ସେ ବିରାଜିତ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଧର୍ମ ଓ ଚେତନାକୁ ସେ ଅଦ୍ଭୁତ ଭାବରେ ଅନୁପ୍ରାଣିତ କରି ମାନବ ଜାତିର ସଂହତି ରୂପେ ବିଦ୍ୟମାନ।

ଶ୍ରୀଜଗନ୍ନାଥ ଓଡ଼ିଶାର ଧର୍ମ ଓ ସଂସ୍କୃତିର ମୂଳପିଣ୍ଡ। ଯୁଗ ଯୁଗ ଧରି ଜଗନ୍ନାଥ ଧର୍ମ ଓଡ଼ିଶାର ଜାତୀୟ ଜୀବନକୁ ପ୍ରଭାବିତ କରିଛି। ଓଡ଼ିଆର ଓଡ଼ିଆତ୍ୱ, ଓଡ଼ିଆ ଚିନ୍ତାର ଚିନ୍ତନ ଓ ଓଡ଼ିଆ ଜାତିର ଜାତୀୟତା ଏ ସବୁର ପରାକାଷ୍ଠା ଶ୍ରୀଜଗନ୍ନାଥଙ୍କ ଉପାସନାରୁ ସମ୍ଭବ ହୋଇ ପାରିଛି। ଓଡ଼ିଆ ଚାଲିଚଳନ, ରୀତିନୀତି, ସାହିତ୍ୟ, ଚିତ୍ରକଳା, ନୃତ୍ୟ, ସଙ୍ଗୀତ, ଦର୍ଶନ ଓ ମୂଲ୍ୟବୋଧରେ ଜଗନ୍ନାଥ ଧର୍ମ ଓ ଦର୍ଶନର ପ୍ରଭାବ ଯଥେଷ୍ଟ ଭାବରେ ପଡ଼ିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ ଏବଂ ସମସ୍ତ ଧର୍ମ ଧାରା ଓ ସମ୍ପ୍ରଦାୟ ମଧ୍ୟରେ ଏକ ବିରାଟ ସମନ୍ୱୟ ରୂପେ ପ୍ରତିଷ୍ଠିତ।

**ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ନୟନ ପଥଗାମୀ ଡାକେ ଭକତ......


ବାଦଲ ଭୂୟାଁ

ନୀଳ ସରଗ ମୁଣ୍ଡ ଉପରେ। ନୀଳ ସମୁଦ୍ରର ନୀଳ ଲହରୀ ନିକାଞ୍ଚନ ବେଳା ଭୂମିରେ ମୁଣ୍ଡ ପିଟୁଥିଲା। ସେତେବେଳେ ଏବର ପୁରୀ ସହର ନଥିଲା, ଲୋକ ବସତି ଏତେ ନିବିଡ଼ ନଥିଲା। ସମୁଦ୍ର କୂଳରେ ଏକ ପାହାଡ଼, ବଣଘେରା ପାହାଡ଼ ଓ ପାହାଡ଼ ଚାରିପଟେ କଣ୍ଟେଇ କୋଳି, ବୁଦାଭଇଞ୍ଚ ଜଙ୍ଗଲ। ଏହି ବଣ ଓ ପାହାଡ଼ କୋଳରେ କେତୋଟି ନୂଆଣିଆ କୁଡ଼ିଆ ଶବରମାନଙ୍କର। ଏହି ବଣରେ ନିଘଞ୍ଚ କଣ୍ଟାବୁଧା ମଧ୍ୟରେ ବଡ଼ ବଡ଼ ବର, ଅଶ୍ୱତଥ, ତାଳ, ପଣସ ଓ ବାଜାଆମ୍ବ ଗଛ ମଧ୍ୟ ଥିଲା। ଝଙ୍କାଳିଆ ବରଗଛ ଓ ତେନ୍ତୁଳି ଗଛରେ ହଳଦୀବସନ୍ତ, ବଣି, ଶୁଆ, କପୋତ ପକ୍ଷୀମାନେ ନିର୍ଭୟରେ ରହୁଥିଲେ। ସନ୍ଧ୍ୟା ସମୟରେ ପକ୍ଷୀ କୂଜନରେ ଏହି ନିଘଞ୍ଚ ଜଙ୍ଗଲ ଭୂମି ପ୍ରକମ୍ପିତ ହେଉଥିଲା। ବାଲିବନ୍ତ ମଧ୍ୟରେ କେତେଟା ଶବରମାନଙ୍କର କୁଡ଼ିଆ ମୁଣ୍ଡ ଟେକିଥିଲା, ବେଳାଭୂମି ନିର୍ଜନ ଓ ଏହି ବଣ ଜଙ୍ଗଲରେ ଶବରମାନେ ଫଳମୂଳ ଖାଇ ଜୀବନ ଧାରଣ କରୁଥିଲେ। ପୁରୀ ସହର, ବଡ଼ଦେଉଳ, ବଡ଼ଦାଣ୍ଡ କିଛି ନଥିଲା।

ସେହି ଅତୀତ ଯୁଗ କାହାଣୀ କୁହାଯାଉଛି, ସେତେବେଳେ ନୀଳକନ୍ଦରରେ ଶବରରାଜା ବସୁ ଏକ ଦେବତା ପୂଜା କରୁଥିଲା। ତାଙ୍କ ନାଁ କୁଆଡ଼େ ‘ବିଶ୍ୱାବସୁ’। ବିଶ୍ୱାସ ହୁଏନାହିଁ, ହୁଏତ ବସୁ ବା ବସୁଆ ବା ବିଶିଆ। ସେ ଏକ ଠାକୁର ପୂଜା କରୁଥିଲା ଗଛର କୋହ୍ଲିରେ କିମ୍ବା ପାହାଡ଼ ଗୁମ୍ଫାରେ। ସେ ଯାଏ ଜଙ୍ଗଲକୁ ଯାହା କିଛି କନ୍ଦମୂଳ ଫଳ ପାଏ, ତାହା ଆଗ ଠାକୁରଙ୍କୁ ଭୋଗ ଦେଉଥିଲା। ସେ ଠାକୁର ତାର ବଡ଼ ଠାକୁର, ମାତ୍ର ବଡ଼ ଦେଉଳ ସେ ଗଢ଼ିପାରି ନଥିଲା।

କିମ୍ବଦନ୍ତୀରେ ଶ୍ରୀଜଗନ୍ନାଥ : ଲୋକମୁଖର କାହାଣୀ ନାଁ କିମ୍ବଦନ୍ତୀ। ଶ୍ରୀଜଗନ୍ନାଥଙ୍କୁ ଶବର ଦେବତା କୁହାଯାଇଥାଏ। ଆର୍ଯ୍ୟ ପୂର୍ବ ଭାରତରେ ଗଛପୂଜା ଥିଲା। ଏବେ ବି ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଗଛପୂଜା ଦେଖାଯାଏ। ଗଛପୂଜାରୁ ଦାରୁବ୍ରହ୍ମ କଥାଟି ଆସିଛି। ଶ୍ରୀଜଗନ୍ନାଥେ ଦାରୁବ୍ରହ୍ମ। ଏ ସମ୍ପର୍କରେ ପ୍ରଥମ ଲୋକ କଥା ବା କିମ୍ବଦନ୍ତୀ ହେଲା ଯେ ନୀଳକନ୍ଦରରେ ନୀଳମାଧବ ରୂପରେ ଶ୍ରୀଜଗନ୍ନାଥ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ଏହି ନୀଳକନ୍ଦର ବିଦ୍ୟମାନ ଥିଲା ବୋଲି ମଧ୍ୟ ଉତ୍କଳଖଣ୍ଡରେ ବର୍ଣ୍ଣିତ। ଉତ୍କଳ ଖଣ୍ଡ ସ୍କନ୍ଦ ପୁରାଣ ଅନ୍ତର୍ଗତ।

ଏହି ହେଲା ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ମହିମା। ଶ୍ରୀଜଗନ୍ନାଥଙ୍କ ସେବକମାନଙ୍କ ସମ୍ପର୍କରେ ସେହି ପଦ୍ୟରେ କୁହାଯାଇଛି – ‘ଶବରର ଘରେ ଯେଉଁ ପୁତ୍ର ହେବ ଜାତ, ଦଇତ ସେବକ ହେବେ ବୋଲେ ଜଗନ୍ନାଥ। ଯେଉଁ ବ୍ରାହ୍ମଣ ତୋହର ଦୂତ ପଣେ ଗଲା, ନୀଳ ଯେ ମାଧବ ରୂପ ଭେଟ ସେ ପାଇଲା। ସେ ବ୍ରାହ୍ମଣ ଘରେ ଯେଉଁ ପୁତ୍ର ହେବ ଜାତ, ପ୍ରକୃତ ସେବକ ସେ ବୋଇଲେ ଜଗନ୍ନାଥ। ବିଦ୍ୟାପତି ବ୍ରାହ୍ମଣ ଯେ ଦୂତ ପଣେ ଗଲା, ଶବର ଝିଅଙ୍କୁ ସେ ଯେ ପ୍ରଦାନ ହୋଇଲା। ଶବରୁଣୀ ଠାରୁ ଯେଉଁ ପୁତ୍ର ହେବ ଜାତ, ଶୁଦ୍ଧ ଶୁଆର ସେ ହେବ ବୋଲେ ଜଗନ୍ନାଥ।’ ସ୍ମରଣାତୀତ କାଳରୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆବିର୍ଭୂତ ହୋଇଛନ୍ତି। ଏହି ପରମ ପାବନ କ୍ଷେତ୍ର ଯେ ପୃଥିବୀର ଏକ ପ୍ରାଚୀନ ଧର୍ମପୀଠ ଏହା ବିନା ଦ୍ୱିଧାରେ କୁହାଯାଇପାରେ। କିନ୍ତୁ ଏହି କ୍ଷେତ୍ରର ଅଧିଷ୍ଠାତା ଦେବତା ଶ୍ରୀଜଗନ୍ନାଥଙ୍କର ଇତିବୃତ୍ତ ଅଦ୍ୟାବଧି ରହସ୍ୟାବୃତ୍ତ ହୋଇ ରହି ଆସିଛି। ବିଭିନ୍ନ ପୁରାଣ, କିମ୍ବଦନ୍ତୀ ଓ ଇତିହାସ ସେ ରହସ୍ୟ ଭେଦ କରି ପାରି ନାହାନ୍ତି।

କଥାରେ କୁହାଯାଇଛି, ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରହସ୍ୟ ଦେବଗଣଙ୍କୁ ମଧ୍ୟ ଆଗୋଚର ସାଧାରଣ ମାନବ ପକ୍ଷେ ସେ ରହସ୍ୟ ଭେଦ କରିବା ଅସମ୍ଭବ। ଶ୍ରୀଜଗନ୍ନାଥ ବେଦବର୍ଣ୍ଣିତ ବିରାଟ ପୁରୁଷଙ୍କ ପ୍ରତୀକ ବିଗ୍ରହ। ସେ ସୁର୍ବୋଧ୍ୟ, ଉପନିଷଦ ଦର୍ଶନର ମୂର୍ତ୍ତିମନ୍ତ ବିଗ୍ରହ। ପୁରୀର ନାମ ହୁଏତ ଦିନେ ଥିଲା ପୁରୁଷୋତ୍ତମ ପୁରୀ ଓ ଜଗନ୍ନାଥ ପୁରୀ। ନାମ ସଂକ୍ଷିପ୍ତୀ କରଣ ପ୍ରକ୍ରିୟାରେ ହୋଇଗଲା ପୁରୀ। ଏହାର ଅନ୍ୟାନ୍ୟ କେତୋଟି ନାମ ହେଲା ଶ୍ରୀକ୍ଷେତ୍ର, ନୀଳାଚଳ କ୍ଷେତ୍ର, ନୀଳାଚଳ ଧାମ, ଶଙ୍ଖକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷେଶତ୍ତମ ଧାମ, ନୀଳାଦ୍ରି। ବ୍ରିଟିଶ ଶାସନ ସମୟରେ ସରକାରୀ ନଥିପତ୍ରରେ ଠାଏ ଠାଏ ପୁରୀ ଜାଗାରେ ଜଗନ୍ନାଥ ଶବ୍ଦ ବ୍ୟବହୃତ ହୋଇଛି। ଉଭୟ ଶବ୍ଦ ହୋଇଯାଇଛି ସମାର୍ଥକ।

ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ମାଧ୍ୟମରେ ଶୂନ୍ୟରୂପୀ ଭଗବାନ ଓଁକାର ବା ପ୍ରଣବ ରୂପ ଧାରଣ କରିଅଛନ୍ତି। ଏହି ଚିନ୍ତାଧାରା ବୈଦିକ ଦର୍ଶନ ଉପରେ ପ୍ରତିଷ୍ଠିତ। ଉପନିଷଦର ପରମାତ୍ମା ଭଗବାନଙ୍କର ଯେଉଁ ରୂପ ବର୍ଣ୍ଣିତ ହୋଇଛି ତାହା ଶ୍ରୀଜଗନ୍ନାଥଙ୍କର କଳେବରରେ ପ୍ରତିଫଳିତ। ଉପନିଷଦରେ କୁହାଯାଇଛି, ପରମ ପୁରୁଷ ବା ପରଂବ୍ରହ୍ମ ଚକ୍ଷୁ, ନାସା, କର୍ଣ୍ଣ, ପଦ ବିନା ସମସ୍ତ ବିଷୟ ଦର୍ଶନ କରିପାରନ୍ତି, ଶ୍ରବଣ କରିପାରନ୍ତି, ଗ୍ରହଣ କରିପାରନ୍ତି ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିଚରଣ କରିପାରନ୍ତି। ବିଶ୍ୱର ସବୁଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଏହି ସଂସ୍କୃତିରେ ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବପ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ। ବିଭିନ୍ନ ଧର୍ମଦେବତାମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେବା ପାଇଁ ସର୍ବଦା ବ୍ୟାକୁଳ ପ୍ରୟାସ କରିଅଛନ୍ତି। ଶ୍ରୀଜଗନ୍ନାଥ ସର୍ବଧର୍ମମତାଶ୍ରୟୀଙ୍କର ଏକ ମିଳନ ତୀର୍ଥ ଯାହାକି ଧର୍ମଯାଜକ, ପରିବ୍ରାଜକ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ ତଥା ମହାମନିଷୀମାନଙ୍କୁ ଯୁଗେ ଯୁଗେ ଆକୃଷ୍ଟ କରିବାରେ ସମର୍ଥ। ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ। ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମ ଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକ ବିଶ୍ୱାସ ଅଛି। ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଶୋକ ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମସ୍ୱରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅପ୍ରାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦୃଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖୁଛି – ‘ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ଡାକେ ଭକତ। ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି।’

**ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

# ବସୁଧୈବ କୁଟୁମ୍ବକମ୍


ବିଜୟଲକ୍ଷ୍ମୀ ଶତପଥୀ

ଭଗବାନ ଶ୍ରୀସତ୍ୟସାଇ ବାବା ସବୁବେଳେ ଆମକୁ ‘ପ୍ରେମ ସ୍ୱରୂପ’ ବୋଲି ସମ୍ବୋଧନ କରିଥାନ୍ତି। ଆମେ ସ୍ୱୟଂ ହିଁ ପ୍ରେମ। ନିଜକୁ ପ୍ରେମ କରିବାକୁ ଆମକୁ କିଛି ବି କଷ୍ଟ କରିବାକୁ ପଡ଼ି ନଥାଏ କାରଣ ଏହା ସ୍ୱାଭାବିକ କଥା। ତେବେ ଏହି ପ୍ରେମକୁ ପ୍ରାପ୍ତ କରିବାରେ ପ୍ରଥମ କିଏ ? ତାହା ହେଉଛି ଆମ ପରିବାର। ସମଗ୍ର ବିଶ୍ୱରେ ସଂହତି ପାଇଁ ପରିବାର ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପରିବାର ମଧ୍ୟରେ ସଂହତି ରହିଲେ ହିଁ ସାରା ବିଶ୍ୱରେ ସଂହତି ରହିବ ଏବଂ ପରିବାରରେ ଏକତ୍ୱବୋଧ ହେଉଛି ଏହାର ଚାବି କାଠି। ଏକତ୍ୱ ହେଉଛି ପ୍ରତି ପରିବାରର ପୋଷକ ତତ୍ତ୍ୱ। ଏକତ୍ୱ ହିଁ ଦିବ୍ୟତ୍ୱ। ସମଗ୍ର ସୃଷ୍ଟିରେ ଏକତା ଥିଲେ ମଧ୍ୟ ଆମେ ତା ମଧ୍ୟରେ ବିବିଧତା ହିଁ ଦେଖିଥାଉ। କିନ୍ତୁ ଆମକୁ ବୁଝିବାକୁ ହେବ ଯେ ଏକତ୍ୱ ବିନା ଏ ସୃଷ୍ଟିର ଅସ୍ତିତ୍ୱ ହିଁ ନାହିଁ। ଗୋଟିଏ ଦର୍ପଣ ଘର ଭିତରକୁ ଯେତେବେଳେ କୁକୁରଟିଏ ଯାଏ ସେ ସର୍ବତ୍ର ତାର ପ୍ରତିଛବି କୁକର ହିଁ ଦେଖେ ଓ ଭୟଭୀତ ହୋଇପଡ଼େ। ଜୋର ରେ ଭୋ ଭୋ କଲେ ସବୁ ପଟୁ ତାହା ହିଁ ସେ ଦେଖେ ଏବଂ ଆକ୍ରମଣ କରିବାକୁ ଦର୍ପଣ ଉପରକୁ ଲମ୍ଫ ପ୍ରଦାନ କରେ। ଦର୍ପଣ କାଚଟି ଭାଙ୍ଗିଯାଏ ଏବଂ କୁକୁର ଭାବେ ଯେ ଅନ୍ୟ ସମସ୍ତେ ଚାଲି ଯାଇଛନ୍ତି ଏବଂ ଏବେ ସେ ଭୟମୁକ୍ତ। କିନ୍ତୁ ପ୍ରକୃତରେ ସେ ସବୁ ତ ଥିଲା ତାର ହିଁ ପ୍ରତିବିମ୍ବ। ଠିକ ସେହିପରି ଏ ସମ୍ପୂର୍ଣ୍ଣ ସୃଷ୍ଟି ହେଉଛି ଦିବ୍ୟତ୍ୱର ସ୍ଫୁଲିଙ୍ଗ। ବିଶ୍ୱ ରୂପକ ଆଇନାରେ ଆମେ ପ୍ରତ୍ୟେକଙ୍କୁ ନିଜ ପ୍ରତିରୂପ ବୋଲି ଯଦି ଦେଖି ପାରିବା, ତେବେ ହିଁ ଏକତ୍ୱକୁ ଅନୁଭବ କରିପାରିବା। ପିତା, ମାତା, ଭାଇ ଭଉଣୀ ଏସବୁ ଆମ ଶରୀରଗତ ସମ୍ପର୍କର ନାମକରଣ। କିନ୍ତୁ ଆତ୍ମିକ ଦୃଷ୍ଟିରୁ ଆମେ ସମସ୍ତେ ଏକ ଈଶ୍ୱରଙ୍କ ପ୍ରତିରୂପ। ଈଶବାସ୍ୟମ୍ ଇଦଂ ସର୍ବଂ... ସବୁକିଛି ଈଶ୍ୱର।

ଆଜି ବୈଷୟିକ ଜ୍ଞାନର ଅଗ୍ରଗତି ଆଉ ନଭଶ୍ଚୁମ୍ବୀ ପ୍ରଗତିର ସୂଚନା ଦିଏ। ଆଜି ସାରା ଦୁନିଆକୁ ଆମେ ସଂଯୁକ୍ତ କରି ପାରୁଛୁ, କିନ୍ତୁ ଗୁଣାତ୍ମକ ଦୃଷ୍ଟିରୁ ଦେଖିଲେ ଆମ ପାରସ୍ପରିକ ସମ୍ପର୍କ ଅତି ଦୁର୍ବଳ ହୋଇ ଚାଲିଛି। ଆଜି ଆମେ ସାରା ଦୁନିଆ ସହ ନିଜକୁ ସଂଯୁକ୍ତ କରି ପାରୁଛୁ ତଥା ନିଜକୁ ଏକାକୀ ଅନୁଭବ କରୁଛୁ। ଇମୋଜୀ ସତେ ଯେମିତି ଆଜି ଆମ ଭାବ ବିନିମୟର ମାଧ୍ୟମ ପାଲଟିଛି। ଆଜି ପ୍ରତ୍ୟେକ ପରିବାରରେ ଏକ ସାଧାରଣ ବାକ୍ୟ ହୋଇ ରହିଯାଇଛି ‘ତୁମେ ମୋତେ ବୁଝି ପାରୁନାହଁ’। ଗୋଟିଏ ଛାତ ତଳେ ଆମେ ରହୁଛୁ କିନ୍ତୁ କାହା ପାଇଁ ଆମ ପାଖରେ ସମୟ ନାହିଁ। ଏଭଳି ପରିସ୍ଥିତିରେ ପରିବାର ମଧ୍ୟରେ ସଦଭାବନା ବୃଦ୍ଧି ପାଇଁ ଭଗବାନ ଶ୍ରୀସତ୍ୟସାଇ ବାବା ତିନିଟି ସୂତ୍ର ଆମ ମାନଙ୍କୁ ପ୍ରଦାନ କରିଛନ୍ତି, ଯାହା ଆମ ସମସ୍ତଙ୍କ ପାଇଁ ପ୍ରଣିଧାନ ଯୋଗ୍ୟ। ପ୍ରେମ ଭାବର ଅଭିବୃଦ୍ଧି, ଏକତ୍ୱ ଭାବର ଅଭିବୃଦ୍ଧି ଓ ତ୍ୟାଗ ଭାବର ଅଭିବୃଦ୍ଧି। ବର୍ତ୍ତମାନ ଆସନ୍ତୁ ଆମେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଟିକେ ପ୍ରଶ୍ନ କରିବା। ପରିବାରରେ ଆମେ ପ୍ରତ୍ୟେକ ପରସ୍ପର ସହ କେତେ ଗୁଣାତ୍ମକ ସମୟ ଅତିବାହିତ କରୁଛୁ, ପରସ୍ପର ସହ ନିବିଡ଼ ପ୍ରେମ ବନ୍ଧନରେ ଅଛୁ ଏବଂ ଭଗବାନଙ୍କ ପ୍ରେମର ବନ୍ଧନରେ ସମ୍ପୂର୍ଣ୍ଣ ପରିବାର ରହିଛୁ ? ଆମେ କଣ ଅନୁଭବ କରୁଛୁ କି ଯେ ଆମ ପରିବାର ଆମ ପାଇଁ ଏକ ଉତ୍ତମ ସ୍ୱାସ୍ଥ୍ୟ, ଅଶେଷ ଶାନ୍ତି ଓ ଆନନ୍ଦ ପ୍ରଦାନକାରୀ ସ୍ଥଳୀ ଯେଉଁଠି ଆମେ ଆମର ସମସ୍ତ ଅସୁବିଧା, ସଂଘର୍ଷକୁ ନିର୍ଦ୍ୱନ୍ଦରେ ସମସ୍ତଙ୍କ ସହ ବାଣ୍ଟି ଦେଇ ହାଲୁକା ହୋଇଯାଉ ? ଯଦି ଆମେ ମାପିବା ଆମ ପରିବାରର ଏକତ୍ୱ ଭାବର ମାତ୍ରା, ସତରେ ଆମେ ନିଜେ ସନ୍ତୁଷ୍ଟ କି ? ଯଦି ନୁହଁ, ତାର ନିରାକରଣ ପାଇଁ ଆମେ କି ବ୍ୟବସ୍ଥା କରିଛୁ ? ଗୋଟିଏ ସୁନ୍ଦର ଆଦର୍ଶଯୁକ୍ତ ପରିବାର ଗଠନରେ ପରିବାରର ପ୍ରତି ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏହା ଆମକୁ ବୁଝିବାକୁ ହେବ ଏବଂ ସେହି ଅନୁସାରେ ନିଜ ନିଜ ଦାୟିତ୍ୱବୋଧକୁ ଅନୁଭବ କରି ନିଭେଇବାକୁ ପଡ଼ିବ। ଭଗବାନ ବାବା ଅନେକ ସମୟରେ ଭଗବାନ ଶିବ ଓ ପାର୍ବତୀଙ୍କ ପରିବାରର ଉଦାହରଣ ଦେଇଥାନ୍ତି। ଭଗବାନ ଶିବ, ମା’ପାର୍ବତୀ, ଶ୍ରୀ ଗଣେଶ ଓ କାର୍ତ୍ତିକେୟଙ୍କ ବାହନ ଓ ଆଭୂଷଣ ଯଦି ଦେଖିବା ଷଣ୍ଢ, ସିଂହ, ମୟୂର, ମୂଷିକ, ସର୍ପ, ଅଗ୍ନି, ଗଙ୍ଗା ସବୁଥିରେ ବ୍ୟତିକ୍ରମ ପରିଲକ୍ଷିତ ହୁଏ। କିନ୍ତୁ ପ୍ରତ୍ୟେକେ ସଦଭାବନା ସହ ରହି ଏକ ଆଦର୍ଶ ପରିବାରର ପରିଚୟ ସୃଷ୍ଟି କରିଛନ୍ତି।

ଆଜିର କଥା ଟିକେ ବିଚାର କରିବା। ଏକରୁ ଦୁଇ ଭାଇ ହୋଇଗଲେ ସମ୍ପତ୍ତି ପାଇଁ କଳହର ସୂତ୍ରପାତ ହେଉଛି। ପତି, ପତ୍ନୀ, ମଧ୍ୟରେ ବି ସଠିକ ବୁଝାମଣା ନାହିଁ। ମନୁଷ୍ୟ ସମ୍ପୂର୍ଣ୍ଣ ରୂପେ ଅର୍ଥ ସର୍ବସ୍ୱ ହୋଇଯାଇଛି। ଶ୍ରୀସତ୍ୟସାଇ ବାବା ଶ୍ରୀରାମଙ୍କ ଉଦାହରଣ ଦେଇ କହନ୍ତି, ଶ୍ରୀରାମ ଜଣେ ଉତ୍ତମ ପୁତ୍ର, ଭ୍ରାତା, ପତି, ପିତା ଓ ଶାସକ। ଶ୍ରୀରାମ ଏକ ପତ୍ନୀ ବ୍ରତ ଗ୍ରହଣ କରିଥିଲେ ଯେତେବେଳେ କି ସେ କାଳରେ ବହୁପତ୍ନୀ ଗ୍ରହଣ ଏକ ସାଧାରଣ କଥା ଥିଲା। ଯେମିତି ଶରୀରରେ ଅନେକ ଅଙ୍ଗ ଥିଲେ ମଧ୍ୟ ସବୁକିଛି ହୃଦୟ ଦ୍ୱାରା ପରିଚାଳିତ ହୁଅନ୍ତି ଠିକ ସେହିପରି ପତି ପତ୍ନୀ ପାଇଁ ଏବଂ ପତ୍ନୀ ପତି ପାଇଁ ଏକ ଓ ଅଭିନ୍ନ। ସମଗ୍ର ବିଶ୍ୱକୁ ଏହି ଆଦର୍ଶରେ ଅନୁପ୍ରାଣୀତ କରିବାକୁ ଭଗବାନ ଶ୍ରୀରାମ ଏକ ପତ୍ନୀ ବ୍ରତ ଗ୍ରହଣ କରିଥିଲେ। ଭ୍ରାତୃତ୍ୱର ଅତୁଟ ପ୍ରେମ ବନ୍ଧନର ଗାଥା ବହନ କରିଛି ରାମାୟଣ।

ପାରିବାରିକ ରୀତି ନୀତି ବା ନିୟମାବଳୀ ଉପରେ ବୁଝାଇବାକୁ ଯାଇ ଭଗବାନ କହନ୍ତି, ‘ପରସ୍ପର ସହ ଯୋଗସୂତ୍ର ସ୍ଥାପନ କରିବାର ଅର୍ଥ ହେଉଛି ସମ୍ପୂର୍ଣ୍ଣ ବୁଝାମଣା। ତୁମେ ପରିବାରରେ ପ୍ରତ୍ୟେକଙ୍କୁ ଭଲ ପାଅ, ଯଦି ଭଲ ପାଇ ପାରୁନାହଁ, ତାହେଲେ ନିରବ ରୁହ, କାହାକୁ କଟୁ କଥା କୁହ ନାହିଁ। କାହାକୁ ଅପଶବ୍ଦ କହିବା ବା ଗାଳି କରିବାର ଅଧିକାର ଆମକୁ ଦେଲା କିଏ ? ପ୍ରତ୍ୟେକଙ୍କ ଭିତରେ ସେହି ସମାନ ଦିବ୍ୟ ପ୍ରେମର ସ୍ଫୁଲିଙ୍ଗ ବିଦ୍ୟମାନ। ତେଣୁ ଟିକେ ଚିନ୍ତା କରନ୍ତୁ ତ ପ୍ରେମ କରି କଣ ପ୍ରେମକୁ ସମାଲୋଚନା କରିପାରେ ? କେବେ ନୁହେଁ। ପ୍ରେମ କେବଳ ପ୍ରେମର ଅନୁଭବ କରାଇଥାଏ। ସୁଖମୟ ପରିବାରର ସ୍ୱର୍ଣ୍ଣିମ ସୂତ୍ର ଦେବାକୁ ଯାଇ ଶ୍ରୀସତ୍ୟସାଇ ବାବା କହନ୍ତି, ପ୍ରଥମେ ନିଜ ଭୁଲକୁ ଖୋଜ ଏବଂ ଅନ୍ୟ ଭଲକୁ ଦେଖି ପ୍ରଶଂସା କରିବା ଶିଖ। ପରିବାରର ସମସ୍ତ ପ୍ରତି ଶାନ୍ତ, ଧୈର୍ଯ୍ୟଶୀଳ ଏବଂ ସାହାଯ୍ୟ ପାଇଁ ସଦା ତତ୍ପର ରୁହ। ସବୁବେଳେ ବ୍ୟସ୍ତ ବିବ୍ରତ ରହି ଧାବମାନ ମନୁଷ୍ୟଙ୍କୁ ଭଗବାନ ଖୁବ ସୁନ୍ଦର ଭାବରେ ପୁଣି ବୁଝାଇ କହିଛନ୍ତି ‘ସ୍ଲୋ ଡାଉନ... ତୁମେ ଟିକେ ନିଜକୁ ଅତ୍ୟଧିକ ବ୍ୟସ୍ତତାରୁ ବାହାର କରି ଧିର ହୋଇଯାଅ। ବ୍ୟସ୍ତତା ମଧ୍ୟରେ ତୁମେ ଅନ୍ୟକୁ ପ୍ରେମର ସ୍ପର୍ଶ ଦେଇ ପାରିବନି, କିନ୍ତୁ ତୁମ ଭିତରେ ସ୍ଥିରତା ରହିଲେ କେହି ତୁମ ପ୍ରେମର ପରଶରୁ ବଞ୍ଚିତ ହୋଇପାରିବେ ନାହିଁ। ତୁମେ ସବୁ କମ୍ପ୍ୟୁଟର ନୁହ, ତୁମେ ହେଉଛି କମ୍ପୋଜର।

ବିବାହ ବନ୍ଧନକୁ ଅତି ପବିତ୍ର ବୋଲି ମନେ କରି ବାବା ଉପଦେଶ ଦିଅନ୍ତି, ‘ବିବାହ ଜୀବନ ସାରା ପାଇଁ ଏକ ସୁଦୃଢ଼ ବନ୍ଧନ। ପୁରା କାଳରେ ପରିବାରର ସବୁ ବିଷୟ ବୁଝି ବଡ଼ମାନେ ବିବାହ ସ୍ଥିର କରୁଥିଲେ। ଅଥଚ ଏବେ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ, ଯେଉଁଥି ପାଇଁ କି ବିବାହ ବିଚ୍ଛେଦ ଭଳି ଅନେକ ସମସ୍ୟା ବୈବାହିକ ଜୀବନରେ ଦେଖାଯାଉଛି’। ପ୍ରଭୁ କହୁଛନ୍ତି, ‘ପତି ପତ୍ନୀ ପରସ୍ପରର ସାଥୀ। ପୁରୁଷର ବାମ ଭାଗ ପତ୍ନୀ ଏବଂ ଦକ୍ଷିଣ ଅର୍ଦ୍ଧେକ ପତି। ତେଣୁ ପତି ପତ୍ନୀ ଉଭୟେ ମିଶି ଦୁଇଜଣ ନୁହନ୍ତି, ସେମାନେ ସବୁବେଳେ ଯେ ଏକ ଏହା ଅନୁଭବ କରିବା ଆବଶ୍ୟକ।’

ଜୀବନ ହେଉଛି ଏକ ମୁଦ୍ରିକା। ମୁଦ୍ରିକା ହେଉଛି ହୃଦୟର ପରିଚାୟକ ଏବଂ ମୁଦ୍ରିକା ଦେବା ଅର୍ଥ ହୃଦୟ ଅର୍ପଣ କରିବା ଏବଂ ଏହା ହିଁ ହେଉଛି ପବିତ୍ର ବନ୍ଧନ। ପତିପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣାକୁ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଭଗବାନ କହୁଛନ୍ତି, ଇଂରାଜୀ ଅକ୍ଷର ଇରଓଡଟ ରେ ଇ ଆଗରେ ଏବଂ ଟ ପଛରେ ଅଛି। କିନ୍ତୁ ପତିପତ୍ନୀଙ୍କ ସମ୍ପର୍କରେ ଏକ ଆଧ୍ୟାତ୍ମିକ ଜୀବନ ଅତିବାହିତ କରିବାରେ ଏହାର କ୍ରମ ହେଉଛି ଏହିଭଳି Understanding, Adjustment and not the other way. ଏଭଳି ଭାବରେ ଟ ହେଉଛି ଆଗରେ ଏବଂ ଇ ପଛରେ। ପୁଣି ଧର୍ମ ବାହିନୀରେ ଶ୍ରୀ ସତ୍ୟସାଇ ବାବା କହୁଛନ୍ତି ‘ଯେଉଁ ଘରେ ପତି ପତ୍ନୀଙ୍କ ପବିତ୍ର ପ୍ରେମ ବନ୍ଧନ ଅତି ସୁଦୃଢ଼, ଯେଉଁଠି ଦିବ୍ୟ ଶାସ୍ତ୍ର ପଠନରେ ଗୃହ ନିନାଦିତ ଏବଂ ସମୂହ ଭାବରେ ବିଭୁ ନାମସ୍ମରଣ ଓ ଗାନରେ ସମସ୍ତେ ମଗ୍ନ ସେହି ଗୃହ ଈଶ୍ୱରଙ୍କ ନିବାସ।’ ସ୍ୱାର୍ଥପରତାର ଉର୍ଦ୍ଧ୍ୱରେ ପରିବାର ତଥା ସମାଜ ମଙ୍ଗଳ କାର୍ଯ୍ୟରେ ପତି ପତ୍ନୀ ନିୟୋଜିତ ରହିବା ସହିତ ନିଜ ନିଜ ଧର୍ମକୁ ଧରି ରଖିବା ଆବଶ୍ୟକ।

ଭଗବାନ ତୁମ ପରିବାରର ମୁଖ୍ୟ। ତୁମ ପ୍ରତି କଥାକୁ ସେ ଶୁଣୁଛନ୍ତି, ତୁମ ଭୋଜନରେ ଅଦୃଶ୍ୟ ଭାବରେ ଉପସ୍ଥିତ ଅଛନ୍ତି। ତାଙ୍କ ଦିବ୍ୟ ଉପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କର। ସେହି ଅନୁରୂପ ପରିବାରର ବାତାବରଣ ଆମକୁ ରଖିବାକୁ ହେବ। ମନୁଷ୍ୟ ସମାଜରେ ଜନ୍ମ ହୁଏ, ସମାଜରେ ବଢ଼େ, ସମାଜରେ ବଞ୍ଚେ। ସମାଜ ବିନା ସେ ମୁହୂର୍ତ୍ତେ ରହି ପାରିବ ନାହିଁ। ଏହି ସମାଜ ହିଁ ତାକୁ ଚାକିରି ଦିଏ, ଅର୍ଥ ଦିଏ ସବୁ ଆବଶ୍ୟକତା ପୂରଣ କରେ। ସମାଜ ବିନା ମନୁଷ୍ୟର ଅସ୍ତିତ୍ୱ ନାହିଁ। ଶ୍ରୀ ସତ୍ୟସାଇ ବାବା ଅତି ଚମତ୍କାର ଭାବରେ ବୁଝେଇ କହନ୍ତି, ‘ଯେତେବେଳେ ତୁମେ ଜନ୍ମ ହେଲ ତୁମେ ଏକା ଥିଲ, ପରେ ପିତାମାତାଙ୍କୁ ଜାଣିଲ, ବିଦ୍ୟାଳୟକୁ ଯେତେବେଳେ ଯିବା ଆରମ୍ଭ କଲ କେତେ ସାଙ୍ଗ ସାଥି ତୁମ ଜୀବନ ପରିଧିକୁ ଆସିଲେ, ପରେ ପରେ ପତ୍ନୀ, ଶାଶୁ, ଶ୍ୱଶୁର, ପୁତ୍ର, କନ୍ୟା, ନାତି, ନାତୁଣି ଏଭଳି ଭାବରେ ପରିବାର ପରିବ୍ୟାପ୍ତ ହୋଇଚାଲେ ଏବଂ ତୁମର ପ୍ରେମର ପରିସୀମା ବଢ଼ି ଚାଲେ। ଏଭଳି ଭାବରେ ତୁମକୁ ନିଜକ ପରିବାରର ସୀମା ରେଖାରୁ ଉର୍ଦ୍ଧ୍ୱକୁ ଯାଇ ବସୁଧୈବ କୁଟୁମ୍ବକମ୍ ଭାବ ସହ ସମସ୍ତଙ୍କୁ ନିଜର ପ୍ରେମର ପରିଧି ମଧ୍ୟକୁ ଆଣିବାକୁ ପଡ଼ିବ।’ ଏକ ଆଦର୍ଶ ପରିବାର ହିଁ ବସୁଧୈବ କୁଟୁମ୍ବକମ୍ ଭାବର ଭିତ୍ତି ଭୂମି।

**ଖରିଆର ରୋଡ଼, ନୂଆପଡ଼ା, ଦୂରଭାଷ : ୯୬୬୮୭୬୬୮୭୦**

# ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ଧର୍ତ୍ତି ଅବା ଗ୍ରାମ ଉତ୍କର୍ଷ ଅଭିଯାନ ଉପରେ ଜିଲ୍ଲାପାଳଙ୍କ ସମୀକ୍ଷା



**ରାୟଗଡ,(ଡିକେ ନ୍ୟୁଜ):** ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ଅଧୀନରେ ରାୟଗଡା ଜିଲ୍ଲାରେ ବସବାସ କରୁଥିବା ବିଶେଷ ଭାବେ ଅନୁନ୍ନତ ଜନଜାତିର ଜନସାଧାରଣ, ଗୋଷ୍ଠୀ, ପରିବାରକୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ସୁବିଧା ଯୋଗାଇଦେବା ନିମନ୍ତେ ବ୍ୟାପକ ସଚୁରେସନ କାର୍ଯ୍ୟକ୍ରମ ଓ ଧର୍ତ୍ତି ଅବା ଗ୍ରାମଉତ୍କର୍ଷ ଅଭିଯାନ ଉପରେ ଆଜି ଜିଲ୍ଲାପାଳ ପାରୁଲ ପାଟାୱରୀ ସମୀକ୍ଷା କରିଛନ୍ତି। ସାରା ଦେଶରେ ବ୍ୟାପକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜିଲ୍ଲାର ବିଶେଷ ଭାବେ ଅନୁନ୍ନତ ଜନଜାତି ବହୁଳ କଲ୍ୟାଣ ସିଂପୁର, ବିଷମ କଟକ, ମୁନିଗୁଡା ଓ ଗୁଣୁପୁର ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତର ସମୁଦାୟ ୨୩୭ଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାରେ ଆଦିମ ଜନଜାତିର ସବୁ ଲୋକଙ୍କ ଆଧାର କାର୍ଡ ପଞ୍ଜିକରଣ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା, ସ୍ୱାସ୍ଥ୍ୟଗତ ସୁବିଧା ନିମନ୍ତେ ଆୟୁଷ୍ମାନ ଭାରତ ଯୋଜନାରେ ପଞ୍ଜିକରଣ କରି ଯୋଗ୍ୟ ବ୍ୟକ୍ତିକୁ ସାମିଲ କରାଯିବ। ଜାତିଗତ ଏବଂ ବାସିନ୍ଦା ପ୍ରମାଣ ପତ୍ର ଦିଆଯିବ। ରକ୍ତଶିକୁଳି ରୋଗ ଚିହ୍ନଟ କରାଯିବା ସହ ବିଭିନ୍ନ ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହା ସହିତ ଜଙ୍ଗଲ ଜମି ପଟ୍ଟା, ଛାତ୍ର ବୃତ୍ତି, ପ୍ରସୂତି କାଳୀନ ସୁବିଧା, କିଷାନ କ୍ରେଡିଟ କାର୍ଡ, କିଷାନ ସମ୍ମାନ ନିଧି ଯୋଜନାରେ ସୁବିଧା ଯେପରି ଉକ୍ତ ଜନଜାତିଙ୍କ ନିକଟରେ ପହଞ୍ଚି ପାରିବ ସେଥିନିମନ୍ତେ ଯୁଦ୍ଧକାଳୀନ ପଦକ୍ଷେପ ନିଆଯାଇଥିଲା। ଏହି ଯୋଜନାରେ ଅନୁନ୍ନତ ଜନଜାତିଙ୍କ ପାଇଁ ୬୭୨୨ଟି ଗୃହ ମଞ୍ଜୁରୀ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୪୨୭ଟି ଗୃହ ହୋଇଥିବାରୁ ଜିଲ୍ଲାପାଳ ତୁରନ୍ତ କାମ ଆରମ୍ଭ କରିବାକୁ ଓ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପିଇବା ପାଣି ଯୋଗାଣ ପାଇଁ ୨୪୬ଟି ପ୍ରକଳ୍ପ ମଞ୍ଜୁରୀ ପାଇଥିବା ବେଳେ ମାତ୍ର ୭୯ଟି ସମ୍ପୂର୍ଣ୍ଣ ହୋଇଥିବା ଜଣାଯାଇଛି। ଗ୍ରାମ୍ୟ ଜିଗାଯୋଗ କ୍ଷେତ୍ରରେ ୧୫ଟି ପ୍ରକଳ୍ପ ମଞ୍ଜୁରୀ ପାଇଥିବା ବେଳେ କାର୍ଯ୍ୟ ଚାଲୁ ରହିଥିବା ଜଣାପଡିଛି। ଅଙ୍ଗନବାଡି କେନ୍ଦ୍ର ପାଇଁ ୨୪ଟି ପ୍ରକଳ୍ପ ମଞ୍ଜୁରୀ ପଥିବା ବେଳେ ୨୪ଟି କାର୍ଯ୍ୟ ଚାଲୁରହିଛି। ଛାତ୍ରବାସ ନିମନ୍ତେ ଜିଲ୍ଲା ପାଇଁ ୯ ଗୋଟି ଆମଞ୍ଜୁର ହୋଇଥିବା ବେଳେ ତାହାକୁ ତୁରନ୍ତ ସ୍ଥାନ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରାବାସ ବିଦ୍ୟାଳୟ ପରିସରରେ ହି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମୋବାଇଲ ଯୋଗାଯୋଗ କ୍ଷେତ୍ରରେ ମଧ୍ୟରେ ୧୮ଗୋଟି ଗ୍ରାମକୁ ଦେବା ପାଇଁ ଧାର୍ଯ୍ୟ କରାଯାଇଛି। ସେହିପରି ବିଦ୍ୟୁତ ସଂଯୋଗ ପାଇଁ ୧୩୯ ଗ୍ରାମକୁ ଦେବା ପାଇଁ ମଞ୍ଜୁରୀ ହୋଇଥିବା ବେଳେ ତୁରନ୍ତ କାମ ସାରିବାକୁ ଜିଲ୍ଲାପାଳ କହିଛନ୍ତି । ସେହିପରି ପିଏମ କିଷାନ, ଆଧାର ସସିଡିଙ୍ଗ, ରେସନ କାର୍ଡ ଯୋଗାଇବା, ଜାତି ଓ ବାସସ୍ଥାନ ପ୍ରମାଣ ପତ୍ର, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ଉପରେ ସମିକ୍ଷା କରିଥିଲେ।

# ଫେଲ ମାରିଛି ଆଲୋକିକରଣ ବ୍ୟବସ୍ଥା : ଅନ୍ଧାରରେ ମୁନିଗୁଡା ସହର



**ମୁନିଗୁଡା,(ଡିକେ ନ୍ୟୁଜ):** ଅଚଳ ହୋଇପଡିଛି ଷ୍ଟ୍ରିଟ୍ ଲାଇଟ୍। ସଞ୍ଜ ନଇଁବା କ୍ଷଣି ଡରାଉଛି ଅନ୍ଧାର। ଘରୁ ବାହାରିବାକୁ ଅସୁରକ୍ଷିତ ମଣୁଛନ୍ତି ସ୍ଥାନୀୟ ବାସିନ୍ଦା। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ମୁନିଗୁଡା ସହରରେ। ରାୟଗଡ଼ା ଜିଲ୍ଲା ମୁନିଗୁଡା ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ କଳାହାଣ୍ଡି, କନ୍ଧମାଳ ଜିଲ୍ଲା ତଥା ପଡୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ର ପ୍ରଦେଶର ବ୍ୟବସାୟୀ ମାନେ ମୁନିଗୁଡା ସହର ଉପରେ ନିର୍ଭର କରନ୍ତି। ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ଲକ୍ଷ୍ୟ କରି ମୁନିଗୁଡା ସହରକୁ ଆଲୋକୀକରଣ କରିବା ପାଇଁ ମୁନିଗୁଡା ସହରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଲାଗିଥିଲା ଷ୍ଟ୍ରିଟ୍ ଲାଇଟ। କିନ୍ତୁ ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ରୂପେ ଅକାମୀ ହୋଇ ପଡ଼ିଥିବା ବେଳେ ୯ ମାସରୁ ଊର୍ଦ୍ଧ୍ୱ ହେଲାଣି ଅନ୍ଧାରରେ ମୁନିଗୁଡା ସହର। ନିର୍ବାଚିତ ଲୋକପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଓ ପ୍ରଶାସନର ରକ୍ଷଣା ବେକ୍ଷଣ ଅଭାବରୁ ଏମିତି ପରିସ୍ଥିତି ଉପୁଜୁଥିବା ଅଭିଯୋଗ କରିଛନ୍ତି ମୁନିଗୁଡା ଅଞ୍ଚଳ ସମାଜ ସେବୀ ରମେଶ ଚନ୍ଦ୍ର ପାଲକା। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମୁନିଗୁଡା ବସ ଷ୍ଟାଣ୍ଡ ନିକଟ ତିନିକୋଣିଆ ଛକ ଠାରୁ ମୁନିଖୋଲ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିବା ବେଳେ ଫେଲ ମାରିଛି ଆଲୋକୀକରଣ ବ୍ୟବସ୍ଥା। ସରକାରଙ୍କ ନିୟମ ଅନୁଯାୟୀ ଆଲୋକୀକରଣ ନିମନ୍ତେ ଲାଗିଥିବା ଷ୍ଟ୍ରିଟ ଲାଇଟ ଅଚଳ ହେଲେ ଅଚଳ ଲାଇଟର ତାଲିକା ପଞ୍ଚାୟତ ତରଫରୁ ବ୍ଲକ ପ୍ରଶାସନକୁ ଅବଗତ କରାଯିବା କଥା। ମାତ୍ର ସହରର କେଉଁ ସ୍ଥାନରେ କେତେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡିଛି ତାହାର ତାଲିକା ମଧ୍ୟ ବ୍ଲକ ପ୍ରଶାସନ ନିକଟରେ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଉକ୍ତ ବିଷୟକୁ ନେଇ ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବରଙ୍କୁ ପଚାରିବାରୁ ଏ ବାବଦରେ ଜିଲ୍ଲାପାଳଙ୍କୁ ଚିଠି କରିଛୁ। ଆମେ ଚେଷ୍ଟା କରୁଛୁ ଯଥା ଶୀଘ୍ର ସମସ୍ୟାର ସମାଧାନ କରିବୁ ବୋଲି ଜଣାଇଥିଲେ। ମୁନିଗୁଡା ସହରର ବିକାଶ ପାଇଁ ଲୋକ ପ୍ରତିନିଧି ଓ ପ୍ରଶାସନର ନିଦ କେବେ ଭାଙ୍ଗିବ ଓ ସହରରେ ଆଲୋକୀକରଣ କେବେ ହେବ ତାହା ଦେଖିବାକୁ ବାକି ରହିଲା।

# ମାଟି ମାଫିଆଙ୍କ ଭୂ-ସ୍ୱର୍ଗ ପାଲଟିଛି ବନ୍ଦର ନଗରୀ ପାରାଦ୍ୱୀପ




**ପାରାଦୀପ,(ଡିକେ ନ୍ୟୁଜ):** ମାଟି ମାଫିଆଙ୍କ ଭୂ-ସ୍ୱର୍ଗ ପାଲଟିଛି ପାରାଦୀପ। ଏହି ମାଟି ମାଫିଆମାନେ ଆଇନ କାନୁନକୁ ଜଳାଞ୍ଜଳି ଦେଇ ରାତି ଦିନ ଏକ କରି ଦୈନିକ ଶହ ଶହ ଟ୍ରିପ ମାଟି ବାଲି ଉଠାଇ ବିକ୍ରି କରୁଛନ୍ତି। ପାରାଦ୍ୱୀପ ଅଞ୍ଚଳ ମାଟି ମାଫିଆଙ୍କର ଚରା ଭୂଇଁ ପାଲଟିଛି। ଯାହା ଫଳରେ ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। କେତେକ ମାଫିଆମାନେ ନାମକୁ ମାତ୍ର ତହସିଲ କାର୍ଯ୍ୟାଳୟରେ ୫୦ ସିଏମ ମାଟି ଉଠାଇବାକୁ ରୟାଲିଟୀ କାଟି ୧୦୦୦ ସିଏମ ମାଟି ଉଠାଉଛନ୍ତି। ସବୁଠାରୁ କୌତୁହଳର ବିଷୟ ଶିଳ୍ପ ଉଦ୍ଦେଶ୍ୟରେ ଇଡ଼ିକୋ ଅଧିଗ୍ରହଣ କରିଥିବା ଜମି ଉପରେ ମାଫିଆମାନଙ୍କ ଲୋଲୁପ ଦୃଷ୍ଟି ପଡିଛି। ସେମାନେ ବହୁ ଗୋଷ୍ଠୀରେ ବିଭକ୍ତ ହୋଇ ଏହି ଜମି ଉପରୁ ଦିନ ରାତି ହାଇୱା ଓ ଟ୍ରାକ୍ଟର ସାହାଯ୍ୟରେ ହଜାର ହଜାର ଟ୍ରିପ୍ ମାଟି ବାଲି ଉଠାଇ ଚୋରା ଚାଲାଣ କରୁଥିଲେ ବି ସୁଦ୍ଧା ରାଜସ୍ୱ ବିଭାଗ ଓ ଖଣି ବିଭାଗର ନିରବତାକୁ ନେଇ ପ୍ରଶ୍ନ ଉଠୁଛି। ଆହୁରି ମଧ୍ୟ ଏମାନେ ଗୋଟିଏ ପ୍ଲଟରୁ ମାଟି ଉଠାଇବା ନିମନ୍ତେ କ୍ୱଚିତ ରାଜସ୍ୱ ଦାଖଲ କରି ଅନୁମତି ପ୍ରାପ୍ତ ହେବା ପରେ ଅନ୍ୟ ପ୍ଲଟରୁ ମାଟି ଉଠାଉଥିବାର ଲକ୍ଷ୍ୟ କରାଯାଉଛି। ତହସିଲ କାର୍ଯ୍ୟାଳୟ ଖୋଲିବା ମାତ୍ରେ ମାଟି ମାଫିଆମାନଙ୍କୁ ସାହାଯ୍ୟ କରୁଥିବା ଦଲାଲମାନେ ଦାୟିତ୍ୱରେ ଥିବା ସଂପୃକ୍ତ କିରାଣୀ ନିକଟରେ ଭିଡ ଜମାଉଛନ୍ତି। ତହସିଲର କେତେକ କର୍ମଚାରୀ ମାଫିଆ ମାନଙ୍କ ଠାରୁ ମୋଟା ଅଙ୍କର ଲାଞ୍ଚ ନେଇ ସେମାନଙ୍କୁ ଗଳା ବାଟର ସୂତ୍ର ବତାଇ ଦେଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଯେଉଁଭଳି ବର୍ତ୍ତମାନ ମାଟି ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି ଯଦି ତାଙ୍କର ଏହି ସକ୍ରୀୟତା ଜାରି ରହେ ଆଗାମୀ ଦୁଇ ବର୍ଷ ମଧ୍ୟରେ ଚାଷ ଜମି ଲୋପ ପାଇବା ସାଙ୍ଗକୁ କୁଜଙ୍ଗ ତହସିଲ ଅଞ୍ଚଳର ଅର୍ଦ୍ଧାଧିକ ଅଞ୍ଚଳ ଜଳ ଭାଗରେ ପରିଣତ ହେବା ନିଶ୍ଚିତ। ଏହା ସହ ପଥଚାରୀ ମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବେଳେ ଆନେକ ଜୀବନ ଏହି ବାଲି ଆଉ ମାଟି ମାଫିଆଙ୍କ ଗାଡି ଚକା ତଳେ ଚାଲିଯାଉଛି। ଚୋରା ମାଟି ଚାଲାଣ କରୁଥିବା ମାଫିଆମାନଙ୍କ ପ୍ରତି କେବେ ହେଉଛି ପ୍ରଶାସନର କାର୍ଯ୍ୟାନୁଷ୍ଠାନ ତାହା ଉପରେ ରହିଛି ସମସ୍ତଙ୍କ ନଜର।

# ରାସ୍ତା ନିର୍ମାଣ ପୂର୍ବରୁ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ : ଦୁର୍ଘଟଣାରେ ଚାଲିଗଲା ଅମୂଲ୍ୟ ଜୀବନ

**ସମ୍ବଲପୁର,(ଡିକେ ନ୍ୟୁଜ):** ଅଇଁଠାପାଲି ଫ୍ଲାଏ ଓଭରବ୍ରିଜ୍ କାମରେ ନିୟମ ପାଳନ ଠିକ୍ ଭାବରେ ହେଉନଥିବା ଯୋଗୁଁ ଏକ ଅମୂଲ୍ୟ ଜୀବନ ଚାଲି ଯାଇଛି। ଟ୍ରକ୍ ଚପରେ ଅବସର ପ୍ରାପ୍ତ ଏଡିଏମଓ ଡାକ୍ତର ଭରତ ଚନ୍ଦ୍ର ଦାସଙ୍କ ଅକାଳ ବିୟୋଗ ହୋଇଛି। ପୋଲିସ ମୃତ ଦେହ ଜବତ୍ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏକ ମାତ୍ର ପୁଅ ବିଦେଶରେ ରହିଥିବା ଯୋଗୁଁ ଆସିବ ପରେ ବୁଧବାର ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ପରିବାର ସୂତ୍ରରୁ ଜଣା ପଡ଼ିଛି। ଅନ୍ୟପଟେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଜି ମଧ୍ୟାହ୍ନରେ ଅଇଁଠାପାଲି ନିକଟରେ ଡାକ୍ତର ନିଜର ସ୍କୁଟିରେ ଘରୁ ଆସୁଥିବା ବେଳେ ପଛ ପଟରୁ ଏକ ଟ୍ରକ ପିଟିବା ଫଳରେ ସେ ଛିଟିକି ପଡି ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ମୃତ ଖବର ପ୍ରଘଟ ପରେ ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଗୁଡ଼ିକର ବ୍ୟକ୍ତି ବିଶେଷ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏହି ଖବର ପାଇ ଭୁବନେଶ୍ୱରରେ ଥିବା ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୁଝାରୀ, ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଶୋକ ଜଣାଇଛନ୍ତି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକ ରଖିଛି ଅଇଁଠାପାଲି ପୋଲିସ। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ପୂର୍ବତନ ଜୁନିୟର ଡ଼ାକ୍ତର ସଂଘ ସଭାପତି ତଥା ଭିମାସର୍ ଆସୋସିଏଟ ପ୍ରଫେସର ଡ଼ାକ୍ତର ସଞ୍ଜୀବ ମିଶ୍ର କହିଛନ୍ତି ଯେ, ଡ଼ାକ୍ତର ଦାସ ଜଣେ ବହୁତ ଭଲ ମଣିଷ ଓ ସମାଜର ମାର୍ଗ ଦର୍ଶକ ଥିଲେ। ଉତ୍ସର୍ଗ ଭଳି ବହୁ ସାମାଜିକ ଅନୁଷ୍ଠାନ ସହିତ ସେ ଓତଃପ୍ରୋତ ଭାବେ ଜଡିତ ଥିଲେ। ଏବେ ଅଇଁଠାପାଲି ଫ୍ଲାଏ ଓଭର କାମରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏଭଳି ଘଟଣା ଘଟିଛି। ସାଧାରଣ ଲୋକମାନେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏବେ ଏହି କାମରେ ୱାର୍କ୍ ଜୋନ ଡ଼ାଇଭର୍ସନ ପ୍ଲାନ ତଥା ଟ୍ରାଫିକ ଇଞ୍ଜିନିୟରଙ୍କ ସ୍ୱିକୃତୀ ହୋଇଥିବା ନେଇ ସନ୍ଦେହ ଘେରକୁ ଆସିଛି। ଯଦି ସ୍ୱିକୃତି ମଞ୍ଜୁର ହୋଇଛି ତାହେଲେ ନିର୍ମାଣ ସମୟରେ କାହିଁକି ନିୟମ ପାଳନ କରାଯାଇନାହିଁ ବୋଲି ଅଭିଯୋଗ ହେଉଛି। ନିୟମ ଅନୁସାରେ କାମ ପୂର୍ବରୁ ସର୍ଭିସ ରୋଡ ନିର୍ମାଣ ସମ୍ପୂର୍ଣ୍ଣ କରିବାର ଥିଲା। ଫଳରେ ସୁବିଧାରେ ଗମନାଗମନ ହୋଇପାରି ଥାନ୍ତା। ଟ୍ରାଫିକ ସମସ୍ୟା ସହିତ ଫ୍ଲାଇଓଭର କାମରେ ମଧ୍ୟ ବାଧା ସୃଷ୍ଟି ହୋଇନଥାନ୍ତା। କିନ୍ତୁ ଅଭିଯୋଗ ଅନୁସାରେ ପିଲର କାମ ଦ୍ରୁତ ଗତିରେ ଚାଲିଛି ଓ ସର୍ଭିସ ରାସ୍ତା ନଥିବାରୁ ନିର୍ମାଣ ପାଇଁ ଗୋଟିଏ ପଟ ରାସ୍ତା ପ୍ରାୟ ସମୟରେ ବନ୍ଦ ରହୁଛି। ତେଣୁ ଟ୍ରାଫିକ୍ ଜାମ ଲାଗି ରହୁଛି। ସର୍ଭିସ୍ ରୋଡରେ ଭାରୀ ଯାନ ଯାତାୟାତକୁ ଅନୁମତି ମିଳିବା ପରେ ଛୋଟ ଗାଡି ଓ ବାଇକ ଆରୋହୀଙ୍କ ପାଇଁ ବିପଦ ରହୁଛି। ସର୍ଭିସ୍ ରୋଡରେ ଭାରୀଯାନ ପ୍ରବେଶ ପରେ ଏବେ ଦୁର୍ଘଟଣାକୁ ଆମନ୍ତ୍ରଣ କରାଯାଉଛି। ସଙ୍କୁଚିତ ରାସ୍ତା ଓ ବିକଳ୍ପ ନ ଥିବାରୁ ବାଇକ ଓ ପାଦ ଚଲା ଲୋକ ହନ୍ତସନ୍ତ ହେଉଛନ୍ତି। ଅଇଁଠାପାଲିରୁ ରେମେଡ୍ ପର୍ଯ୍ୟନ୍ତ ଥିବା ସର୍ଭିସ୍ ରୋଡ ଅଣଓସାରିଆ ରହିଛି। ତେଣୁ ଏହାକୁ ଓସାରିଆ କରିବା ପରେ ଭାରୀଯାନ ଚଳାଚଳ କରିବାକୁ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ଠିକା ସଂସ୍ଥା ବିରୁଦ୍ଧରେ ଆଗାମୀ ଦିନରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଯିବ ବୋଲି ଜନ ସାଧାରଣଙ୍କ ମଧ୍ୟରେ ଘଟଣା ସମୟରେ ଚର୍ଚ୍ଚା ଯୋର ଧରିଥିଲା। ତେବେ ଡାକ୍ତରଙ୍କ ଏହି ଅକାଳ ବିୟୋଗରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

# କଳାହାଣ୍ଡିରେ ଶୁଭାରମ୍ଭ ହେଲା ରବି ଧାନ ମଣ୍ଡି



**ଭବାନୀପାଟଣା,(ଡିକେ ନ୍ୟୁଜ):** ଚଳିତ ରବି ଋତୁ ଧାନ ସଂଗ୍ରହ ପାଇଁ ମଙ୍ଗଳବାର ଦିନ କଳାହାଣ୍ଡି ଜିଲ୍ଲାରେ ମଣ୍ଡି ଶୁଭ ଉଦ୍‌ଘାଟନ ହୋଇଛି। ଜିଲ୍ଲା ଅନ୍ତର୍ଗତ ଭବାନୀପାଟଣା ଉପଖଣ୍ଡର କର୍ଲା ପଡା ଏବଂ ଧର୍ମଗଡ଼ ଉପଖଣ୍ଡର ଦାସିଗାଁ ମଣ୍ଡି ଉଦଘାଟିତ ହୋଇଯାଇଛି। ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁ, ଡିଆରସିଏସ ପ୍ରମୋଦ କୁମାର ସାହୁ, ଏଆରସିଏସ ମଧୁସୂଦନ ମେହେର କର୍ଲାପଡା ପ୍ରାଥମିକ ସମବାୟ ସମିତି ସଭାପତି, ଡାଇରେକ୍ଟର, ପେକ୍ସ କର୍ମଚାରୀ, ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଏବଂ ଚାଷୀ ମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ରବି ଧାନ ସଂଗ୍ରହ ପାଇଁ କର୍ଲା ପଡା ମଣ୍ଡି ଶୁଭ ଉଦ୍‌ଘାଟନ କରାଯାଇଥିଲା। ସେଭଳି ଦାସିଗାଁ ମଣ୍ଡିକୁ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ପୂଜାର୍ଚ୍ଚନା କରି ଶୁଭ ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡି ଉଦ୍‌ଘାଟନ ସମୟରେ ସ୍ଥାନୀୟ ଚାଷୀ, ସମବାୟ ସମିତି ସଭାପତି, ସଦସ୍ୟ, ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଗାଈକି ପଘା ନାହିଁ, ପ୍ରଶାସନକୁ ନିଘା ନାହିଁ



**ବ୍ରହ୍ମପୁର,(ଡିକେ ନ୍ୟୁଜ):** ବ୍ରହ୍ମପୁର ସହରରେ ଗୃହପାଳିତ ପଶୁଙ୍କ ରାସ୍ତାରେ ବିଚରଣ କରିବା ଏକପ୍ରଥା ହୋଇଯାଇଛି। ନିରାପଦ ଆଶ୍ରୟ ସ୍ଥଳୀ ପାଲଟିଛି ରାଜରାସ୍ତା ଓ ଗଳିକନ୍ଦି। ବର୍ତ୍ତମାନ ମହାନଗର ରାସ୍ତାରେ ବୁଲୁଥିବା ବୁଲା ଗାଈ ଗୋରୁ ସମସ୍ୟା ସବୁଠାରୁ ଅଧିକ। ସହରରେ ଯୁଆଡ଼େ ଚାହିଁବ ଖାଲି ଗାଈଗୋରୁ ହିଁ ଗାଈ ଗୋରୁ। ଗୋରୁ ମାଲିକମାନେ ନିଜ ଗାଈ ଠାରୁ କ୍ଷୀର ଆଦାୟ କଲା ପରେ ଗାଈ ଗୁଡ଼ିକୁ ରାସ୍ତା କଡ଼ରେ ଛାଡ ଦିଅନ୍ତି। ଫଳରେ ସେମାନେ ରାସ୍ତା କଡ଼ରେ ଶୋଇ ଦୁର୍ଘଟଣାର ଶିକାର ହୋଇ ଆହତ ଓ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବହୁ ନଜିରରେ ରହିଛି। ଏହାକୁ ନେଇ ବହୁବାର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନଥିବା ଦୁଃଖ ଓ ପରିତାପର ବିଷୟ। ଏପରିକି ପଶୁ ଚିକିତ୍ସା ବିଭାଗ ମଧ୍ୟ ଏଥିରେ କୌଣସି ହସ୍ତ ହସ୍ତକ୍ଷେପ ରହୁନାହିଁ। ସହରର ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗଳି ରାସ୍ତାରେ ବହୁ କାର୍ଯ୍ୟାଳୟ ବସାୟିକ ପ୍ରତିଷ୍ଠାନ ରହିଛି। ଦୈନିକ ହଜାର ହଜାର ଗାଡ଼ି ଗା ସହରର ପ୍ରମୁଖ ରାସ୍ତା ଦେଇ ଯାତାୟତ କରିଥାଏ। ସେହି ରାସ୍ତା ଗୁଡ଼ିକ ଏବେ ବୁଲା ଗାଈ ଗାଈ ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଉଛି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ବେଳେ ଜରିମାନା ମଧ୍ୟ ଆଦାୟ କରାଯାଉ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବର୍ତ୍ତାନର ମହାନଗର ଅଞ୍ଚଳରେ କଞ୍ଜିଆହୁଦା ମଧ୍ୟ ନଥିବାରୁ ଗାଈ ମାଲିକମାନେ ନିୟମକୁ ଖୋଲାଖୋଲି ଭବେ ଉଲ୍ଲଙ୍ଘନ କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ତାହା ସହ ସହର ଓ ସହରର ଆଖପାଖ ଅଞ୍ଚଳରେ କଞ୍ଜିଆହୁଦା କରାଯାଉ ବୋଲି କହିଛନ୍ତି ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ।

# ଏମ୍‌କେସିଜି ଟିକେଟ୍ କାଉଣ୍ଟରରେ ଆଇନଜୀବୀଙ୍କୁ ମିଳୁ ସ୍ୱତନ୍ତ୍ର ସୁବିଧା

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଏମକେସିଜି ମେଡିକାଲ୍ ବହିଃର୍ବିଭାଗ କାଉଣ୍ଟର ନଂ-୩ରେ ଡାକ୍ତର, ସାମ୍ବାଦିକ, ପୋଲିସ, ସୈନିକ ଓ ଭିନ୍ନକ୍ଷମ ପାଇଁ ସମସ୍ତ ପ୍ରକାର ପରୀକ୍ଷା ନିମନ୍ତେ ଖୋଲା ଯାଇଥିବା ସ୍ୱତନ୍ତ୍ର ଟିକଟ ଘରେ ଆଇନଜୀବୀଙ୍କୁ ମଧ୍ୟ ସେହି ସ୍ୱତନ୍ତ୍ର ସୁବିଧା ସୁଯୋଗ ଦିଆଯିବା ପାଇଁ ଦାବି କରିଛି ଗଞ୍ଜାମ ଓକିଲ ସଂଘ। ଆଇନଜୀବୀମାନେ ସମାଜରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ସେମାନେ ଏକା ଧାରରେ ସମାଜସେବୀ ଓ ବୁଦ୍ଧିଜୀବୀ ମଧ୍ୟ ଅଟନ୍ତି। ଅଦାଲତରେ ନିଜ ମହକିଲ ମାନଙ୍କ ପାଇଁ ଠିକ୍ ସମୟରେ କାର୍ଯ୍ୟ କରୁକରୁ ନିଜ ସ୍ୱାସ୍ଥ୍ୟ କଥା ବୁଝିବା ପାଇଁ ସମୟ ବାହାର କରିପାରନ୍ତି ନାହିଁ। ଫଳରେ ଡାକ୍ତରଖାନାର ଟିକଟ ଘର ସାମନାରେ ଲମ୍ବାଧାଡିରେ ଠିଆ ହୋଇ ଟିକଟ ନେବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ତେଣୁ ସ୍ୱତନ୍ତ୍ର ଟିକଟ ଘରେ ଆଇନଜୀବୀଙ୍କ ସୁବିଧା ଯୋଗାଇ ଦିଆଯାଉ ବୋଲି ସଂଘ ଦାବି କରିଛି।

# ଟଙ୍କା ଠକେଇ ମାମଲାରେ ଯୁବକ ଗିରଫ

**ଜୟପୁର, (ହି.ସ.):** ତେନ୍ତୁଳି ପ୍ୟାକିଙ୍ଗ ମ୍ୟାସିନ ଦେବା ବାବଦରେ ଟଙ୍କା ହଡପ କରିଥିବା ଅଭିଯୋଗରେ ଜୟପୁର ସଦର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କୋରାପୁଟ ବନଭାରତୀ କଲୋନୀର ଜି. ସନ୍ତୋଷ କୁମାର। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୨ ମସିହାରେ ଗଡପଦର ଅଞ୍ଚଳର ରଶ୍ମିତା ଷଡଙ୍ଗୀ ମା ବଗଳାମୁଖୀ ଟାମାରିଣ୍ଡ ପ୍ରୋସେସିଙ୍ଗ ୟୁନିଟ ନାମରେ ଏକ କମ୍ପାନୀ ଖୋଲିଥିଲେ। ସେ ଡିଆଇସିରେ ଲୋନ କରିବା ପରେ ତାଙ୍କର ୫ ଲକ୍ଷ ଦୁଇ ଶହ ଟଙ୍କା ୟୁନିଅନ ବ୍ୟାଙ୍କ ତରଫରୁ ସାଙ୍କସନ ହୋଇ ସିଧାସଳଖ ମ୍ୟାସିନ ବିକ୍ରେତା ଜି. ସନ୍ତୋଷଙ୍କ ଏକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ରଶ୍ମିତା ବାରମ୍ବାର ମ୍ୟାସିନ ମାଗିବାରେ ସନ୍ତୋଷ ଅର୍ଡର ଦିଆହୋଇଛି ଆସିନାହିଁ ଏହିପରି ଭୁଆଁ ବୁଲାଉଥିଲେ। ଶେଷରେ ସେ ଫୋନ ମଧ୍ୟ ଉଠାଇ ନଥିଲେ। ଏନେଇ ସଦର ଥାନାରେ ରଶ୍ମିତା ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରିଥିଲେ। ଅଭିଯୁକ୍ତକୁ କୋରାପୁଟରୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

# ଆଜି ଅଲୋଡ଼ା ହୋଇଯାଇଛନ୍ତି ବିଶ୍ୱକର୍ମା ଗନ୍ଧର୍ବ

**ଅସ୍ତରଙ୍ଗ,(ଡିକେ ନ୍ୟୁଜ):** ଅତୀତରୁ ଆରମ୍ଭ କରି ଆଜି ଆମ ସମାଜ ଆଇନାରେ ଆମେ ଯେ କୌଣସି ସୁନ୍ଦରିଆ କାଠ ନିର୍ମିତ ବସ୍ତୁକୁ ଦେଖୁଛେ ଯାହା ଅଧିକ ଆକର୍ଷଣ ଆମକୁ କରୁଛି । ଆପଣ ଜାଣିଥିବେ ଏହା ପଛରେ ଜଣେ ସୁନ୍ଦର ବିଶ୍ୱକର୍ମା ବିନ୍ଧାଣୀଙ୍କର ରହିଛି ଚମତ୍କାରୀତା। ଠିକ ସେହିପରି ଆମେ ଆଜି ଅସ୍ତରଙ୍ଗ ଅଞ୍ଚଳରେ ଏମିତି ଜଣେ ବିଶ୍ୱକର୍ମା ବିନ୍ଧାଣୀଙ୍କ କଥା କହୁଛୁ ସେ ଆଜି ସମ୍ପୂର୍ଣ୍ଣ ରୂପେ ହୋଇଯାଇଛନ୍ତି ଅଲୋଡ଼ା। ଅସ୍ତରଙ୍ଗ ବ୍ଲକ ଝାଲିଂ ପଞ୍ଚାୟତ ନାନପୁର ଗ୍ରାମର ପହଲି ମହାରଣାଙ୍କ ୪୮ ବର୍ଷୀୟ ପୁଅ ଗନ୍ଧର୍ବ ମହାରଣା ବା ଗନ୍ଧିଆ। ୧୪ ବର୍ଷ ବୟସରୁ ପାଠ ଛାଡି ନିଜ ବାପା ଅଜାଙ୍କ ସହିତ ବିଭିନ୍ନ କାମକୁ ଯାଇ ବନିଥିଲେ ଭଲ କାଠ କାରିଗର। ଆଉ ଚାହୁଁ ଚାହୁଁ ଅଞ୍ଚଳରେ ଜଣେ ଉତ୍ତମ ମହାରଣା ଶିଳ୍ପୀ ହୋଇଥିଲେ। କାଠରେ ଏଭଳି ବସ୍ତୁ ନିର୍ମାଣ କରୁଥିଲେ ଯାହାକୁ ଆପଣ ଖାଲି ଆଖିରେ ଦେଖିଲେ ସ୍ତବ୍ଧ ହୋଇଯିବେ। କିନ୍ତୁ ପରିସ୍ଥିତି ପରିବେଶ ଆଉ ସମୟ ଆଜି ସବୁକିଛି ଓଲଟା ପାଲଟା କରିଦେଇଛି ଗନ୍ଧର୍ବଙ୍କ ଜୀବନ। ଆଜି ନିହାଣ କରତ ବଦଳରେ ହାତରେ ଧରୁଛନ୍ତି ପେନ୍ ବମ୍, ଆଉ ସକାଳୁ କଣ ଦିଟା ଖାଇଦେଇ ମୁଣ୍ଡରେ ଗାମୁଛା ବାନ୍ଧି ବାହାରି ପଡନ୍ତି ବଜାରକୁ, ହସ ହସ ମୁହଁ



ରେ ପ୍ରତ୍ୟେକ ସେଲୁନ୍‌ରେ ପହଞ୍ଚିଯାନ୍ତି ଆଉ ବାବୁମାନଙ୍କ ଦେହ ହାତ ମୁଣ୍ଡକୁ କରନ୍ତି ମସାଜ, ପ୍ରତିବଦଳରେ କିଏ ୫ ଦିଅନ୍ତି ତ କିଏ ୨୦ ଆଉ ଯିଏ ଟିକେ ଅଧିକ ଖୁସି ପାଏ ୫୦ ଟଙ୍କା ବି ଦେଇଦିଅନ୍ତି ଗନ୍ଧର୍ବଙ୍କୁ। କିଛି ପଇସା ହେଇଗଲେ ବଜାରରୁ ୩୦ରୁ ୫୦ ଟଙ୍କା ଭିତରେ ମିଲଟେ କିଣି ମନ ଶାନ୍ତିରେ ବସି ଖାଇଦିଅନ୍ତି। ଦିନ ତମାମ୍ ବୁଲନ୍ତି କାହାର କଣ ବୋଲହାକ କରିବା ପାଇଁ। ଗନ୍ଧର୍ବ କୁହନ୍ତି ଦିନ ଥିଲା ମୁଁ ବହୁତ କାମ କରୁଥିଲି। କାଠରେ ଖଟ, ପଲଙ୍କ, ସୋଫା, ଟେବୁଲ ଚୌକି ଠୁ ଆରମ୍ଭ କରି ଯାବତୀୟ ଫର୍ଣ୍ଣିଚର। ମାତ୍ର ମୋର କିଛି ବର୍ଷ ତଳେ ସ୍ୱାସ୍ଥ୍ୟ ଖରାପ ହେଲା। ଆଉ ମୁଁ ସବୁ କିଛି କଳା କୌଶଳ ଭୁଲିଗଲି ଆଉ କାମ କରିପାରିଲିନି। ଗନ୍ଧର୍ବଙ୍କ ପରିବାର ଅଛନ୍ତି ତାଙ୍କର ୨ ଜଣ ପୁଅ ମଧ୍ୟ। କିନ୍ତୁ ଗନ୍ଧର୍ବ ଆଜିବି କୁହନ୍ତି ନିଜ ପେଟ ପାଇଁ ମୁଁ କିଛି ପଇସା କମାଇବାକୁ ବଜାରକୁ ଚାଲିଆସେ ଆଉ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବାପା ବୋଲି ସମ୍ବର୍ଦ୍ଧନା କରେ। ବାବୁ ମାନଙ୍କୁ ଭଲସେ ମସାଜ କରିଦେଲେ କିଛି ପଇସା ହୋଇଯାଏ। ଆଉ ସେଥିରେ ମୁଁ ପେଟକୁ ଗଣ୍ଡେ ଖାଇବା କିଣି ଖାଇଦିଏ। ଆଉ ବେଳେ ବେଳେ କଣ ୨ଟା ପରିବାର ପାଇଁ କିଣିନିଏ, ପେଟ ଚାଖଣ୍ଡେ ପାଇଁ ଭଗବାନ ଏତେ ବଡ଼ ଦୁନିଆରେ ମୋତେ ଏହିଭଳି କର୍ମ ଦେଇଛନ୍ତି । ଏଥିରେ ମୁଁ ପୂରା ଆନନ୍ଦ, କୌଣସି ଦିଗ୍ଧା ନାହିଁ। ବଜାରରେ ପ୍ରତ୍ୟେକ ଦିନ ସକାଳୁ ପ୍ୟାଣ୍ଟ, ସାର୍ଟ ପିନ୍ଧି ଗାମୁଛା ପକେଇ ଏ ସେଲୁନରୁ ସେ ସେଲୁନ ବୁଲୁଥିବା ଅଜବ ମଣିଷ ଟିଏ ଆଉ କେହି ନୁହନ୍ତି, ସେ ହେଉଛନ୍ତି ବିଶ୍ୱକର୍ମା ଗନ୍ଧର୍ବ ମହାରଣା।

# ପୁରୀ ଜିଲ୍ଲାକୋର୍ଟ ସ୍ଥାନାନ୍ତର ବିରୁଦ୍ଧରେ ଓକିଲମାନଙ୍କ ଶୋଭାଯାତ୍ରା

**ପୁରୀ, (ହି.ସ.) :** ପୁରୀ ଜିଲ୍ଲାଜଜ୍ କୋର୍ଟ ସ୍ଥାନାନ୍ତର ବିରୁଦ୍ଧରେ ପୁରୀ ବାର ଆସୋସିଏସନ ପକ୍ଷରୁ ସଭାପତି ପ୍ରେମାନନ୍ଦ ମହାନ୍ତି ଓ ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁଙ୍କ ନେତୃତ୍ୱରେ କଚେରି ଛକରୁ ଏକ ନୀରବ ଶୋଭାଯାତ୍ରା ଦୋଳମଣ୍ଡପ ସାହି ଦେଇ ସିଂହଦ୍ୱାର ଠାରେ ପହଞ୍ଚିଥିଲା । ସେଠାରେ ଆଇନଜୀବୀ ମାନେ ଏକ ମାନବଶୃଙ୍ଖଳ କରିଥିଲେ । ଜିଲ୍ଲା କୋର୍ଟଟି ବାଲୁଖଣ୍ଡ ମଧୁର ଅଞ୍ଚଳକୁ ଉଠିଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାର ପ୍ରତିବାଦରେ ଫେବୃଆରୀ ୨୮ ତାରିଖରୁ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଚାଲୁରହିଛି । ଗଞ୍ଜାମ ଓ ଭୁବନେଶ୍ୱର କୋର୍ଟ ସେହି ସ୍ଥାନରେ ଥିବାବେଳେ ପୁରୀ କୋର୍ଟକୁ ଉଠାଇ ଦେବା ପାଇଁ ମସୁଧା ଚାଲିଛି । ପୁରୀ କୋର୍ଟ ସମ୍ମୁଖରେ ଥିବା ତହସିଲ, ଡିଆରଡିଏ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମିଶ୍ରଣ କଲେ ୫ ଏକର ଜମି ହୋଇପାରିବ। ଏ ସଂପର୍କରେ ସଂଘ ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶୋଭାଯାତ୍ରାରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଆଇନଜୀବୀ ଅଂଶଗ୍ରହଣ କରିଥିଲେ । ଏଥିରେ ବରିଷ୍ଠ ଆଇନଜୀବୀ ଜୟଦେବ ମିଶ୍ର , ଅନିଲ ରାୟ, ଆଦିତ୍ୟ ହୃଦୟ ମିଶ୍ର , ଜ୍ୟୋତିପ୍ରକାଶ ମିଶ୍ର, ରୁଦ୍ର ନନ୍ଦନ ମିଶ୍ର, ପୁଷ୍କର ମହାପାତ୍ର , ଶୁଭେନ୍ଦୁ ଦାଶ , ରମେଶ ପ୍ରାସାଦ ସିଂହ, ପ୍ରିୟଦର୍ଶନ ପଟ୍ଟନାୟକ, ଗୋପାଳ ପଣ୍ଡା, ଶ୍ରୀକାନ୍ତ ପରିଜା, ସୋମନାଥ ଦାସ, ସାରଦା ପ୍ରସାଦ ସାମଲ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର , ସମୀର ଘୋଷ, ବିଭୁଦତ ପଟ୍ଟନାୟକ, ଜ୍ୟୋତି ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ସଜାଗ ରେଳବାଇ କର୍ମଚାରୀ ପୁରସ୍କୃତ




**ସମ୍ବଲପୁର,(ଡିକେ ନ୍ୟୁଜ):** ସୁରକ୍ଷିତ ଟ୍ରେନ ଚଳାଚଳ ପ୍ରତି କର୍ତ୍ତବ୍ୟ ନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଭାବେ ଅବଗତ ପାଇଁ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ରେଢାଖୋଲ ଆରପିଏଫ୍ ପୋଷ୍ଟ କନେଷ୍ଟବଲ ସଞ୍ଜୟ ପ୍ରଧାନ, ଭୀମଖୋଜ ଷ୍ଟେସନ ମାଷ୍ଟର ଆଲୋକ କୁମାର, ଲୋକ ପାଇଲଟ୍ ଏସ୍‌ଏସ୍ ଦାସ ଓ ବରିଷ୍ଠ ଲୋକ ପାଇଲଟ୍ ଚନ୍ଦନ କୁମାରଙ୍କୁ ପ୍ରମାଣପତ୍ର ସହ ନଗଦ ରାଶି ଦେଇ ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ଇଲେକ୍ଟ୍ରିକାଲ ଇଞ୍ଜିନିୟର ବିନାୟକ ବେହେରା, ଆସିଷ୍ଟାଣ୍ଡ ସିକ୍ୟୁରିଟି କମିଶନର କେସି ନାୟକ ଓ ବରିଷ୍ଠ ନିରାପତ୍ତା ଅଧିକାରୀ ସୌରଭ ନାୟକ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଚୋରା ମଦ ଜବତ : ୪ ଗିରଫ



**ତିହିଡ଼ି,(ଡିକେ ନ୍ୟୁଜ):** ଭଦ୍ରକ ଜିଲ୍ଲା ତିହିଡ଼ି ଅବକାରୀ ଥାନା ଅଧୀନ ପୀରହାଟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଭ୍ରାମ୍ୟମାଣ ସ୍କ୍ୱାର୍ଡ଼ ଓ ତିହିଡ଼ି ଅବକାରୀ ପୁଲିସ ମିଳିତ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉରେ ବିପୁଳ ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୪ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ କେଶ ନଂ ୨୩, ୨୪, ୭୯, ୮୦/୨୫ରେ ୪ଟି ପୃଥକ ମକଦ୍ଦମା ରୁଜୁ କରାଯାଇଛି। ଏହି ଘଟଣାରେ ପୀରହାଟ କାନପୁର ଗ୍ରାମର କେଦାର ସାହୁ, କଣ୍ଡରାଗଡ଼ିଆ ଗ୍ରାମର ଅପର୍ତ୍ତି ବେହେରା, ଜାଫରବାଦ ଗ୍ରାମର ରତିକାନ୍ତ ମଲିକ ଓ କମାରିଆ ବଜାରର ଅନନ୍ତ କୁମାର ଜେନାଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ନରୋତ୍ତମ ମିଶ୍ର, ତିହିଡ଼ି ଅବକାରୀ ଥାନା ଅଧିକାରୀ ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ମୋବାଇଲ ସ୍କ୍ୱାର୍ଡ଼ ପକ୍ଷରୁ ଅବକାରୀ ବିଭାଗ ଅଧିକାରୀ ରବି ବେହେରା, ଏଏସଆଇ ବିଜୟ ମଲିକ, କନେଷ୍ଟବଲ ଅଜିତ୍ କୁମାର ସିଙ୍କୁ, ସୁବାଶିଷ ରାଉତ, ପରେଶ ଚନ୍ଦ୍ର ଟୁଡୁ, ପ୍ରଶାନ୍ତି ସିଂ, ଅଜୟ ଦାସ, ସୁଦର୍ଶନ ପଲେଇ, ଶୁଭ୍ରମଣି ଦାସ, ବିଭୂପ୍ରସାଦ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ନାବାଳିକା ଦୁଷ୍କର୍ମ ମାମଲା ଦୋଷୀକୁ ୧୫ବର୍ଷ କାରାଦଣ୍ଡ

**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଏକ ୧୬ ବର୍ଷିଆ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ରାୟ ପ୍ରଦାନ କରିଛନ୍ତି । ବଡପଦର ଗ୍ରାମର ଦୋଷୀ ନରେଶ ମିର୍ଦ୍ଧା (୨୨)ଙ୍କୁ ୧୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବାବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି। ସୂଚନା ଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ଚିପିଲିମା ଗ୍ରାମ ନିକଟ ଏକ ସାପ୍ତାହିକ ହାଟକୁ ପରିବାର ଲୋକେ ଯାଇଥିବା ବେଳେ ନାବାଳିକା ଜଣକ ଏକାକୀ ଘରେ ରହିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ନରେଶ ତାଙ୍କ ଘରେ ପଶି ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲା। ପରିବାର ଲୋକେ ସାପ୍ତାହିକ ହାଟରୁ ଫେରିବା ପରେ ନାବାଳିକା ଜଣକ ଏ ସମ୍ପର୍କରେ ଜଣାଇଥିଲା। ଏନେଇ ଚିପିଲିମା ଫାଣ୍ଡିରେ ପରିବାର ପକ୍ଷରୁ ୮ଅକ୍ଟୋବର, ୨୦୨୩ରେ ଲିଖିତ ଅଭିଯୋଗ କରିଥିଲେ। ବୁର୍ଲା ଥାନା ପୋଲିସ ୪୫୯/୨୩ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୁଦ୍ଧରେ ଚାର୍ଜସିଟ ଦାଖଲ କରିଥିଲେ। ମୋଟ ୨୦ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

## ମନରେଗା ଶ୍ରମିକଙ୍କୁ ଉତ୍ସାହିତ କରିବା ପାଇଁ ମାଟି ବୋହିଲେ ଜୟନ୍ତପୁର ମହିଳା ସରପଞ୍ଚ



**ଧର୍ମଗଡ଼,(ଡିକେ ନ୍ୟୁଜ):** ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରାଜ୍ୟରେ ଗ୍ରାମାଞ୍ଚଳରେ ଥିବା ଶ୍ରମିକ ପରିବାରକୁ ରୋଜଗାର ଯୋଗାଉଥିବା ବେଳେ ପ୍ରତି ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ଅନେକ ସମୟରେ ଶ୍ରମିକଙ୍କ ମଜୁରୀ ମିଳିବାରେ କିଛି ବ୍ୟତିକ୍ରମ ଦେଖିବାକୁ ମିଳୁଥିବା ବେଳେ ଶ୍ରମିକଙ୍କୁ ଉତ୍ସାହିତ କରିବା ପାଇଁ ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତର ମହିଳା ସରପଞ୍ଚ ମନରେଗା ଯୋଜନାରେ ମାଟି କାମ କରୁଥିବା ଶ୍ରମିକଙ୍କ ସହ ମିଶି ମାଟି ବୋହି ଏକ ନିଆଁରା ଉଦାହରଣ ସୃଷ୍ଟି କରିଛନ୍ତି। ଜୟନ୍ତପୁର ପଞ୍ଚାୟତର ଖଲିଆକଟା ବନ୍ଧ ମାଟିକାମ ବର୍ତ୍ତମାନ ମନରେଗା ଯୋଜନାରେ ଚାଲୁଅଛି। ମଙ୍ଗଳବାର ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ ବନ୍ଧ କାର୍ଯ୍ୟ ନିକଟରେ ପହଞ୍ଚି ଶ୍ରମିକ ପରିବାର ସହ ମିଶି ମାଟି ବୋହି ଶ୍ରମିକଙ୍କୁ ଉତ୍ସାହିତ କରିବା ସହ ସରପଞ୍ଚ ହେଲେ ବି ବି ଜଣେ ମଣିଷ। ଶ୍ରମିକମାନେ ହେଉଛନ୍ତି ଆମ ପଞ୍ଚାୟତର ମେରୁଦଣ୍ଡ। ସେମାନଙ୍କ ବିନା କୌଣସି ଉନ୍ନୟନ କାର୍ଯ୍ୟର ପରିକଳ୍ପନା ଅସମ୍ଭବ ବୋଲି କହିଛନ୍ତି। ଆଜି ଶ୍ରମିକଙ୍କ ସହ ମିଶି ମାଟି ବୋହି ନିଜକୁ ନିଜେ ବହୁତ ଖୁସି ଅନୁଭବ କରିବା ସହ ଆମେ ସମସ୍ତେ ସମାନ ବୋଲି କହିଛନ୍ତି।

### ବିଜେପୁରର ପାୱାର କରିଡରେ ବିଜେପି

# ବିଜେଡି ହାତରୁ ଖସିଯାଇଛି ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ



**ସମ୍ବଲପୁର,(ଡିକେ ନ୍ୟୁଜ):** ଦିନେ ବିଜେପୁର ଓଡିଶା ରାଜନୀତିରେ ହଲଚଲ ହୋଇଥିଲା। ଆଜି ବି ବିଜେପୁର ତାର ରାଜନୈତିକ ଗୋଟି ଚାଳନାରେ ସାରା ଓଡିଶାକୁ ହଲଚଲ କରିଦେଇଛି। ବିଜେପୁର ଦାୟିତ୍ୱ ନେଇଥିଲେ ଦିନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେପୁରର ବିଧାୟକ ବି ହୋଇଥିଲେ ସେ।ବଡ଼ ବଡ଼ିଆ ସବୁ ବିଜେଡି ନେତାଙ୍କ ସତେ ଯେମିତି କିଛି ଦିନ ଘର ହୋଇଯାଇ ଥିଲା ବିଜେପୁର। କିନ୍ତୁ ସେହି ଆଉ ଘର ନାହିଁ କି ବିଜେଡି ଗଡ଼ ନାହିଁ। ସବୁ ହୋଇଯାଇଛି ଧୂଳିସାତ। ନବୀନଙ୍କ ଠାରୁ ଛଡେଇ ନେଇଗଲେ ବିଜେପୁର ବିଧାୟକ ସନତ ଗଡତିଆ। ବିଜେଡିକୁ ତଳେ କଚାଡି ବାଜି ମାରିନେଇଯାଇଛି ବିଜେପି। ଏବେ ବିଜେପୁରେ ବିଜେଡି ଏବେ ଶୁନ୍ୟ। କଥାଟା ଅଡୁଆ ଲାଗୁଥିଲେ ବି ପୁରା ସତ। ବିଜେପୁରୁ ବିଜେଡି ମୂଳରୁ ପୋଛି ହୋଇଯାଇଛି। ହାତରୁ ଖସିଯାଇଛି ପଞ୍ଚାୟତ ଅଧ୍ୟକ୍ଷ ପଦ। ବରଗଡ ଜିଲ୍ଲା ବିଜେପୁର ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁଙ୍କ ମନମୁଖୀ କାର୍ଯ୍ୟକଳାପର ଅସନ୍ତୁଷ୍ଟର ବର୍ହ୍ନି ୨୦ ତାରିଖ ମଙ୍ଗଳବାର ଲିଭି ପାଉଁଶ ହୋଇଯାଇଛି। ସମୁଦାୟ ବିଜେପୁର ବ୍ଲକ ୨୩ ଜଣ ସମିତି ସଭ୍ୟ ଏବଂ ୨୩ ଜଣ ନିର୍ବାଚିତ ସରପଞ୍ଚଙ୍କୁ ନେଇ ଅଞ୍ଚଳର ବିକାଶ ହୋଇଥାଏ। ସମୁଦାୟ ୨୩ ଜଣ ସମିତି ସଭ୍ୟଙ୍କୁ ନେଇ ଗଠିତ ବ୍ଲକ ଅଧ୍ୟକ୍ଷ ପଦବୀରେ ଶ୍ରୀ ସାହୁ କାର୍ଯ୍ୟରତ ଥିବା ସମୟରେ ଅନେକ ଅସନ୍ତୋଷ ଦେଖାଦେଇଥିଲା। ମଙ୍ଗଳବାର ଏହାରି ଉପରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହ ଠାରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ରୁଣ୍ଡ ହେବା ଦେଖିବାକୁ ମିଳିଥିଲା। ଏ ପରିପ୍ରେକ୍ଷୀରେ ଅତିରିକ୍ତ ତହସିଲଦାର ବିଜେପୁର ଜ୍ୟୋତି ରଂଜନ ଭୋଇଙ୍କ ତତ୍ତ୍ୱାବଧାନରେ ବ୍ଲକର ସଭାଗୃହ ଠାରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଅନାସ୍ଥା ପ୍ରସ୍ତାବ ଆଗତ ଦିବସରେ ସମିତି ସଭ୍ୟ ୧୩ ଜଣ, ସରପଞ୍ଚ ୧୭ ଜଣ ସାମିଲ ହୋଇ ତାଙ୍କ ମତ ସାବ୍ୟସ୍ତ କରିଥିଲେ। ଏହି ମତ ସାବ୍ୟସ୍ତରେ ସ୍ଥାନୀୟ ମାନ୍ୟବର ବିଧାୟକ ସନତ କୁମାର ଗଡତିଆ, ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ସାମିଲ ହୋଇ ତାଙ୍କ ନିଜସ୍ୱ ମତ ସାବ୍ୟସ୍ତ କରିଥିଲେ। ଅନାସ୍ଥା ପ୍ରସ୍ତାବ ଆଗତ ସମୟରେ ସ୍ଥାନୀୟ ବିଡ଼ିଓ ସରୋଜ କୁମାର ବିଶ୍ୱାଳ, ଜିପିଡିଓ ଦିପକ କୁମାର ମାରାଣ୍ଡି, ଉପଖଣ୍ଡ ପଞ୍ଚାୟତ ଅଫିସର ପଦ୍ମପୁର ସିଦ୍ଧାର୍ଥ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ସମସ୍ତ ସଭ୍ୟଙ୍କ ମତଦାନ ହୋଇଥିଲା। ଫଳାଫଳ ଅନୁଯାୟୀ ବିଜେପି ସପକ୍ଷରେ ୩୨ ଭୋଟ ପଡ଼ିଥିବା ବେଳେ ବିଜେଡ଼ି ସପକ୍ଷରେ ଗୋଟାଏ ହେଲେ ମତ ଆସିନଥିଲା। ଅର୍ଥାତ ବିଜେଡି ଭାଗରେ ଶୁନ୍। ବିଜେପୁର ବ୍ଲକ ଅଧ୍ୟକ୍ଷଙ୍କ ଅନାସ୍ଥା ପ୍ରସ୍ତାବ ଆଗତରେ ବିଜେପି ୩୨, ବିଜେଡି ଶୂନ। ଏଥିରୁ ବୁଝି ପଡୁଛି ଯେ, ବିଜେପୁର ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ସଂଗଠନ ଆଉ ନାହିଁ। ବିଜେଡିର ସବୁ ଫୁଟାଣି ପାଣିର ଗାର ହୋଇଗଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଯେଉଁ ଦିନଠାରୁ ଏହି ନିର୍ବାଚନ ମଣ୍ଡଳୀରେ ବିଜେପି ଦଳର ନିର୍ବାଚନ ପ୍ରତିନିଧି ମାନ୍ୟବର ବିଧାୟକ ସନତ କୁମାର ଗଡତିଆ ଉଭା ହେଲେ ସେ ଦିନଠୁ ବିଜେପି ବତୀ ଜଳିଲା। ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଭାବେ ବିବେଚିତ ହୋଇ ଆଗକୁ ଆଗକୁ ବଢିଲା ବିଜେପି। ସଂଗଠନ ମଧ୍ୟ ମଜଭୁତ ହେବାରେ ଲାଗିଲା। ଯାହାର ପରିଣତି ବିଜେଡିକୁ ଭୋଗିବାକୁ ପଡ଼ିଥିବା ବେଳେ ବିଜେପି ଶକ୍ତିର ଉତ୍‌ଥାନ ହେବାର ଫଳ ଏହି ଅନାସ୍ଥା ପ୍ରମାଣିତ କରିଦେଲା। କେତେକ ନିର୍ବାଚିତ ପ୍ରତିନିଧିଙ୍କ ମତ ହେଲା ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକଳାପ ଏବଂ ତାଙ୍କ ବିକାଶ ଧାରାର ପ୍ଲାଟଫର୍ମରେ ସେମାନେ ଅନୁପ୍ରାଣିତ ହେବା ସହ ବିଜେପୁର ନିର୍ବାଚନ ମଣ୍ଡଳୀର ନୂଆଁ ଦିଶା ପାଇଁ ଅଣ୍ଟା ଭିଡ଼ିଛନ୍ତି। ବିଧାୟକ ସନତ କୁମାର ଗଡତିଆଙ୍କ ଦୃଢ଼ ନେତୃତ୍ୱରେ ଅନୁଷ୍ଠିତ ଏହି ଅନାସ୍ଥା ପ୍ରସ୍ତାବ ବିଜେଡି ପାଇଁ ବଡ଼ ଶିକ୍ଷା ହୋଇଥିବା ବେଳେ ବିଜେପି ପାଇଁ ଆଣିଦେଇଛି ନୂଆଁ ବଳ। ଆଜିର ଏହି ଘଟଣା କ୍ରମ ସମଗ୍ର ଓଡିଶାକୁ ଏକ ନୂଆଁ ଦର୍ପଣ କେବଳ ଦେଖାଇ ନାହିଁ ବରଂ ବିଜେଡିର ଅଣ୍ଟା ଭାଙ୍ଗି ଦେଇଛି। ଏହା ଯଦି ଅନ୍ୟମାନଙ୍କ ପାଇଁ ଶିକ୍ଷା ହୁଏ ତେବେ ବିଜେଡିକୁ ପଛକୁ ଠେଲି ବିଜେପି ବିଜେପୁର ପରି ବହୁ ସ୍ଥାନରେ ନିଜର ସ୍ଥିତି ସୁଦୃଢ କରିବାର ସ୍ଥିତି ରହିଛି। ଅନ୍ୟ ପକ୍ଷରେ ଯେଉଁମାନଙ୍କୁ ନେଇ ବିଜେଡି ଗଠନ କରିଥିଲା ସମିତି। ସେହି ସମିତିର ସଭ୍ୟ/ସଭ୍ୟା ସହ ସମର୍ଥିତ ସରପଞ୍ଚମାନେ ଏତେ ଶୀଘ୍ର ବଦଳିଯିବେ କିଏ ଆଶା କରିଥିଲା। କିନ୍ତୁ ବିଜେଡିର ଗର୍ବ ତାକୁ ଆଜି ଖର୍ବ କରିଛି ବୋଲି ଆଉ କିଛି ଜନ ପ୍ରତିନିଧି ମଧ୍ୟ ନିଜର ମତ ରଖିଛନ୍ତି। ଆଜି ଦିନରେ ସବୁଠୁ ବଡ଼ ଚର୍ଚ୍ଚା ନବୀନ ଦିନେ ଯେଉଁ ବିଜେପୁର ଦାୟିତ୍ୱ ନେଇଥିଲେ। ସେହି ମାଟିରୁ ସେ ଧୂଳିସାତ ହୋଇଯିବା ବିଜେଡି ଇତିହାସରେ ଏକ ନୂଆଁ ଘଟଣା ହୋଇରହିଗଲା। ବିଜେପୁର ଯଦି ଅନ୍ୟମାନଙ୍କ ପାଇଁ ପ୍ରେରଣା ହୁଏ ତେବେ ରାଜ୍ୟରୁ ଅନେକ ସମିତି, ଏନଏସି, ପୌର ପରିଷଦ ଏପରିକି ଜିଲ୍ଲା ପରିଷଦ ମଧ୍ୟ ବିଜେଡି ହାତରୁ ଖସି ପଡିବ ଏହା ଆଗକୁ ଜଳଜଳ ଦେଖାଯାଉଛି।

## ଗ୍ୟାଙ୍ଗମ୍ୟାନ୍ ରୁ ଆଇପିଏସ୍



**ବରଗଡ,(ଡିକେ ନ୍ୟୁଜ):** ରେଳ ଧାରଣାରେ କାମ କରୁଥିଲେ। ମୁଣ୍ଡ ଉପରେ ଥିଲା ପରିବାରର ବୋଝ। ତା' ସତ୍ତ୍ୱେ ସ୍ୱପ୍ନ ଦେଖିବା ଛାଡ଼ିନଥିଲେ। ଗୋଟିଏ ପରେ ଗୋଟିଏ ଚାକିରି କରି ନିଜ ଲକ୍ଷ୍ୟ ପଛରେ ଧାଇଁଥିଲେ। ଶେଷରେ ୨୦୧୬ରେ ୟୁପିଏସସି ପରୀକ୍ଷାରେ ସଫଳତା ହାସଲ କରି ୨୦୧୭ ବ୍ୟାଚ୍ ଆଇପିଏସ୍ ହୋଇଥିଲେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା। ତାଙ୍କ ବ୍ୟକ୍ତିଗତ ଜୀବନ କୌଣସି ଚଳଚ୍ଚିତ୍ରର କାହାଣୀଠୁ କମ୍ ନୁହେଁ। ରାଜସ୍ଥାନର ଦୋଷା ଜିଲ୍ଲା ଅନ୍ତର୍ଗତ ଆଭାନେରି ନାମକ ଛୋଟିଆ ଗାଁରେ ୭ ଫେବ୍ରୁଆରି ୧୯୮୮ ମସିହାରେ ଜନ୍ମଗ୍ରହଣ କରିଥିଲେ ଶ୍ରୀ ମୀନା। ଗାଁ ସ୍କୁଲରେ ପାଠପଢ଼ି ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଇଞ୍ଜିନିୟର ହେବାର ଲକ୍ଷ୍ୟ ଥିଲା। କିନ୍ତୁ ଗରିବ ତଥା ଚାଷୀ ପରିବାରର ହୋଇଥିବାରୁ ଆର୍ଥିକ ସ୍ଥିତି ସେତେଟା ଭଲ ନଥିଲା। ପରେ ସ୍ନାତକ ପାଇଁ ରାଜଧାନୀ ଜୟପୁରକୁ ଯାଇଥିଲେ। ପାଠପଢ଼ା ସହ ଚାକିରି ଅନ୍ୱେଷଣ କରିଥିଲେ। ଏହା ପରେ ପୂର୍ବତଟ ରେଳବାଇ (ଭୁବନେଶ୍ୱର)ରେ ଗ୍ୟାଙ୍ଗମ୍ୟାନ୍ ଚାକିରି ପାଇ ରେଳ ଧାରଣାରେ କାମ କରିଥିଲେ। ଉକ୍ତ କାମ କରିବା ସହ ବ୍ୟାଙ୍କ ଚାକିରି ପାଇଁ ପ୍ରସ୍ତୁତି କରି ପ୍ରଥମେ ବ୍ୟାଙ୍କ କ୍ଲର୍କ ହୋଇଥିଲେ। ଏହାପରେ ବ୍ୟାଙ୍କ ପ୍ରୋବେସନାରି ପରୀକ୍ଷାରେ ସଫଳତା ପାଇ ବେଙ୍ଗାଲୁରୁରେ ବ୍ୟାଙ୍କ ପିଓ ଭାବେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଏସ୍‌ଏସସି ପରୀକ୍ଷାରେ ସଫଳତା ପାଇ ରକ୍ଷା ମନ୍ତ୍ରଣାଳୟ ପୁଣେରେ ଯୋଗ ଦେଇଥିଲେ। ସେଠାରୁ ୟୁପିଏସସି କଥା ଜାଣିବା ପରେ ପୁଣି ଏସ୍‌ଏସସି ପରୀକ୍ଷା ଦେଇ ଦିଲ୍ଲୀ ରେଳ ଭବନରେ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର ଭାବେ ନିଯୁକ୍ତି ପାଇଥିଲେ। ସେଠାରୁ ଆରମ୍ଭ ହୋଇଥିଲା ତାଙ୍କର ୟୁପିଏସସି ପରୀକ୍ଷା ପ୍ରସ୍ତୁତି। ୨୦୧୩, ୨୦୧୪ ଓ ୨୦୧୫ରେ ତିନିଥର ବିଫଳତା ପରେ ବି ହାର ମାନି ନଥିଲେ ସେ। କାରଣ ପୂର୍ବରୁ ଯାହା ପରୀକ୍ଷା ଦେଉଥିଲେ ସବୁଥିରେ ସଫଳତା ମିଳିଥିଲା। ଧୈର୍ଯ୍ୟ ରଖି ପୁଣି ପ୍ରସ୍ତୁତି କରି ୨୦୧୬ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଶ୍ରୀ ମୀନାଙ୍କ କହିବାନୁସାରେ, ସେ ଡ.ଏପିଜେ ଅବଦୁଲ କଲାମଙ୍କ ଅନେକ ପୁସ୍ତକ ପଢୁଥିଲେ। ଯାହା ତାଙ୍କୁ ପ୍ରସ୍ତୁତି ସମୟରେ ବେଶ୍ ପ୍ରେରଣା ଦେଉଥିଲା। ଲକ୍ଷ୍ୟ ପଛରେ ଗଲେ ଜୀବନରେ ସଫଳତା ନିଶ୍ଚିତ ମିଳିଥାଏ ବୋଲି କହିଛନ୍ତି ଶ୍ରୀ ମୀନା।

## ଫରଙ୍ଗରେ ଖୋଲିଲା ବ୍ଲକର ପ୍ରଥମ ରବି ଚାଷ ଧାନ ମଣ୍ଡି



**ଧର୍ମଗଡ଼,(ଡିକେ ନ୍ୟୁଜ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫରଙ୍ଗ ସମବାୟ ସମିତିର ଫରଙ୍ଗ ଧାନ ରବି ମଣ୍ଡି ମଙ୍ଗଳବାର ସକାଳ ୧୧ ଟା ରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାରେ ତିନୋଟି ମଣ୍ଡି ଖୋଲି ଥିବା ବେଳେ ଜୁନାଗଡ଼ ବ୍ଲକର ଦାସୀଗାଁ ଓ ଗୋଲାମୁଣ୍ଡା ବ୍ଲକର ଫରଙ୍ଗ ଧାନ ମଣ୍ଡି ଆଜି ପ୍ରଥମ ଦିନରେ ଖୋଲିଛି। ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଜିର ଏହି ଉଦଘାଟନ ସମୟରେ ଏସଆର ବିଶ୍ୱନାଥ ସିଂ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, କୃଷି ସମବାୟ ସଭାପତି ଉଡିଆ ନିଆଲ, ପେକ୍ସ ସେକ୍ରେଟାରୀ କିରୋଟି ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଭୋଇ, ନୋଡାଲ ଅଫିସର ଉର୍ମିଳା ନାଗ, ଆର.ଏମ.ସି କର୍ମଚାରୀ ତପନ ନାଏକ, ତ୍ରିନାଥ କାଣ୍ଡ, ରତ୍ନାକର ହଂସ, ଧୀରେନ୍ଦ୍ର ହଂସ, ସମେତ ପେକ୍ସ କର୍ମଚାରୀଏବଂ ଚାଷୀ ଉପସ୍ଥିତ ଥିଲେ। ଗୋଲାମୁଣ୍ଡା ବ୍ଲକ ଚଳିତ ରବି ଚାଷ ପାଇଁ ୬ ଟି ମଣ୍ଡି ଖୋଲିବାର ବ୍ୟବସ୍ଥା ଥିବା ବେଳେ ସେଥି ମଧ୍ୟରୁ ଗୋଟିଏ ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଚୟନ ହୋଇଥିବା ବେଳେ ୫ ଟି ମଣ୍ଡିରେ ପ୍ୟାକ୍ସ ଧାନ କ୍ରୟ କରିବ ବୋଲି ସୂଚନା ମିଳିଛି।

## ବିଦ୍ୟୁତ୍ ସଂଯୋଗ ନ ହେବାରୁ ଚାଷୀ ପାଣି ପାଇବାରୁ ବଞ୍ଚିତ



**ବରଗଡ଼,(ଡିକେ ନ୍ୟୁଜ):** ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଚାଷୀଙ୍କ ପାଇଁ ଉଠାଜଳ ପ୍ରକଳ୍ପ ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯାଇଥିବା ବେଳେ ଅନେକ ଅଞ୍ଚଳରେ ଏଯାଏଁ ବିଦ୍ୟୁତ ସଂଯୋଗ ନ ହେବାରୁ ଚାଷୀ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଦୀର୍ଘ ୩ ବର୍ଷ ଧରି ବାରମ୍ବାର ଉଠାଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୌଡୁଛନ୍ତି ବରଗଡ଼ ଜିଲ୍ଲା ଭଟଲି ବ୍ଲକ ପଣ୍ଡ୍ରିପାଳିର ଚାଷୀ ଏବଂ ପ୍ରତିଶୃତି ପାଇ ଘରକୁ ଫେରୁଛନ୍ତି ଚାଷୀ। କିନ୍ତୁ ଏ ଯାଏଁ ଚାଷୀଙ୍କୁ ପାଣି ମିଳିପାରି ନାହିଁ । ଯାହାକୁ ନେଇ ଚାଷୀ ଏବେ ସମସ୍ୟାରେ ପଡିଛନ୍ତି । ବରଗଡ଼ ଜିଲ୍ଲାର ଭଟଲି ବ୍ଲକ ଅନ୍ତର୍ଗତ ପାଣ୍ଡିପାଲି ସହ ଘେଁସ ଏରିଆ, ପଦ୍ମପୁର, ପାଇକମାଳ ସହ ଜିଲ୍ଲାର ବିଭିନ୍ନ ଏରିଆରେ ଚାଷୀଙ୍କୁ ଉଠାଜଳ ପ୍ରକଳ୍ପର ସୁବିଧା ଆଜି ପର୍ଯ୍ୟନ୍ତ ପହଞ୍ଚିପାରି ନାହିଁ । ବିଦ୍ୟୁତ ଖୁଣ୍ଟ ଲଗାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କରାଯାଇନାହିଁ । ଅଫିସ ଅଫିସ ଦୌଡ଼ି ଚାଷୀ ଏବେ ହଇରାଣ। ଅନ୍ୟପଟେ ନିର୍ବାହୀ ଯନ୍ତ୍ରୀ ଏହି ଅଞ୍ଚଳମାନ ହାତୀ କରିଡର ଏରିଆ ହୋଇଥିବାରୁ ସାଧାରଣ ଅଞ୍ଚଳମାନଙ୍କରୁ ଏହି ଅଞ୍ଚଳରେ ଅନ୍ୟ ତାର ଓ ବ୍ୟବସ୍ଥା କରାଯାଏ ସେଥି ପାଇଁ ବିଳମ୍ବ ହେଉଥିବା ପ୍ରତିକ୍ରିୟା ରଖିଛନ୍ତି । ତେବେ ଆଉ କିଛି ଦିନ ପରେ ବର୍ଷା ହେଲେ ସମସ୍ତ ଚାଷ ଖରାପ ହୋଇଯିବ ତେବେ ଏହାର ଦାୟି କିଏ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି । ଗତ ୩ ବର୍ଷରୁ ଚାଷୀ ଅଫିସ ଅଫିସ ଦୌଡୁଥିବା ବେଳେ ଚାଷୀଙ୍କ ସମସ୍ତ ଫସଲ ନଷ୍ଟ ହୋଇଯାଇଛି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ।

## ବିଭିନ୍ନ ଦାବି ନେଇ ଲକ୍ଷ୍ମୀ ବସ୍ କର୍ମଚାରୀଙ୍କ ଧାରଣା



**ବରଗଡ଼,(ଡିକେ ନ୍ୟୁଜ):** ବରଗଡ଼ ଜିଲ୍ଲା ଲକ୍ଷ୍ମୀ ବସର କର୍ମଚାରୀ ମାନେ ମଙ୍ଗଳବାର ସରକାରୀ ବସଷ୍ଟାଣ୍ଡ ପରିସରରେ ଧାରଣାରେ ବସିଛନ୍ତି। ସୂଚନା ଅନୁସାରେ ବେତନ ବୃଦ୍ଧି, ଡ୍ରାଇଭର ସଂଖ୍ୟା ବୃଦ୍ଧି, ବିନା ଦରମା କାଟି ମେଡିକାଲ ଲିଭର ଦରମା ପ୍ରଦାନ, ଠିକ୍ ସମୟରେ ବେତନ ପ୍ରଦାନ ଦାବିରେ ବରଗଡ଼ ଜିଲ୍ଲାର ୧୨ ଗୋଟି ବ୍ଲକର ଲକ୍ଷ୍ମୀ ବସର କର୍ମଚାରୀ ମାନେ ଧାରଣାରେ ବସିଛନ୍ତି । ଦାବି ପୂରଣ ନ ହେଲେ ଷ୍ଟେରିଂ ଛାଡ଼ ଆନ୍ଦୋଳନ କରିବେ କର୍ମଚାରୀମାନେ। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିଛି ଲକ୍ଷ୍ମୀ ବସ ଚଳାଚଳ।

# ଏଆଇୟୁଟିୟୁସି ପକ୍ଷରୁ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ




**ଯାଜପୁର,(ଡିକେ ନ୍ୟୁଜ):** ଆଜି ୧୦ଟି ଟ୍ରେଡ୍ ୟୁନିୟନର ମିଳିତ ଆନ୍ଦୋଳନ ସମର୍ଥନରେ ୧୭ ଦଫା ଦାବି ନେଇ ଏଆଇୟୁଟିୟୁସି ପକ୍ଷରୁ ଜିଲ୍ଲାପାଳ ଅଫିସରରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭ ପୂର୍ବରୁ ସଂଗଠନ ପକ୍ଷରୁ ବହୁ ସଂଖ୍ୟାରେ ଶ୍ରମିକ, ଚାଷୀ, ମୂଲିଆ, ମହିଳା, ଛାତ୍ର ଯୁବକ ହାତରେ ବ୍ୟାନର ପ୍ଲାକାର୍ଡ଼ ଧରି ଏକ ସୁଶୋଭିତ ଶୋଭାଯାତ୍ରାରେ ମେଡିକାଲ ଛକରୁ ବାହାରି ଶ୍ରମିକ ସ୍ୱାର୍ଥ ବିରୋଧୀ ଚାରୋଟି ଶ୍ରମ କୋଡ଼ ବାତିଲ କର, ଠିକା ନୁହେଁ ସ୍ଥାୟୀ ନିଯୁକ୍ତି ଆମର ଦାବି, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ଆମର ଦାବି, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ସ୍କିମ ୱାର୍କର, ପାଚିକା ସହାୟିକା, ଆଶା, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସର୍ବନିମ୍ନ ୨୬୦୦୦/- ଟଙ୍କା ମଜୁରୀ ନିର୍ଦ୍ଧାରଣ କରିବା, ସ୍ୱାମୀନାଥନ କମିଟିର ସୁପାରିସ ଅନୁଯାୟୀ ଚାଷୀ ମାନଙ୍କ ଫସଲ ଉପରେ ଏମ୍‌ଏସ୍‌ପି ଧାର୍ଯ୍ୟ କରିବା, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା। ଦରଦାମ୍ ବୃଦ୍ଧି ବନ୍ଦ କରିବା, ନୂତନ ଜାତୀୟ ଶିକ୍ଷାନୀତି ୨୦୨୦କୁ ବାତିଲ କର, ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩କୁ ବାତିଲ କରିବା, ବିଦ୍ୟୁତର ଘରୋଇକରଣ ବନ୍ଦ କରିବା ସଙ୍ଗେ ସଙ୍ଗେ ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଆଦି ସ୍ଲୋଗାନ ମାନ ଦେଇ ବଜାର ପରିକ୍ରମା କରିବା ପରେ ଶୋଭାଯାତ୍ରା ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏଆଇୟୁଟିୟୁସି ଜିଲ୍ଲା ଉପସଭାପତି ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶ୍ରମିକ ନେତା ନୃସିଂହ ପଣ୍ଡା, ଚୈତନ୍ୟ ମହାରଣା, ସୁଲୋଚନା ପ୍ରଧାନ, ପ୍ରଭାତି ମଲ୍ଲିକ, ନିଗମାନନ୍ଦ ଦାସ, ବିଶ୍ୱନାଥ ସାହୁ ପ୍ରଭୃତି କେନ୍ଦ୍ରର ଜନବିରୋଧି ଶ୍ରମିକ, ଚାଷୀ-ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ ଏବଂ ଆଗାମୀ ଜୁଲାଇ ୯ ତାରିଖ ସାଧାରଣ ଧର୍ମଘଟକୁ ସୁଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭରେ ଅଭିମନ୍ୟୁ, ଅକ୍ଷୟ ପଣ୍ଡା, ତରଙ୍ଗିନୀ ଦାସ, ପ୍ରଫୁଲ୍ଲ ବେହେରା, ପ୍ରଶାନ୍ତ ସ୍ୱାଇଁ, ମଧୁସୂଦନ ସେଠୀ, ଗୋଲେଖ ରଥ, କୃଷ୍ଣ ମଲ୍ଲିକ, ଲବଙ୍ଗଲତା ଜେନା, ଅଶୋକ ସାହୁ ପ୍ରଭୃତି ଯୋଗ ଦେଇଥିଲେ। ଏଆଇୟୁଟିୟୁସି ଜିଲ୍ଲା କମିଟି ସହ ସଂପାଦକ ରାଧାବଲ୍ଲଭ ମଲ୍ଲିକଙ୍କ ନେତୃତ୍ୱରେ ଶାନ୍ତିଲତା ପଣ୍ଡା, ପ୍ରଫୁଲ୍ଲ ବେହେରା ପ୍ରଭୃତି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ସମ୍ବଳିତ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି।

# ମ୍ୟାଚ୍ ଫି' ୫୦% କଟିଲା, ଗୋଟିଏ ମ୍ୟାଚରୁ ବାସନ୍ଦ ହେଲେ ଦିଗବେଶ ରାଠି



ନୂଆଦିଲ୍ଲୀ, ୨୦।୫ (ହି.ସ): ପ୍ଲେ ଅଫ ରେସରୁ ବାଦ ପଡ଼ିଥିବା ଆଇପିଏଲ ଟିମ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ଶକ୍ତ ଝଟକା ଲାଗିଛି। ବାରମ୍ବାର ଆଇପିଏଲର ଆଚରଣ ବିଧି ଉଲ୍ଲଙ୍ଘନ କରୁଥିବା ଲକ୍ଷ୍ନୌର ଷ୍ଟାର ସ୍ପିନର ଦିଗବେଶ ରାଠିଙ୍କ ବିରୋଧରେ ଦୃ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଳିତ ବର୍ଷ ଆଇପିଏଲରେ ଡେବ୍ୟୁ କରି ଲକ୍ଷ୍ନୌ ପାଇଁ ଦମଦାର ପ୍ରଦର୍ଶନ କରୁଥିବା ରାଠିଙ୍କୁ ଗୋଟିଏ ମ୍ୟାଚରୁ ବାସନ୍ଦ କରିଛି ଆଇପିଏଲର ଗଭର୍ଣ୍ଣିଂ କାଉନସିଲ। ସେ ବାରମ୍ବାର ଆଚରଣ ବିଧି ଉଲ୍ଲଙ୍ଘନ କରୁଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗୋଟିଏ ମ୍ୟାଚରୁ ବାସନ୍ଦ ହେବା ସହ ରାଠିଙ୍କ ମ୍ୟାଚ୍ ଫି' ମଧ୍ୟ ୫୦% କାଟ କରାଯାଇଛି। ଏହାପୂର୍ବରୁ ସମାନ ଆଚରଣ ପାଇଁ ରାଠିଙ୍କୁ ଦୁଇ ଥର ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ ଫାଇନ ଲାଗୁ କରାଯାଇଥିଲା। ତାଙ୍କୁ ନିଜ ଆଚରଣରେ ସୁଧାର ଆଣିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ସୋମବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ସେ ପୁଣି ନିଜ ଔଦ୍ଧତାମୀ ପ୍ରଦର୍ଶନ କରିଥିଲେ। ହାଇଦ୍ରାବାଦର ଓପନର ଅଭିଷେକ ଶର୍ମାଙ୍କୁ ଆଉଟ କରିବା ପରେ ସେ ବେଶ ଆକ୍ରମଣାତ୍ମକ ଢଙ୍ଗରେ ଏହାକୁ ସେଲିବ୍ରେଟ କରିଥିଲେ। ଏପରି କି ଅଭିଷେକ ଶର୍ମାଙ୍କୁ କିଛି କହିଥିଲେ। ଏହାକୁ ନେଇ ଦୁଇ ଖେଳାଳିଙ୍କ ମଧ୍ୟରେ ବେଶ ଯୁକ୍ତିତର୍କ ହୋଇଥିଲା। ଅନ୍ୟ ଖେଳାଳି ଓ ଅମ୍ପାୟାର ଦୁଇ ଜଣଙ୍କୁ ବୁଝାଇବାରୁ ପରିବେଶ ଶାନ୍ତ ପଡ଼ିଥିଲା। ଏହି ମ୍ୟାଚରେ ଲକ୍ଷ୍ନୌକୁ ହାରିବାକୁ ପଡ଼ିଥିବା ବେଳେ ରାଠିଙ୍କୁ ମଧ୍ୟ ଦଣ୍ଡିତ ହୋଇଛନ୍ତି। ଆଇପିଏଲ ଆଚରଣ ବିଧିକୁ ଚଳିତ ସିଜିନରେ ରାଠି ତୃତୀୟ ଥର ପାଇଁ ଉଲ୍ଲଙ୍ଘନ କରିଛନ୍ତି। ତେଣୁ ତାଙ୍କର ମ୍ୟାଚ୍ ଫି' ୫୦% କଟିଛି ଓ ତାଙ୍କୁ ଗୋଟିଏ ମ୍ୟାଚରୁ ବାସନ୍ଦ କରାଯାଇଛି। ଏହାର ଅର୍ଥ ଗୁଜରାଟ ଟାଇଟନ୍ସ ବିପକ୍ଷ ଲକ୍ଷ୍ନୌର ପରବର୍ତ୍ତୀ ମ୍ୟାଚରେ ରାଠି ନଜର ଆସିବେ ନାହିଁ। ଆଇପିଏଲ ପକ୍ଷରୁ କୁହାଯାଇଛି ଯେ ରାଠିଙ୍କ ଏହା ତୃତୀୟ ଲେଭଲ ୧ ଅପରାଧ। ତେଣୁ ତାଙ୍କ ୨ଟି ଡିମେରିଟ ପଏଣ୍ଟ ମିଳିଛି। ପୂର୍ବରୁ ତାଙ୍କୁ ୩ଟି ଡିମେରିଟ ପଏଣ୍ଟ ମିଳିଥିଲା। ପ୍ରଥମେ ଏପ୍ରିଲ ୧ ତାରିଖ ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚରେ ସେ ଗୋଟିଏ ଡିମେରିଟ ଓ ଏପ୍ରିଲ ୪ ତାରିଖ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ୨ଟି ଡିମେରିଟ ପଏଣ୍ଟ ପାଇଥିଲେ। ତେଣୁ ଚଳିତ ସିଜିନରେ ତାଙ୍କ ଡିମେରିଟ ପଏଣ୍ଟ ସଂଖ୍ୟା ୫ରେ ପହଞ୍ଚିଛି। ଏଥିପାଇଁ ସେ ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି। ଆସନ୍ତା ୨୨ ତାରିଖରେ ଲକ୍ଷ୍ନୌ ଓ ଗୁଜରାଟ ମଧ୍ୟରେ ଅହମଦାବାଦରେ ଟକ୍କର ହେବ। ଏହି ମ୍ୟାଚ୍ ରାଠି ଖେଳିପାରିବେ ନାହିଁ ବୋଲି ଆଇପିଏଲ ପକ୍ଷରୁ ଜାରି ହୋଇଥିବା ବିବୃତିରେ କୁହାଯାଇଛି। କେବଳ ରାଠି ନୁହନ୍ତି, ତାଙ୍କ ସହ ଯୁକ୍ତିତର୍କ କରିଥିବା ହାଇଦ୍ରାବାଦ ବ୍ୟାଟର ଅଭିଷେକ ଶର୍ମା ମଧ୍ୟ ଦଣ୍ଡିତ ହୋଇଛନ୍ତି। ସେ ଲକ୍ଷ୍ନୌ ବିପକ୍ଷରେ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ମ୍ୟାଚ୍ ଫି' ୨୫% କଟିଛି। ସେହିପରି ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି।

# ପ୍ରଶଂସକଙ୍କୁ ନିଜର ଲାମ୍ବୋର୍ଗିନୀ ଦେଲେ ରୋହିତ ଶର୍ମା




ମୁମ୍ବାଇ,୨୦।୫ (ହି.ସ): ଭାରତୀୟ କ୍ରିକେଟ ଦଳର ଅଧିନାୟକ ତଥା ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ଖେଳାଳି ରୋହିତ ଶର୍ମା ଏକ ହୃଦୟସ୍ପର୍ଶୀ ଅଙ୍ଗଭଙ୍ଗୀରେ ସମସ୍ତଙ୍କ ମନ ଜିଣିଛନ୍ତି। ସେ ନିଜର ଆଇକନିକ ନୀଳ ଲାମ୍ବୋର୍ଗିନୀ ଉରୁସ, ଯାହାର ମୂଲ୍ୟ ପ୍ରାୟ ୪ କୋଟି ଟଙ୍କା, ଡ୍ରିମ୍ ୧୧ ଫ୍ୟାଣ୍ଟାସି କ୍ରିକେଟ ପ୍ରତିଯୋଗିତାର ବିଜେତା ଯୁବରାଜ ଓ୍ୱାଘଙ୍କୁ ଉପହାର ଦେଇଛନ୍ତି। ଏହି ଘଟଣା ମେ ୧୯, ୨୦୨୫ରେ ଏକ ପ୍ରମୋସନାଲ ଇଭେଣ୍ଟ ସମୟରେ ଘଟିଛି, ଯାହାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ରୋହିତଙ୍କ ଏହି ଲାମ୍ବୋର୍ଗିନୀ କେବଳ ଏକ ବିଳାସପୂର୍ଣ୍ଣ ଗାଡ଼ି ନୁହେଁ, ବରଂ ତାଙ୍କ କ୍ୟାରିଅରର ଏକ ପ୍ରତୀକ। ଗାଡ଼ିର ନମ୍ବର ପ୍ଲେଟରେ '୦୨୬୪' ଲେଖାଯାଇଛି, ଯାହା ରୋହିତଙ୍କ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିବା ରେକର୍ଡ ବ୍ରେକିଂ ୨୬୪ ରନର ଇନିଂସକୁ ସୂଚାଇଛି। ଏହି ଇନିଂସ ବିଶ୍ୱ କ୍ରିକେଟରେ ଏକ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର ଭାବେ ଇତିହାସରେ ସ୍ଥାନ ପାଇଛି। ଏହି ଗାଡ଼ିକୁ ରୋହିତ ମୁମ୍ବାଇର ରାସ୍ତାରେ ଅନେକ ଥର ଚଳାଉଥିବା ଦେଖାଯାଇଛି, ଯାହା ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ।

# ପ୍ଲେ ଅଫ ପୂର୍ବରୁ ୩ ବିଦେଶୀ ଖେଳାଳିଙ୍କୁ ନିଜ ସହ ସାମିଲ କଲା ମୁମ୍ବାଇ ଇଣ୍ଡିଆନ୍ସ




ମୁମ୍ବାଇ, ୨୦।୫ (ହି.ସ): ଭାରତ-ପାକିସ୍ତାନ ବିବାଦ ଯୋଗୁ ଅଟକି ରହିଥିବା ଆଇପିଏଲ ୨୦୨୫ ପୁଣି ଶନିବାର ଠାରୁ ଆରମ୍ଭ ହୋଇଯାଇଛି। ଆଉ ମାତ୍ର କିଛି ମ୍ୟାଚ୍ ବାକି ଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ନିଜ ସହ ୩ ବିଦେଶୀ ଖେଳାଳିଙ୍କୁ ସାମିଲ କରିଛି। ଏମାନଙ୍କ ମଧ୍ୟରେ ଇଂଲଣ୍ଡର ଷ୍ଟାର ଖେଳାଳି ଜନ୍ନି ବେୟାରଷ୍ଟୋ ରହିଛନ୍ତି। ତାଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଇଂଲଣ୍ଡର ରିଚାର୍ଡ ଗ୍ଲିସନ ଓ ଶ୍ରୀଲଙ୍କାର ଚରିଥ ଅସଲଙ୍କାଙ୍କ ସହ ମଧ୍ୟ ବଦଳି ଖେଳାଳି ନିୟମ ଅନୁସାରେ ଚୁକ୍ତି କରିଛି। ଏହି ୩ ଖେଳାଳିଙ୍କ ସହ ଦଳ ଚୁକ୍ତି କରିଥିଲେ ହେଁ ପ୍ଲେ ଅଫ ପୂର୍ବରୁ ଏମାନେ ମ୍ୟାଚ ଖେଳି ପାରିବେ ନାହିଁ। କାରଣ ଏବେ ଦଳ ସହ ଇଂଲଣ୍ଡର ଓ୍ୱିଲ ଜ୍ୟାକ୍ସ, ରୟାନ ରିକେଲଟନ ଓ କୋରବିନ ବୋଚ ରହିଛନ୍ତି। ଏମାନେ ନିଜ ଦେଶ ପାଇଁ ଖେଳିବାକୁ ଆଇପିଏଲର ଶେଷ ଲିଗ ମ୍ୟାଚ୍ ପରେ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାମ୍ପରୁ ବାହାରି ଯିବେ। ଯଦି ମୁମ୍ବାଇ ପ୍ଲେ ଅଫକୁ ଯୋଗ୍ୟତା ଅର୍ଜନ କରୁଛି, ତା'ହେଲେ ୩ ବିଦେଶୀ ଖେଳାଳି ଓ୍ୱିଲ ଜ୍ୟାକ୍ସ, ରୟାନ ରିକେଲଟନ ଓ କୋରବିନ ବୋଚଙ୍କ ସେବାରୁ ବଞ୍ଚିତ ହେବ। ଏହାକୁ ଦୃଷ୍ଟିରେ ରଖି ମୁମ୍ବାଇ ବେୟାରଷ୍ଟୋ, ଅସଲଙ୍କା ଓ ଗ୍ଲିସନଙ୍କ ସହ ଚୁକ୍ତି କରିଛି। ଏମାନେ ବଦଳ ଖେଳାଳି ଭାବେ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାମ୍ପରେ ଯୋଗଦେବେ। ବୁଧବାର ମୁମ୍ବାଇର ମୁକାବିଲା ଦିଲ୍ଲୀ କ୍ୟାପିଟାଲ୍ସ ସହ ହେବ। ସେହିପରି ସୋମବାର ଦଳ ଶେଷ ଲିଗ ମ୍ୟାଚ ପଞ୍ଜାବ କିଙ୍ଗସ ବିପକ୍ଷରେ ଖେଳିବ। ପଞ୍ଜାବ ପ୍ଲେଅଫକୁ ଯୋଗ୍ୟତା ଅର୍ଜନ କରି ସାରିଛି। ଦିଲ୍ଲୀ ଓ ମୁମ୍ବାଇରୁ ଗୋଟିଏ ଦଳ ଟପ ୪କୁ ଯୋଗ୍ୟତା ଅର୍ଜନ କରିପାରିବ। ତେଣୁ ବୁଧବାର ମ୍ୟାଚ୍ ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଓ୍ୱିଲ ଜ୍ୟାକ୍ସଙ୍କ ବଦଳରେ ମୁମ୍ବାଇ ଜନ୍ନି ବେୟାରଷ୍ଟୋଙ୍କ ସହ ଚୁକ୍ତି କରିଛି। ସେ ୫.୨୫ କୋଟି ଟଙ୍କାରେ ମୁମ୍ବାଇରେ ସାମିଲ ହୋଇଛନ୍ତି। ଇଂଲଣ୍ଡ ପେଶର ଗ୍ଲିସନଙ୍କୁ ୧ କୋଟି ଟଙ୍କାରେ ଓ ଅସଲଙ୍କାଙ୍କୁ ୭୫ ଲକ୍ଷ ଟଙ୍କାରେ ମୁମ୍ବାଇ ନିଜ ପାଖକୁ ଆଣିଛି।

# ଆଇପିଏଲ୍ ୧୫୦ ଓ୍ୱିକେଟ୍ କ୍ଲବରେ ହର୍ଷଲ ପଟେଲ




ଲକ୍ଷ୍ନୌ, ୨୦।୫ (ହି.ସ): ସନରାଇଜର୍ସ ହାଇଦ୍ରାବାଦର ପେସ୍ ବୋଲର ହର୍ଷଲ ପଟେଲ ଆଇପିଏଲରେ ୧୫୦ ଓ୍ୱିକେଟ୍ କ୍ଲବରେ ସାମିଲ୍ ହୋଇଛନ୍ତି। ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚରେ ସେ ଆଡେନ ମାରକ୍ରମକୁ ଆଉଟ୍ କରି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏଥିସହ ହର୍ଷଲ ଭାରତୀୟ ବୋଲର ଭାବେ ଦ୍ରୁତତମ ୧୫୦ ଓ୍ୱିକେଟ୍ ନେବାରେ ରେକର୍ଡ଼ ସ୍ଥାପନ କରିଛନ୍ତି। ପୂର୍ବରୁ ସ୍ପିନର ୟୁଝବେନ୍ଦ୍ର ଚହଲଙ୍କ ନାମରେ ଏହି ରେକର୍ଡ଼ ରହିଥିଲା। ସେ ୧୧୮ଟି ମ୍ୟାଚ୍ ଖେଳି ୧୫୦ ଓ୍ୱିକେଟ୍ ପୂରଣ କରିଥିଲେ। ହର୍ଷଲଙ୍କୁ ଏହି କ୍ଲବରେ ସାମିଲ୍ ହେବା ପାଇଁ ୧୧୪ଟି ଇନିଂସ୍ ଲାଗିଥିଲା। ଆଇପିଏଲରେ ଦ୍ରୁତତମ ୧୫୦ ଓ୍ୱିକେଟ୍ ରେକର୍ଡ଼ ମୁମ୍ବାଇ ଇଣ୍ଡିଆନ୍ସ ତଥା ଶ୍ରୀଲଙ୍କାର ପୂର୍ବତନ ପେସ୍ ବୋଲର ଲାସିଥ ମାଲିଙ୍ଗାଙ୍କ ନାମରେ ରହିଛି। ସେ ୧୦୫ଟି ମ୍ୟାଚ୍ ଖେଳି ଏହି ରେକର୍ଡ଼ ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟ ଟାଇଟନ୍ସ ପକ୍ଷରୁ ଖେଳୁଥିବା ଆଫଗାନିସ୍ତାନ ସ୍ପିନର ରସିଦ ଖାନ (୧୨୨ଟି ମ୍ୟାଚ୍) ଓ ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର୍ ପେସ୍ ବୋଲର ଯଶପ୍ରୀତ ବୁମରା (୧୨୪ଟି ମ୍ୟାଚ୍) ଯଥାକ୍ରମେ ତାଲିକାରେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

# କୋହଲି ଜଣେ ଶ୍ରେଷ୍ଠ ଖେଳାଳି, ଭାରତରତ୍ନ ଦାବି କଲେ ସୁରେଶ ରାଇନା

ନୂଆଦିଲ୍ଲୀ, ୨୦।୫ (ହି.ସ): ବିଶ୍ୱ କ୍ରିକେଟରେ ବିରାଟ କୋହଲି ଜଣେ ଶ୍ରେଷ୍ଠ ଖେଳାଳି। ଭାରତରତ୍ନ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି ପୂର୍ବତନ କ୍ରିକେଟର ସୁରେଶ ରାଇନା। ସେ କହିଛନ୍ତି, 'ଭାରତୀୟ କ୍ରିକେଟ୍ ପ୍ରତି କୋହଲିଙ୍କ ଅବଦାନ ଅତୁଳନୀୟ। ତେଣୁ ମୋ ମତରେ କେନ୍ଦ୍ର ସରକାର ତାଙ୍କୁ ଭାରତରତ୍ନରେ ଭୂଷିତ କରିବା ଉଚିତ।' କ୍ରୀଡ଼ା କ୍ଷେତ୍ରରେ କେବଳ କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକର ହିଁ ଭାରତରତ୍ନ ପାଇଛନ୍ତି। ୨୦୧୪ରେ ମାତ୍ର ୪୦ ବର୍ଷ ବୟସରେ ତାଙ୍କୁ ଦେଶର ଏହି ସର୍ବୋଚ୍ଚ ସମ୍ମାନରେ ଭୂଷିତ କରାଯାଇଥିଲା। ଏହି ପୁରସ୍କାର ପାଇବାରେ ସଚିନ ଥିଲେ ସର୍ବକନିଷ୍ଠ। ରାଇନା ଆହୁରି ମଧ୍ୟ କହିଛନ୍ତି, 'କୋହଲିଙ୍କ ପାଇଁ ତାଙ୍କ ଘରୋଇ ଷ୍ଟାଡିୟମ ଦିଲ୍ଲୀରେ ଏକ ବିଦାୟୀ ମ୍ୟାଚ୍ ଖେଳିବାର ଆୟୋଜନ କରାଯାଉ। ଯେଉଁଠି ତାଙ୍କ ପରିବାର ସଦସ୍ୟ ଓ କୋଚ୍ ଉପସ୍ଥିତ ରହି ଉତ୍ସାହିତ କରିବେ। ଜଣେ ଖେଳାଳି କ୍ରିକେଟ ପାଇଁ ଏତେ କଲା ପରେ ବିଦାୟୀ ମ୍ୟାଚ୍ ଖେଳିବାକୁ ହକ୍‌ଦାର।'

# ଆସିଲା 'ଓ୍ୱାର ୨' ଟିଜର, ବଢିଲା ଉତ୍ସାହ




ମୁମ୍ବାଇ, ୨୦।୫ (ହି.ସ): ପ୍ରଶଂସକଙ୍କ ଅପେକ୍ଷାର ଅନ୍ତ ଘଟିଛି। ହ୍ରିତିକ୍ ରୋଶନ ଓ ଜୁନିଅର ଏନଟିଆରଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଓ୍ୱାର ୨'ର ଟିଜର ମଙ୍ଗଳବାର ରିଲିଜ୍ ହୋଇଛି। ଏହି ଫିଲ୍ମ ଜରିଆରେ ଦକ୍ଷିଣ ଭାରତୀୟ ସୁପରଷ୍ଟାର ଜୁନିଅର ଏନଟିଆର ବଲିଉଡ଼ରେ ପାଦ ଥାପିଛନ୍ତି। ମଙ୍ଗଳବାର ତାଙ୍କ ଜନ୍ମଦିନ ଅବସରରେ 'ଓ୍ୱାର ୨' ନିର୍ମାତା ଫିଲ୍ମର ଟିଜର ଜାରି କରି ଜୁନିଅର ଏନଟିଆରଙ୍କ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ଟିଜର ରିଲିଜ୍ ହେବାମାତ୍ରେ ସାମାଜିକ ଗଣମାଧ୍ୟମରେ ଏହା ଭାଇରାଲ ହୋଇଛି। ୧ ମିନିଟ୍ ୩୪ ସେକେଣ୍ଡର ଏହି ଟିଜର ଜୁନିଅର ଏନଟିଆରଙ୍କ କଣ୍ଠରୁ ଆରମ୍ଭ ହେଉଛି। ଯେଉଁଥିରେ ସେ ହ୍ରିତିକ୍ ରୋଶନଙ୍କ ଚରିତ୍ର କବୀରଙ୍କୁ ଚ୍ୟାଲେଞ୍ଜ କରୁଛନ୍ତି। ସେ କବୀରଙ୍କୁ ଭାରତର ସର୍ବୋତ୍ତମ ସୈନିକ ଏବଂ ସର୍ବୋତ୍ତମ 'ର' ଏଜେଣ୍ଟ ବୋଲି କହି ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ କହୁଛନ୍ତି। ଟିଜରରେ ଜୁନିଅର ଏନଟିଆର ଏବଂ ହ୍ରିତିକ୍ ରୋଶନଙ୍କ ମଧ୍ୟରେ ଜବରଦସ୍ତ ଆକ୍ସନ ଦେଖିବାକୁ ମିଳିଛି। ଏହା ଦର୍ଶାଉଛି ଯେ ଏଥର ଫିଲ୍ମରେ ଗତଥର ଅପେକ୍ଷା ଅଧିକ ଆକ୍ସନ ରହିବ। ଟିଜରରେ ଫର୍ମୁଲା ଓ୍ୱାନ୍ ରେସିଂ, ଟ୍ରେନ୍ ଉପରେ ଲଢ଼େଇ ଏବଂ ବିମାନ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ଟିଜରରେ ଇସ୍ତାନବୁଲ ବ୍ୟତୀତ ଏକ ବରଫ ଆଚ୍ଛାଦିତ ସହରର ଝଲକ ଦେଖିବାକୁ ମିଳିଛି। ଏହା ସ୍ପଷ୍ଟ ଯେ, ଫିଲ୍ମରେ ଜୁନିଅର ଏନଟିଆର ଏବଂ ହ୍ରିତିକ୍ ରୋଶନଙ୍କ ମଧ୍ୟରେ ଜବରଦସ୍ତ ମୁହାଁମୁହିଁ ଦେଖିବାକୁ ମିଳିବ। ତେବେ ଟିଜରରେ ହ୍ରିତିକ୍‌ଙ୍କର କୌଣସି ସଂଳାପ ନାହିଁ। ହ୍ରିତିକ୍ ଓ ଜୁନିଅର ଏନଟିଆରଙ୍କ ବ୍ୟତୀତ ଟିଜରରେ କିଆରା ଆଡ଼ଭାନୀଙ୍କ ଝଲକ୍ ମଧ୍ୟ ଦେଖିବାକୁ ମିଳିଛି। 'ଓ୍ୱାର ୨' ଯଶରାଜ ଫିଲ୍ମର ସ୍ପାଏ ୟୁନିଭର୍ସର ଏକ ଅଂଶ। ଏହା ୨୦୧୯ରେ ମୁକ୍ତିଲାଭ କରିଥିବା ହ୍ରିତିକ୍ ରୋଶନଙ୍କ 'ଓ୍ୱାର'ର ସିକ୍ୱେଲ୍। 'ଓ୍ୱାର ୨'ରେ ହ୍ରିତିକ୍ ପୁଣିଥରେ 'ର' ଏଜେଣ୍ଟ କବୀର ଭୂମିକାରେ ନଜର ଆସିବେ। ଅପରପକ୍ଷେ ଜୁନିଅର ଏନଟିଆରଙ୍କୁ ଫିଲ୍ମରେ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଅଗଷ୍ଟ ୧୪ରେ ପରଦାକୁ ଆସିବ 'ଓ୍ୱାର ୨'।

# ଫେରିଲା କରୋନା: ପଜିଟିଭ୍ ଚିହ୍ନଟ ହେଲେ ଶିଳ୍ପା ସିରୋଦକର୍



ନୂଆଦିଲ୍ଲୀ, ୨୦।୫ (ହି.ସ): ୨୦୨୦ ମସିହାରେ ସାରା ବିଶ୍ୱରେ କରୋନା ତାଣ୍ଡବ ସୃଷ୍ଟି କରିଥିଲା। ଏସିଆରେ ଏବେ ପୁଣି ଥରେ କରୋନା ଫେରିବାରେ ଲାଗିଛି। ଦେଶରେ ଅନେକ ଲୋକ କରୋନାରେ ଆକ୍ରାନ୍ତ ହେବାର ଖବର ହସ୍ତଗତ ହେବାରେ ଲାଗିଲାଣି। ଏବେ ଏହି ଭୟଙ୍କର ଆକ୍ରମଣର ଶିକାର ହୋଇଛନ୍ତି ଅଭିନେତ୍ରୀ ଶିଳ୍ପା ସିରୋଦକର୍। ଅଭିନେତ୍ରୀ ଶିଳ୍ପା ସୋସିଆଲ ମିଡିଆରେ ସମସ୍ତଙ୍କୁ ଜଣାଇ ଦେଇଛନ୍ତି ଯେ ସେ କରୋନା ଦ୍ୱାରା ଆକ୍ରାନ୍ତ ବୋଲି। ସେ କୋଭିଡ୍ -୧୯ ପରୀକ୍ଷା କରି ପଜିଟିଭ୍ ଅଛନ୍ତି ବୋଲି ତାଙ୍କ ପୋଷ୍ଟରେ ପ୍ରକାଶ କରିଛନ୍ତି। ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଶିଳ୍ପା ଏକ ନୋଟ୍ ସେୟାର କରିଥିଲେ। ଯେଉଁଥିରେ ଲେଖାଥିଲା, ନମସ୍କାର ! ମୋର କୋଭିଡ୍ ପଜିଟିଭ୍ ପରୀକ୍ଷା ହୋଇଛି ଓ ମୁଁ ପଜିଟିଭ୍ ଚିହ୍ନଟ ହୋଇଛି। ସୁରକ୍ଷିତ ରୁହନ୍ତୁ ଏବଂ ସମସ୍ତେ ମାସ୍କ ପିନ୍ଧନ୍ତୁ ! - ଶିଳ୍ପା ସିରୋଡକର। କ୍ୟାପସନରେ ସେ ଲେଖିଛନ୍ତି, ସୁରକ୍ଷିତ ରୁହନ୍ତୁ। ପ୍ରଶଂସକମାନେ ଶିଳ୍ପା ସିରୋଡକରଙ୍କ ଶୀଘ୍ର ଆରୋଗ୍ୟ କାମନା କରି କମେଣ୍ଟ କରିଛନ୍ତି। ଅନେକ ତାଙ୍କୁ ସଚେତନତା ପ୍ରସାର କରିଥିବା ପାଇଁ ଧନ୍ୟବାଦ ଦେଇଛନ୍ତି ଏବଂ ଅନ୍ୟମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସତର୍କ ରହିବାକୁ କହିଛନ୍ତି। ଜଣେ ବ୍ୟବହାରକାରୀ ମନ୍ତବ୍ୟ ଦେଇଛନ୍ତି, ଶୀଘ୍ର ସୁସ୍ଥ ହୁଅନ୍ତୁ। ଆଉ ଜଣେ କହିଥିଲେ, ଶିଳ୍ପା ଜୀ, ନିଜର ଯତ୍ନ ନିଅନ୍ତୁ।

# ଖୁବ୍‌ଶୀଘ୍ର ରିଲିଜ୍ ହେବ 'ଦି ଗର୍ଲଫ୍ରେଣ୍ଡ' : ରଶ୍ମିକା



ହାଇଦ୍ରାବାଦ, ୨୦।୫ (ହି.ସ): ଅଭିନେତ୍ରୀ ରଶ୍ମିକା ମନ୍ଦାନା ସମ୍ପ୍ରତି ନିଜର ଆଗାମୀ ରୋମାଣ୍ଟିକ ଡ୍ରାମା ଫିଲ୍ମ 'ଦି ଗର୍ଲଫ୍ରେଣ୍ଡ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମକୁ ନେଇ ରଶ୍ମିକାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଫିଲ୍ମକୁ ଯଥାଶୀଘ୍ର ରିଲିଜ୍ କରିବା ପାଇଁ ସେମାନେ ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ୍ ଆରମ୍ଭ କରିଛନ୍ତି। ଏନେଇ ରଶ୍ମିକା ତାଙ୍କ ଏକ୍ସ' ହ୍ୟାଣ୍ଡେଲରେ କହିଛନ୍ତି, ପ୍ରିୟ ପ୍ରଶଂସକମାନେ, 'ଦି ଗର୍ଲଫ୍ରେଣ୍ଡ' ଫିଲ୍ମ ଯଥାଶୀଘ୍ର ରିଲିଜ୍ ହେଉ ବୋଲି ଆପଣମାନେ ଚାହୁଁଛନ୍ତି। ଏଥିପାଇଁ ଆପଣମାନେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ ମଧ୍ୟ ଆରମ୍ଭ କରିଛନ୍ତି। 'ଦି ଗର୍ଲଫ୍ରେଣ୍ଡ'ର ପୂରା ଟିମ୍ ପ୍ରତି ଏହା ଆପଣଙ୍କ ଭଲ ପାଇବାକୁ ଦର୍ଶାଉଛି। ସମ୍ପ୍ରତି ନିର୍ଦ୍ଦେଶକ ରାହୁଲ ରବୀନ୍ଦ୍ରନ୍ 'ଦି ଗର୍ଲଫ୍ରେଣ୍ଡ' ଫିଲ୍ମକୁ ଉତ୍କୃଷ୍ଟ କରିବା ପାଇଁ କଠିନ ପ୍ରୟାସ କରୁଛନ୍ତି। 'ଦି ଗର୍ଲଫ୍ରେଣ୍ଡ' ସମ୍ପୂର୍ଣ୍ଣ ଭାବରେ ଏକ ଚରିତ୍ର ଆଧାରିତ ଫିଲ୍ମ, ଯାହା ଏହାକୁ ଅନ୍ୟ ଫିଲ୍ମଗୁଡ଼ିକଠାରୁ ଅଲଗା କରୁଛି। ଫିଲ୍ମକୁ ଶୀଘ୍ର ରିଲିଜ୍ ନେଇ ପ୍ରଶଂସକଙ୍କ ଟ୍ରେଣ୍ଡ୍ ପରେ ଏହାର ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ଯଥାଶୀଘ୍ର 'ଦି ଗର୍ଲଫ୍ରେଣ୍ଡ'କୁ ରିଲିଜ୍ କରାଯିବ ବୋଲି ରଶ୍ମିକା ନିଜ ପ୍ରଶଂସକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। 'ଦି ଗର୍ଲଫ୍ରେଣ୍ଡ' ଏକ ତେଲୁଗୁ ଫିଲ୍ମ ହୋଇଥିବାବେଳେ ଏହାକୁ ହିନ୍ଦୀ, ତାମିଲ, ମାଲୟାଲମ ଏବଂ କନ୍ନଡ଼ ଭାଷାରେ ମଧ୍ୟ ରିଲିଜ୍ କରାଯିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik